• Vol.- 46, Issue No. 12
• Sunday, 12 April 2026
• ରବିବାର, ୧୨ ଏପ୍ରିଲ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com




### ବୋଦାପାଳସା ପାଇଲା ନୂତନ ପରିଚୟ

# ଅରଡେଇ ପୋଲ ଲୋକାର୍ପିତ

★ ୫ହଜାରରୁ ଅଧିକ ଲୋକଙ୍କ ପାଇଁ ଗମନାଗମନର ମୁଖ୍ୟ ଧାରା
★ ୪୫ ହଜାର ନୂତନ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି
★ ବିଦ୍ୟାଳୟ ଭିତ୍ତିଭୂମି ବିକାଶ ପାଇଁ ୧୦ କୋଟି ଅନୁଦାନ ଘୋଷଣା

କେନ୍ଦୁଝର/ଭୁବନେଶ୍ୱର, ୧୧।୪ : କେନ୍ଦୁଝର ସଦର ଅନ୍ତର୍ଗତ ବୋଦାପାଳସା ଗ୍ରାମପଞ୍ଚାୟତ ପାଇଲା ନୂତନ ପରିଚୟ। ଅରଡେଇ ନାଳ ଉପରେ ନିର୍ମାଣ ହୋଇଥିବା ପୋଲକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଉଦ୍‌ଘାଟନ କରି ଏହାକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବୋଦାପାଳସା ଗ୍ରାମପଂଚାୟତ ଏବଂ ଏହାର ଆଖପାଖ ଗ୍ରାମର ଲୋକଙ୍କୁ ଆଉ ଯିବା ଆସିବାରେ କୌଣସି ଅସୁବିଧା ରହିବ ନାହିଁ। ୧୦୦ ମିଟରରୁ ଅଧିକ ଲମ୍ବ ବିଶିଷ୍ଟ ଏହି ପୋଲ କେନ୍ଦୁଝର ସଦର ଅଞ୍ଚଳ ପାଇଁ ଏକ ନୂତନ ପରିଚୟଆଣିବ। ଉକ୍ତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡଃ ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ନାଏକ ଓ ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ପୋଲଟି ପ୍ରାୟ ୫୦୦୦ରୁ ଅଧିକ ଅଂଚଳବାସୀଙ୍କ ଦୈନନ୍ଦିନ ଗମନାଗମନର ମୁଖ୍ୟ ଧାରାରେ ପରିଣତ ହୋଇଛି । ସେହିପରି ମୁଖ୍ୟମନ୍ତ୍ରୀ ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବରେ ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ୪୫ ହଜାର ନୂତନ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି । ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟର ବିଦ୍ୟାଳୟ ଭିତ୍ତିଭୂମି ବିକାଶ ପାଇଁ ୧୦ କୋଟି ଅନୁଦାନ ଘୋଷଣା କରିଛନ୍ତି। ଏଥିସହ ୭ ଏକର ଜମି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।

## ୧୩ରୁ ଭିତର ରତ୍ନଭଣ୍ଡାରରେ ଗଣତିମଣତି

ପୁରୀ,୧୧।୪(ନିପ୍ର):ପୁରୀ ଶ୍ରୀମନ୍ଦିରର ବାହାର ରତ୍ନଭଣ୍ଡାରର ଗଣତି ଦୀର୍ଘ ୭ ଘଣ୍ଟା ଧରି ଚାଲିଥିଲା ଓ ଏହା ଶେଷ ହୋଇଛି। ଅଳଙ୍କାରର ଥ୍ରୀଡି ମ୍ୟାପିଙ୍ଗ ସହିତ ଭିଡିଓଗ୍ରାଫି ଓ ଫଟୋଗ୍ରାଫି କରାଯାଇଛି । ଆସନ୍ତା ୧୩ ତାରିଖ ସୋମବାର ଠାରୁ ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାରର ଗଣତିମଣତି କାର୍ଯ୍ୟ ଆରମ୍ଭ କରାଯିବ । ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ଥିବାରୁ ଗଣତିମଣତି ବନ୍ଦ ରହିବ । ପରେ ଆସନ୍ତା ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ପୁଣି ଗଣତି ମଣତି କରାଯିବ । ଏହି ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ।

## ଏବର୍ଷ 'ସୁପର ଏଲ୍ ନିନୋ' ତୀବ୍ର ହୋଇପାରେ

ନୂଆଦିଲ୍ଲୀ,୧୧।୪: ପ୍ରଶାନ୍ତ ମହାସାଗରରେ ଏକ ବିକାଶଶୀଳ ଜଳବାୟୁ ଘଟଣା ଏହି ବର୍ଷ ଶେଷ ଆଡ଼କୁ ବିଶ୍ୱ ପାଣିପାଗ ଢାଞ୍ଚାକୁ ପୁନଃଆକୃତି ଦେଇପାରେ। ପୂର୍ବାନୁମାନ ଚେତାବନୀ ମୁତାବକ ଏବର୍ଷ ଏକ ବିରଳ 'ସୁପର ଏଲ୍ ନିନୋ' ତୀବ୍ର ହୋଇପାରେ। ଏଲ୍ ନିନୋ ବିଷୁବ ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହେଉଛି । ଏଲ୍ ନିନୋରେ ସାଧାରଣ ଅପେକ୍ଷା ଅଧିକ ଉତ୍ତପ୍ତ ପର୍ଯ୍ୟାୟ ବିଷୁବ ପ୍ରଶାନ୍ତ ମହାସାଗରରେ ଘଟିଥାଏ। ଫଳରେ ଏହି ଅଞ୍ଚଳରେ ସମୁଦ୍ର ପୃଷ୍ଠ ତାପମାତ୍ରା ବୃଦ୍ଧି ପାଇଥାଏ। ପରିଣତି ସ୍ୱରୂପ ବିଶ୍ୱରେ ମରୁଡ଼ି ଆଶଙ୍କା ଓ ଜଳବାୟୁ ବ୍ୟତିକ୍ରମ ସ୍ଥିତି ଉପୁଜିଥାଏ।

## ଡିଜେଲ ରପ୍ତାନି ଶୁଳ୍କ ବୃଦ୍ଧି

ନୂଆଦିଲ୍ଲୀ, ୧୧।୪: ଡିଜେଲ ଏବଂ ବିମାନ ଇନ୍ଧନ ଉପରେ ଟିକସ ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର। ବିଶେଷ କରି ରପ୍ତାନି ଶୁଳ୍କରେ ହୋଇଥିବା ଏହି ବୃଦ୍ଧି ତୈଳ କମ୍ପାନୀଗୁଡ଼ିକ ଉପରେ ବଡ଼ ପ୍ରଭାବ ପକାଇପାରେ। ରାଜସ୍ୱ ବୃଦ୍ଧି ଏବଂ ଆର୍ଥିକ ଚାପକୁ ଦୃଷ୍ଟିରେ ରଖି ସରକାର ଏହି ପଦକ୍ଷେପ ନେଇଥିବା କୁହାଯାଉଛି। ରପ୍ତାନି ଶୁଳ୍କ ଲିଟର ପିଛା ୫୫.୫ ଟଙ୍କାକୁ ବୃଦ୍ଧି ପାଇଛି। ହାଇ-ସ୍ପିଡ୍ ଡିଜେଲ ଉପରେ ଏହା ୨୪ ଟଙ୍କାକୁ ବୃଦ୍ଧି କରାଯାଇଛି ଏବଂ ବିମାନ ଇନ୍ଧନ ଉପରେ ଏହା ୨୯.୫ ଟଙ୍କାରୁ ବଢ଼ି ୪୨ ଟଙ୍କା ହୋଇଛି। ତେବେ ପେଟ୍ରୋଲ ରପ୍ତାନି ଶୁଳ୍କରେ କୌଣସି ପରିବର୍ତ୍ତନ ହୋଇନାହିଁ, ଏହା ପୂର୍ବପରି ଶୂନ୍ୟ ରହିଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ଏହି ନୂଆ ଦର ଏପ୍ରିଲ ୧ ତାରିଖରୁ ତତ୍କାଳ ଭାବେ ଲାଗୁ କରାଯାଇଛି।

## ରାଜଧାନୀରୁ ଆତଙ୍କୀ ଗିରଫ

■ ଉଠାଇ ନେଲା ଦିଲ୍ଲୀ ସ୍ପେଶାଲ୍ ବ୍ରାଞ୍ଚ
■ ଲାପ୍‌ଟପ୍ ଓ ମୋବାଇଲ ଜବତ



ଭୁବନେଶ୍ୱର, ୧୧।୪: ୟୁନିଟ୍-୬ ଅଞ୍ଚଳରୁ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ଆତଙ୍କୀ ଯୁବକଙ୍କୁ ଦିଲ୍ଲୀ ସ୍ପେଶାଲ ବ୍ରାଞ୍ଚ ଗିରଫ କରିଛି।ଏହି ଘଟଣା ପରେ ପୁଣି ଓଡ଼ିଶା ଆତଙ୍କବାଦୀଙ୍କର ଏକ ନିରାପଦ ଆଶ୍ରୟସ୍ଥଳରେ ପରିଣତ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏହି ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକଙ୍କୁ ସ୍ପେଶାଲ୍ ବ୍ରାଞ୍ଚ ଗିରଫ କରି ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରିବା ପରେ ଟ୍ରାନ୍‌ଜିଟ୍ ରିମାଣ୍ଡରେ ଦିଲ୍ଲୀ ନେଇଯାଇଛି । ଏହି ଘଟଣା ପରେ କମିଶନରେଟ୍ ପୁଲିସ ଅଧିକ ସତର୍କ ହୋଇପଡ଼ିଛି । ମିଳିଥିବା ସୂଚନା ମୁତାବକ ଏହି ଯୁବକ ଜଣକ କିଛି ମାସ ହେବ ୟୁନିଟ୍-୬ ଅଞ୍ଚଳର ଏକ ବସ୍ତିରେ ଘରଭଡ଼ା ନେଇ ରହୁଥିଲା । ସେଠାରୁ ବିଭିନ୍ନ ସାମାଜିକ ଗଣମାଧମରେ ଦେଶଦ୍ରୋହମୂଳକ ଉତ୍ତେଜକ ସ୍ଲୋଗାନମାନ ପୋଷ୍ଟ କରୁଥିଲା । ଏହା ବାବଦରେ ଯୁବକ ପାଖକୁ ବିଭିନ୍ନ ସୂତ୍ରରୁ ଟଙ୍କା ଆସୁଥିଲା । ଏହି ଯୁବକ ଜଣକ କେଉଁ ଉଦ୍ଦେଶ୍ୟରେ ଏଠାରେ ରହି ଏଭଳି ଦେଶଦ୍ରୋହ କାର୍ଯ୍ୟରେ ଲିପ୍ତ ଥିଲେ ତା'ର ଖୋଳତାଡ଼ କରିବା ଲାଗି ସ୍ପେଶାଲ୍ ବ୍ରାଞ୍ଚ ତାକୁ ଦିଲ୍ଲୀ ନେଇଛି । ତା'ଠାରୁ ଲାପଟପ୍, ମୋବାଇଲ୍ ଜବତ ହୋଇଛି । ଯୁବକଙ୍କ ସମ୍ପର୍କରେ ଦିଲ୍ଲୀ ସ୍ପେଶାଲ୍ ବ୍ରାଞ୍ଚ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ । କମିଶନରେଟ୍ ପୁଲିସର ବରିଷ୍ଠ ଅଧିକାରୀମାନେ ମଧ୍ୟ କିଛି କହି ନାହାନ୍ତି । ସୂଚନାଯୋଗ୍ୟ, ୨୦୧୫ ଡିସେମ୍ବରରେ ସାଲେପୁର ପଶ୍ଚିମକଚ୍ଛର ଅବଦୁର ରେହମାନକୁ କମିଶନରେଟ୍ ପୁଲିସ ସହାୟତାରେ ଦିଲ୍ଲୀ ସ୍ପେଶାଲ୍ ବ୍ରାଞ୍ଚ ଗିରଫ କରିଥିଲା।

### ବିଶ୍ୱବାସୀଙ୍କ ଏବେ ନଜର

## ଇସଲାମାବାଦ ଆଲୋଚନା ନିଷ୍କର୍ଷ



ଇସଲାମାବାଦ,୧୧।୪: ମଧ୍ୟପ୍ରାଚ୍ୟରେ ଦୁଇସପ୍ତାହର ଯୁଦ୍ଧ ବିରତି ଲାଗି ରହିବ କି ପୁଣି ଯୁଦ୍ଧର ବିଭୀଷିକା ଆରମ୍ଭ ହୋଇଯିବ, ଏହି ଦ୍ୱନ୍ଦ୍ୱ ଲାଗି ରହିଥିବା ବେଳେ ସାରା ବିଶ୍ୱର ନଜର ରହିଛି ଇସଲାମାବାଦ ଆଲୋଚନା ଉପରେ । କ'ଣ ଆସୁଛି ଏହାର ନିଷ୍କର୍ଷ ତାହା ପ୍ରତି କୌତୂହଳ ଏବେ ସବୁ ସ୍ତରରେ। ଇରାନୀ ଗଣମାଧମ ମୁତାବକ ଶନିବାର ସନ୍ଧ୍ୟାରେ ପାକିସ୍ତାନ ସମୟ ଅନୁଯାୟୀ ଇସଲାମାବାଦରେ ଇରାନ ଏବଂ ଆମେରିକା ପକ୍ଷ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି। ଲେବାନନରେ ଯୁଦ୍ଧବିରତି କାର୍ଯ୍ୟକାରୀ କରିବା, ଆମେରିକୀୟ ପକ୍ଷ ଦ୍ୱାରା ଇରାନୀ ସମ୍ପତ୍ତି ମୁକ୍ତ କରିବା ଏବଂ ଏହି ସମ୍ପର୍କରେ 'ଅଧିକ ବିସ୍ତୃତ ବିଶେଷଜ୍ଞ ଏବଂ ବୈଷୟିକ ଆଲୋଚନାର ଆବଶ୍ୟକତା', ହରମୁଜ୍ ପ୍ରଣାଳୀ ଉପରେ ଆଲୋଚନା ଏସବୁ ଆଲୋଚନାର ପ୍ରମୁଖ ଅଂଶ। ଇରାନ ବିଶ୍ୱାସ କରେ ଯେ ଲେବାନନରେ ଯୁଦ୍ଧବିରତି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇନାହିଁ ଏବଂ ଇସ୍ରାଏଲକୁ ଏହି ପ୍ରତିବଦ୍ଧତା ପାଳନ କରିବା ଆମେରିକାର କର୍ତ୍ତବ୍ୟ। ଇରାନୀ ପ୍ରତିନିଧି ଦଳ ପାକିସ୍ତାନୀ ମଧ୍ୟସ୍ଥିଙ୍କ ମାଧ୍ୟମରେ ଏବଂ ଆଲୋଚନା କକ୍ଷରେ ମଧ୍ୟ ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହିତ ଅନୁସରଣ କରୁଛି। ଇତିମଧ୍ୟରେ ଇରାନୀ ପ୍ରଥମ ଉପ-ରାଷ୍ଟ୍ରପତି ମହମ୍ମଦ-ରେଜା ଆରେଫ୍ ଶନିବାର ଚେତାବନୀ ଦେଇଛନ୍ତି ଯେ ଯଦି ଆମେରିକା ପାକିସ୍ତାନରେ ଆଲୋଚନାରେ ଇସ୍ରାଏଲର ସ୍ୱାର୍ଥକୁ ପ୍ରାଥମିକତା ଦିଏ ତେବେ କୌଣସି ଚୁକ୍ତି ହେବ ନାହିଁ।ସଂସଦ ବାଚସ୍ପତି ମହମ୍ମଦ ବାକର କାଲିବାଫଙ୍କ ନେତୃତ୍ୱରେ ଏକ ଇରାନୀ ପ୍ରତିନିଧିମଣ୍ଡଳ ଏବଂ ଉପରାଷ୍ଟ୍ରପତି ଜେ ଡି ଭାନ୍ସଙ୍କ ନେତୃତ୍ୱରେ ଏକ ଆମେରିକୀୟ ପ୍ରତିନିଧିମଣ୍ଡଳ ମଧ୍ୟପ୍ରାଚ୍ୟରେ ଶତ୍ରୁତା ସମାପ୍ତ କରିବା ପାଇଁ ଆଲୋଚନା ପାଇଁ ପାକିସ୍ତାନର ଇସଲାମାବାଦରେ ଏକାଠି ହୋଇଛନ୍ତି। ସୂଚନାଯୋଗ୍ୟ ଯେ ଇରାନ ଏବଂ ଆମେରିକା ମଧ୍ୟରେ ଦୁଇ ସପ୍ତାହର ଯୁଦ୍ଧବିରତି ଚାଲୁ ରହିଛି।

## ୨୦ରେ 'ମହାନଦୀ' ଶୁଣାଣି: ଏଜି



ଭୁବନେଶ୍ୱର, ୧୧।୪ (ନିପ୍ର): ମହାନଦୀ ଟ୍ରିବ୍ୟୁନାଲ ଶୁଣାଣିକୁ ନେଇ ଏଜି ପୀତାମ୍ବର ଆଚାର୍ଯ୍ୟ ପ୍ରତିକ୍ରିୟା ରଖି କହିଛନ୍ତି ଯେ କ୍ଷେତ୍ରସ୍ଥଳ ପରିଦର୍ଶନ ରିପୋର୍ଟକୁ ଶୁଣାଣିରେ ଅନ୍ତର୍ଭୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୨୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଅଗଷ୍ଟ ୨୦୨୫ରୁ ଦୁଇ ରାଜ୍ୟ ବୈଷୟିକ ଟିମର ୧୩ଥର ବୈଠକ ହୋଇଛି। ଦୁଇ ରାଜ୍ୟର ଟେକ୍ନିକାଲ ଟିମ୍ ସମ୍ପୂର୍ଣ୍ଣ ଜଳ ରାଶିକୁ ହିସାବ କରିଛନ୍ତି । ଏଜି ପୀତାମ୍ବର ଆଚାର୍ଯ୍ୟ ଏହାର ତଥ୍ୟ ଟ୍ରିବ୍ୟୁନାଲରେ ରଖିଥିଲେ। ଆପୋସ ବୁଝାମଣା ନେଇ ଆଲୋଚନା ସଫଳତାର ସହ ଆଗକୁ ବଢ଼ିଛି। ମୁଖ୍ୟ ସଚିବ ଓ ସଚିବସ୍ତରୀୟ ବୈଠକରେ ଅନେକ ବିବାଦୀୟ ପ୍ରସଙ୍ଗରେ ସହମତି ପ୍ରକାଶ ପାଇଛି। ଇବ୍ ଏବଂ ତେଲ ନଦୀରେ ପ୍ରକଳ୍ପ ପ୍ରସ୍ତାବ ସିଡବ୍ଲୁସିରେ ପଡ଼ିରହିଛି। କ୍ଲିୟର ନେଇ ନିର୍ଦ୍ଦେଶ ଦେବାକୁ ଟ୍ରିବ୍ୟୁନାଲକୁ ଅପିଲ କରିଛନ୍ତି ଏଜି।

## ଗଠନ ହେବ ପାନୀୟ ଜଳ ନିଗମ

ଭୁବନେଶ୍ୱର,୧୧।୪(ନିପ୍ର): ରାଜ୍ୟରେ ପାନୀୟ ଜଳ ନିଗମ ଗଠନ ହେବ । ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଶନିବାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏସମ୍ପର୍କରେ ଓଡ଼ିଶାର ଏକ ଟିମ୍ ଖୁବ୍ ଶୀଘ୍ର ମଧ୍ୟପ୍ରଦେଶ ଓ କର୍ଣ୍ଣାଟକକୁ ଯିବ। ସେଠାରେ ଓଡ଼ିଶା ଟିମ୍ ନିଗମର ରୂପରେଖ କେମିତି ହେବ ସେ ବାବଦରେ ଅନୁଧ୍ୟାନ କରିବେ। ଆଇଟି ଓ ଡିଜିଟାଲ ପ୍ଲାଟଫର୍ମ ସହ ନିଗମ କାମ କରିବ। ମେଗା ପ୍ରକଳ୍ପର ଦାୟିତ୍ୱ ୫ ବର୍ଷ ପାଇଁ ଏକ ଏଜେନ୍ସି ନେବ।

## ନାସାର ଆର୍ଟେମିସ-୨ ମିଶନ ଶେଷ

● ଅବତରଣ ନୁହେଁ ଚନ୍ଦ୍ର ଚାରିପାଖେ ଚକ୍କର କାଟି ଫେରିଲେ ୪ ଯାତ୍ରୀ
● ଆର୍ଟେମିସ୍-୩ରେ ଚନ୍ଦ୍ର ପୃଷ୍ଠରେ ମାନବଙ୍କୁ ଓହ୍ଲାଇବ ● ମଙ୍ଗଳ ମିଶନର ପଡ଼ିଲା ମୂଳଦୁଆ !



ୱାଶିଂଟନ, ୧୧।୪: ଆମେରିକାର ସ୍ପେସ ଏଜେନ୍ସି ନାସାର ଆର୍ଟେମିସ-୨ ମିଶନ ସଫଳତାର ସହିତ ସମାପ୍ତ ହୋଇଛି। ଏହି ମିଶନରେ ଅଂଶଗ୍ରହଣ କରିଥିବା ଚାରିଜଣ ମହାକାଶ ଯାତ୍ରୀ ୧୦ ଦିନର ଚନ୍ଦ୍ର ଯାତ୍ରାପରେ ସୁରକ୍ଷିତ ଭାବେ ପୃଥିବୀକୁ ଫେରିଆସିଛନ୍ତି। ମିଶନ ସମୟରେ ସେମାନେ ପୃଥିବୀରୁ ସବୁଠାରୁ ଦୂର ରେକର୍ଡ ଦୂରତା ଅତିକ୍ରମ କରିଥିଲେ। ନାସା ଏକ୍ସରେ ଦେଇଥିବା ସୂଚନା ଅନୁସାରେ, ଚନ୍ଦ୍ର ମିଶନ ଆର୍ଟେମିସ-୨ ର ୪ ଜଣ ମହାକାଶ ଯାତ୍ରୀ— କମାଣ୍ଡରରିଡ୍ ୱାଇଜମ୍ୟାନ, ପାଇଲଟ୍ ଭିକ୍ଟର ଗ୍ଲୋଭର,କ୍ରିଷ୍ଟିନା କୋଚ୍ ଏବଂ କାନାଡାର ଜେରେମି ହାନସେନ— ସୁରକ୍ଷିତ ଭାବେ ପୃଥିବୀକୁ ଫେରିଛନ୍ତି। ସେମାନଙ୍କର ଓରିଅନ୍ ମହାକାଶଯାନ ପ୍ରଶାନ୍ତ ମହାସାଗରରେ ଅବତରଣ କରିଥିଲା। କ୍ୟାଲିଫର୍ଣ୍ଣିଆର ସାନଡିଏଗୋ ସମୁଦ୍ରତଟ ନିକଟରେ ଏହି ଲ୍ୟାଣ୍ଡିଙ୍ଗ ସ୍ଥାନୀୟ ସମୟ ଅନୁଯାୟୀ ରାତି ୮:୦୭ ବେଳେ(ଭାରତୀୟ ସମୟ ଅନୁଯାୟୀ ୧୧ ଏପ୍ରିଲ ସକାଳ ୫:୩୭ ବେଳେ) ଘଟିଥିଲା। ଏହି ମିଶନ ୧ ଏପ୍ରିଲରେ ଫ୍ଲୋରିଡାରୁ ଉଡାଣ ଭରିଥିଲା। ଏହି ସଫଳତା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅଭିନନ୍ଦନ ଜଣାଇଛନ୍ତି। ଆର୍ଟେମିସ୍-୨ ପୃଥିବୀରୁ ସବୁଠାରୁ ଦୂରକୁ ଯାତ୍ରା କରିଥିବା ମାନବ-ଚାଳିତ ମହାକାଶଯାନ ଭାବେ ୧୯୭୦ ମସିହାରେ ଆପୋଲୋ ୧୩ ମିଶନର ଦୂରତା ରେକର୍ଡ ଭାଙ୍ଗିଛି। ଏହା ବ୍ୟତୀତ, ପୃଥିବୀର ବାୟୁମଣ୍ଡଳକୁ ଫେରିବା ସମୟରେ ଆର୍ଟେମିସ୍-୨ର ଗତି ମଧ୍ୟ ଐତିହାସିକ ଭାବରେ ସର୍ବାଧିକ ଥିଲା, ଯାହା ଏହି ମିଶନକୁ ପ୍ରଯୁକ୍ତିବିଦ୍ୟା ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କରିପାରିଛି।ଆର୍ଟେମିସ୍-୨ ଲ୍ୟାଣ୍ଡିଂ ମିଶନ ନୁହେଁ । ଅର୍ଥାତ୍ ମହାକାଶଚାରୀମାନେ ଚନ୍ଦ୍ରପୃଷ୍ଠରେ ଅବତରଣ କରିନାହାନ୍ତି । ସେମାନେ କେବଳ ଏହାର ଚାରିପାଖରେ ଚକ୍କର କାଟି ଫେରିଛନ୍ତି । ମହାକାଶଚାରୀମାନେ ଅତି ନିକଟରୁ ଚନ୍ଦ୍ରର ପରୀକ୍ଷା କରି ପୃଥିବୀକୁ ଚାଲିଆସିଛନ୍ତି । ଏହି ସଫଳତା ପରେ ନାସା ଆର୍ଟେମିସ୍-୩ ଆରମ୍ଭ କରିବ ଏବଂ ଚନ୍ଦ୍ର ପୃଷ୍ଠରେ ମାନବଙ୍କୁ ଓହ୍ଲାଇବ । ଯାହା ଭବିଷ୍ୟତରେ ନାସାର ମଙ୍ଗଳ ମିଶନର ମୂଳଦୁଆ ପକାଇବ ବୋଲି କୁହାଯାଉଛି।

## ଓଡ଼ିଶାକୁ ସର୍ବାଧିକ ବିଶ୍ୱକର୍ମା ପୁରସ୍କାର

### ପୂର୍ତ୍ତ ବିଭାଗର ୩, ଜଳସମ୍ପଦ ବିଭାଗର ୫ ଓ କ୍ରୀଡ଼ା ବିଭାଗର ୨ ପ୍ରକଳ୍ପ ପୁରସ୍କୃତ



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧।୪: ନୂଆଦିଲ୍ଲୀସ୍ଥିତ ବି.ଆର୍. ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରଠାରେ ସି.ଆଇ.ଡି.ସି. ଦ୍ୱାରା ଆୟୋଜିତ ୧୭ତମ ବିଶ୍ୱକର୍ମା ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆବେଦନ କରାଯାଇଥିବା ୧୦ଟି ପ୍ରକଳ୍ପକୁ ମିଶାଇ ସର୍ବମୋଟ ୧୭ଟି ପ୍ରକଳ୍ପକୁ ବିଭିନ୍ନ ବିଭାଗରେ ପୁରସ୍କୃତ କରାଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ମନ୍ତ୍ରୀ ନିତୀନ ଗଡ଼କରୀ ନିର୍ମାଣ କ୍ଷେତ୍ରରେ ନୂତନତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ରାସ୍ତା ଓ କୋଠାବାଡ଼ି ନିର୍ମାଣ କ୍ଷେତ୍ରରେ ନୂତନ ପାରଦର୍ଶିତା ସହିତ ଡି.ପି.ଆର ବନାଇବା ପାଇଁ ସୁଯୋଗ ସୃଷ୍ଟି କରାଯିବା ଉପରେ ଜୋର ଦେଇଥିଲେ । ରାଜ୍ୟ ପୂର୍ତ୍ତ ବିଭାଗର ତିନିଗୋଟି ପ୍ରକଳ୍ପ ଯଥା- ଲୋକାୟୁକ୍ତ ଭବନ, ଯାଜପୁରସ୍ଥିତ ମାତୃଶିଶୁ ହସ୍ପିଟାଲ୍, ବଲାଙ୍ଗିରସ୍ଥିତ ସଦ୍ୟ ସମାପ୍ତ ହୋଇଥିବା କ୍ୟାନସର ହସ୍ପିଟାଲକୁ ପୁରସ୍କୃତ କରାଯାଇଥିଲା । ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମନୋଜ ମହାନନ୍ଦ ପୁରସ୍କାର ଗ୍ରହଣ କରିଥିଲେ । ସେହିପରି ରାଜ୍ୟ ଜଳସମ୍ପଦ ବିଭାଗର ୫ ଗୋଟି ପ୍ରକଳ୍ପ ଯଥା: ଗଙ୍ଗାଧର ମେହେର ପ୍ରକଳ୍ପ, ପୁରୁଣାଗଡ଼ ମେଗା ଲିଫ୍ଟ, ଭଞ୍ଜନଗର ଡ୍ୟାମ୍, ମହାବରିଡା ଆନିକଟ, ଲୋୟର ସୁକତେଲକୁ ପୁରସ୍କୃତ କରାଯାଇଥିଲା । ସର୍ବୋଚ୍ଚ ଯନ୍ତ୍ରୀ ଲିଙ୍ଗରାଜ ଗୌଡ଼ ପୁରସ୍କାର ଗ୍ରହଣ କରିଥିଲେ । ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀ ଧୀରେନ୍ଦ୍ର କୁମାର ପଟ୍ଟନାୟକ କଳିଙ୍ଗ ଷ୍ଟାଡିୟମ୍ ସ୍ଥିତ ଦୁଇଟି ଭବନ ଯଥା ସଟଲ୍ ଏବଂ ଆକ୍ୱାଟିକ୍ ଭବନ ପାଇଁ ପୁରସ୍କାର ଗ୍ରହଣ କରିଥିଲେ ।ରାଜ୍ୟ ପୁଲିସ୍ ଗୃହ ନିର୍ମାଣ ନିଗମର ମୁଖ୍ୟଯନ୍ତ୍ରୀ ଇଂ ନର୍ମଦା ବେହେରା, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଶ୍ରୀକାନ୍ତ ସାମଲ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀସ୍ଥିତ ଅତ୍ୟାଧୁନିକ ହଷ୍ଟେଲ ଭବନ ପାଇଁ ପୁରସ୍କାର ଗ୍ରହଣ କରିଥିଲେ।



# ଶ୍ରୀକ୍ଷେତ୍ରର ‘ମହାବୀର ନୀଳ’



ମହାବିଷୁବ ସଂକ୍ରାନ୍ତିକୁ ବର୍ଷର ପ୍ରଥମ ସଂକ୍ରାନ୍ତି ଭାବେ ଗ୍ରହଣ କରାଯାଏ । ଓଡ଼ିଆ ପଞ୍ଜିକା ଗଣନାନୁସାରେ ଏହି ଦିନ ବର୍ଷାରମ୍ଭର ପ୍ରଥମ ଦିନ । ସୌରମାନ ଅନୁସାରେ ସୂର୍ଯ୍ୟ ଗୋଟିଏ ରାଶିରୁ ଯେଉଁଦିନ ଅନ୍ୟ ରାଶିକୁ ଗମନ କରନ୍ତି ସେଦିନ ହିଁ ମାସର ପ୍ରଥମ ଦିନ ଓ ସଂକ୍ରାନ୍ତି । ମହାବିଷୁବ ସଂକ୍ରାନ୍ତିର ଅନ୍ୟ ନାମ ପଣା ସଂକ୍ରାନ୍ତି ଓ ଜଳ ସଂକ୍ରାନ୍ତି ମଧ୍ୟ । ଏହି ସମୟରେ ଜଳଦାନ ଅତି ପୁଣ୍ୟ କାର୍ଯ୍ୟ ହୋଇଥିବାରୁ ହିନ୍ଦୁ ପରିବାରରେ ଚଉରାରେ ତୁଳସୀ ବୃକ୍ଷ ଉପରେ ଘଡ଼ିରେ ଜଳ ରଖି ସୂକ୍ଷ୍ମ ରନ୍ଧ୍ର ସାହାଯ୍ୟରେ ଜଳଧାର ପ୍ରଦାନର ବିଧି ରହିଛି । ଏହି ଦିନ ଉଦ୍‌ଯାପନ ହୁଏ ପବିତ୍ର ଝାମୁ ବ୍ରତ ଓ ଦଣ୍ଡଯାତ୍ରାର । ଉତ୍ତର ଭାରତରେ ମହାବିଷୁବ ସଂକ୍ରାନ୍ତି ଠାରୁ ମାନସିକ କରି ଧାନ୍ୟ, ଲବଣ, ଭୋଗ, ରୂପ, ତେଜ, ସୌଭାଗ୍ୟ, ତାମ୍ବୁଳ, ମନୋରଥ, ଅଶୋକ, ଆୟୁ ଏବଂ ଧନ ସଂକ୍ରାନ୍ତି ବ୍ରତ ପାଳନ ଆରମ୍ଭ ହୁଏ । ପୁଣି ବର୍ଷକ ପରେ ଏହି ସଂକ୍ରାନ୍ତି ଦିନ ବ୍ରତ ଉଦ୍‌ଯାପନ ହୁଏ । ଏହି ଦିନ ପାଳିତ ହୁଏ ହନୁମାନ ଜୟନ୍ତୀ । ତେବେ ଏହି ମହାବିଷୁବ ସଂକ୍ରାନ୍ତି ଦିନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀକ୍ଷେତ୍ରର ଜଗନ୍ନାଥ ବଲ୍ଲଭ ସ୍ଥିତ ‘ମହାବୀର ନୀଳ’ଙ୍କ ଐତିହ୍ୟ, ମହିମା ଓ ସମ୍ୟକ ଅନାଲୋଚିତ ତଥ୍ୟ ଏଠାରେ ଉପସ୍ଥାପିତ।

## ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ସହିତ ଭାବପୂର୍ଣ୍ଣ ସମ୍ପର୍କ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ଅନନ୍ୟ, ମହିମା, କିମ୍ବଦନ୍ତୀ, ଲୋକକଥା ମଧ୍ୟ ଅନେକ ରହିଛି। ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ର ହେଉଛି ଐତିହ୍ୟ ନଗରୀ ଓ ଏଥିରେ ରହିଛି ଅନେକ ଆଧ୍ୟାତ୍ମିକ ଐତିହ୍ୟ କୀର୍ତ୍ତିରାଜି। ଏକଦା ଗହଳି ଫାଟୁଥିବା ଶହ ଶହ ବର୍ଷର ପ୍ରାଚୀନ ଗଳି ଏବଂ ଐତିହ୍ୟ ସ୍ଥଳୀ ଗୁଡ଼ିକ କାଳର ଗର୍ଭରେ ଏକ ପ୍ରକାର ଲୀନ ହୋଇଯାଇଛି। ଅନେକ ହୁଏତ ଜାଣିନଥିବେ ମହାପ୍ରଭୁଙ୍କ ଦିବ୍ୟ ଲୀଳାସ୍ଥଳୀ ଜଗନ୍ନାଥ ବଲ୍ଲଭ ଭଳି ବଡ଼ ଠାକୁରଙ୍କ ନାମରେ ଥିଲା ‘ବଳଭଦ୍ର ବଲ୍ଲଭ’ ଏହା ଠିକ ଜଗନ୍ନାଥ ବଲ୍ଲଭର ଆଗ ପାର୍ଶ୍ୱରେ ଅବସ୍ଥିତ। ବର୍ତ୍ତମାନ ଯେ କେହି ଏବେର ପରିବର୍ତ୍ତିତ ବଳଭଦ୍ର ବଲ୍ଲଭ ଦେଖିବ କିନ୍ତୁ ଦିନ ଥିଲା ଏହି ବଳଭଦ୍ର ବଲ୍ଲଭ ଥିଲା ଏକ ବିଶାଳ ଜନବସତି। ବଳଭଦ୍ର ବଲ୍ଲଭର ପରିଚୟ କହିଲେ



ଲୋକେ ବୁଝନ୍ତି କେବଳ ବଳଭଦ୍ର ଲେନ ଓ ମହାବୀର ମନ୍ଦିର। କିନ୍ତୁ ଅନେକ ଐତିହ୍ୟର ସତ୍ତା ଏବେ ବି ଗବେଷକଙ୍କ ଗବେଷଣାକୁ ଅପେକ୍ଷା କରିଛି। ଲୋକମୁଖରେ କୁହାଯାଏ ଯେ, ବଳଭଦ୍ର ବଲ୍ଲଭର ଦେବସ୍ଥଳୀ ଅର୍ଥାତ୍ ପୋଖରୀଆସ୍ଥିତ ଠାକୁରେ ହେଉଛନ୍ତି ‘ମହାବୀର ନୀଳ’ କେହି କେହି ଭକ୍ତି ଭାବନାରେ ହେଉ ବା ଅପଭ୍ରଂଶ କ୍ରମେ ମହାବୀରଙ୍କୁ ନଳ ବୋଲି କହିଥାନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତି ଓ ଅନେକ ପ୍ରାଚୀନତମ ପରମ୍ପରା ସହିତ ଏହି ପବିତ୍ରସ୍ଥଳୀର ଭାବପୂର୍ଣ୍ଣ ସମ୍ପର୍କ ରହିଛି। ବର୍ଷରେ ଥରେ ଏକ ସ୍ୱତନ୍ତ୍ର ନୀତିକାନ୍ତି କ୍ରମେ ମହାବିଷୁବ ସଂକ୍ରାନ୍ତିରେ ଶ୍ରୀମନ୍ଦିରର ପୂଜା ପଣ୍ଡା ଆଜ୍ଞାମାଳ ଧରି ଏହି କ୍ଷେତ୍ରକୁ ଆସିଥାନ୍ତି। କିଛି ରୂପରେଖ ବଦଳି ଥିଲେ ମଧ୍ୟ ବର୍ଷ ବର୍ଷର ଅନେକ ପରମ୍ପରା ଏସବୁ ଭିତରେ ରହିଛି। ଏହି ପ୍ରାଚୀନତମ ସ୍ଥଳୀର ମହାତ୍ମ୍ୟ ଅନେକ।

## ଚାରୋଟି ଉପବନ ଆଧ୍ୟାତ୍ମିକ ପ୍ରସିଦ୍ଧ କ୍ଷେତ୍ର

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗଲାଗି ମାଳକୁ ପୂଜାପଣ୍ଡା ମହୋଦୟ ଆଣିବା ପରେ ଘଣ୍ଟ ଘଟୁଆର ଓ ଏକ ବିଶାଳ ପଟୁଆରରେ ଏହି ଆଜ୍ଞାମାଳ ମହାବୀରଙ୍କୁ ଲାଗି ହୋଇଥାଏ। ଐତିହାସିକ ତଥ୍ୟ ଅନୁଯାୟୀ ତଥା ମାଦଳା ପାଞ୍ଜିରେ ମଧ ଉଲ୍ଲେଖ ରହିଛି ଯେ ମହାପ୍ରଭୁଙ୍କ ଦିବ୍ୟ ପୁରୁଷୋତ୍ତମ କ୍ଷେତ୍ରର ଅନ୍ୟତମ ପ୍ରାଚୀନ ସାହି ହେଉଛି କୁଣ୍ଡେଇବେଣ୍ଟ ସାହି। ଯାହାର ପୁରୁଣା ନାମଟି ଥିଲା ‘ହରିବଂଶପୁର’। ପରବର୍ତ୍ତୀ ସମୟରେ ଏହି ଅଞ୍ଚଳ ଚାରୋଟି କ୍ଷେତ୍ର ଭାବେ ବିଭକ୍ତ ହୋଇ ଜଗନ୍ନାଥ ବଲ୍ଲଭ, ବଳଭଦ୍ର ବଲ୍ଲଭ, ଗୋପୀନାଥ ବଲ୍ଲଭ ଓ ସୁଦର୍ଶନ ବଲ୍ଲଭ ଭାବେ ପରିଚିତ ହେଲା। ଦିନ ଥିଲା ଉପରୋକ୍ତ ଏହି ଚାରୋଟି ଉପବନ ଏକ ଆଧ୍ୟାତ୍ମିକ ପ୍ରସିଦ୍ଧ କ୍ଷେତ୍ର ରୂପେ ଅନେକ ଭକ୍ତଙ୍କ ସମାଗମ ହେଉଥିଲା। ବଳଭଦ୍ର ବଲ୍ଲଭର ସୀମା ହେଉଛି ବଳଭଦ୍ର ଗଳି ନିକଟର ପୋଖରିଆ ନାମକ ଜନବସତିଠାରୁ ଭାରତୀ ମଠର ମହାବୀର ପୋଖରୀ ପର୍ଯ୍ୟନ୍ତ। କର୍ପୂର ଉଡି କନା ପଡ଼ି ରହିଲା ପରି ଏବେ ବି ଏହି ଐତିହ୍ୟ ନୀରବ ସାକ୍ଷୀ ସ୍ୱରୂପ ପୂର୍ବ ସ୍ଥାନରେ ମହାବୀର ପୂଜିତ ହେଉଛନ୍ତି।

ମହାପ୍ରଭୁଙ୍କ ଶ୍ରୀକ୍ଷେତ୍ରର ଏହି ଆଧ୍ୟାତ୍ମିକ ପ୍ରସିଦ୍ଧ ବଳଭଦ୍ର ବଲ୍ଲଭର ଆରାଧ୍ୟ ଠାକୁର ହେଉଛନ୍ତି ‘ମହାବୀର ନୀଳ’। ଏହି ଜଗନ୍ନାଥ ବଲ୍ଲଭ କ୍ଷେତ୍ରରେ ବିଜେ ପୂଜିତ ହେଉଛନ୍ତି ସୁଗ୍ରୀବମହାବୀର, ଗୁମ୍ଫା ମହାବୀର ଓ ଗୁଆବାରି ମହାବୀର। ପୋଖରିଆରେ ବିଜେ ମହାବୀର ନୀଳଙ୍କ ବିଷୁବ ସଂକ୍ରାନ୍ତିରେ ଅନେକ ସ୍ୱତନ୍ତ୍ର ନୀତିକାନ୍ତି ରହିଛି। ଆଧ୍ୟାତ୍ମିକ ଭାବଗତ ଦୃଷ୍ଟିକୋଣରୁ ଏଠାକୁ ମହାପ୍ରଭୁଙ୍କ ଆଜ୍ଞାମାଳ ପହଞ୍ଚିବା ପରେ ଆଳତୀ କାହାଳୀ ବାଜେ, ପଂକ୍ତିଭୋଗ ଓ ଶିରିପା ଭିଡ଼ା ପରେ ଆଜ୍ଞାମାଳ ଲାଗି କରାଯାଏ। ପରବର୍ତ୍ତୀ କାର୍ଯ୍ୟକ୍ରମରେ ‘ଦରିଆ ମହାବୀର’ଙ୍କ ନିକଟକୁ ମହାପ୍ରଭୁଙ୍କ ଆଜ୍ଞାମାଳ ବିଜେ ହୁଏ। ପୀଠର ଆରାଧ୍ୟ ମହାବୀରଙ୍କ ମହିମା ଓ ଲୀଳା ତଥା କୃପାକୁ ନେଇ ଅନେକ ଲୋକ ଅନେକ ପ୍ରତ୍ୟକ୍ଷତାକୁ ବର୍ଣ୍ଣନା କରନ୍ତି। ଠାକୁରଙ୍କୁ ଡାକିଲେ ସେ ଶୁଣନ୍ତି ଆଉ ଘରୁ ବାହାରିବା ସମୟରେ ତାଙ୍କୁ ସ୍ମରଣ କରି ଯାତ୍ରା ଆରମ୍ଭ କଲେ ସବୁ ମାନସିକ, ସବୁ ସଂକଳ୍ପ ପୂରଣ ହେବାର ବିଶ୍ୱାସ ରହିଛି। ପୁରୀବାସୀଙ୍କର ସେ ଅନ୍ୟତମ ଇଷ୍ଟଦେବତା। ଯେ କୌଣସି ମାଙ୍ଗଳିକ ଘରୋଇ କାର୍ଯ୍ୟକ୍ରମ ହେଉ ବା ଆଧ୍ୟାତ୍ମିକ ମହାବୀରଙ୍କୁ ମାଜଣା କଲେ ସର୍ବମଙ୍ଗଳ ହୋଇଥାଏ। ପୂର୍ବେ ମନ୍ଦିରର ପଛ ପଟରେ ଏକ ତୁଳସୀ ବଗିଚା ଥିଲା। ପରବର୍ତ୍ତୀ ସମୟରେ ମନ୍ଦିର ସାମ୍ନାରେ ଏକ ବିଶାଳ ଫୁଲ ଉଦ୍ୟାନ ତିଆରି ହୋଇଛି। ତେବେ ବଳଭଦ୍ର ବଲ୍ଲଭର ପ୍ରାଚୀନତା, ଐତିହ୍ୟ ଓ ‘ମହାବୀର ନୀଳ’ଙ୍କ ପାଖକୁ ମାନସିକ ସଂକଳ୍ପ



## ବିଷୁବ ସଂକ୍ରାନ୍ତିରେ ଅନେକ ସ୍ୱତନ୍ତ୍ର ନୀତିକାନ୍ତି

ନିମିତ୍ତ ପ୍ରତିଦିନ ଓଡ଼ିଶା ଓ ଓଡ଼ିଶା ବାହାରୁ ଅନେକ ଭକ୍ତ ମାନଙ୍କର ଆଗମନ ହୋଇଥାଏ। ତେବେ ବିଷୁବ ସଂକ୍ରାନ୍ତିରେ ମହାବୀର ନୀଳଙ୍କ ଆଜ୍ଞାମାଳ ବିଜେ ଓ ଏହି ଦିନ ସ୍ୱତନ୍ତ୍ର ନୀତିକାନ୍ତି ଓ ସଂକଳ୍ପ ପୂଜା ରହୁଥିବାରୁ ଅନେକ ମାନସିକ ଧାରୀଙ୍କ ଆଗମନ ହୋଇଥାଏ। ଭଗବାନ ମହାବୀର ନୀଳ ସମସ୍ତଙ୍କୁ କୃପା ଆଶୀର୍ବାଦ କରନ୍ତୁ ଏହା ହିଁ ପ୍ରାର୍ଥନା। ‘ବ୍ରହ୍ମ ପୁରାଣ’ ମତାନୁସାରେ - ‘ନମୋ ଦେବୌ ମହା ଦେବ୍ୟେ ବୈଷ୍ଣବୈଚ ନମୋନମଃ। ବ୍ରହ୍ମାଣ୍ୟୈ ବ୍ରହ୍ମରୂପାୟୈ ଶିବାୟୈସତତଂ ନମଃ।। ଚାହାଣୌ ରୁଦ୍ରରୂପାୟୈ କାଳରାତ୍ର୍ୟୈ ନମୋନମଃ, ବୈଷ୍ଣବ୍ୟୈ ବିଷ୍ଣୁରୂପାୟୈ ମହାଲକ୍ଷ୍ମ୍ୟୈ ନମୋନମଃ। ସ୍ତ୍ରୀ ରୂପିଣ୍ୟୈ ନମସ୍ତେସ୍ତୁ ସୁଭଦ୍ରେତାଂ ନମାମ୍ୟହଂ। ସାକ୍ଷାତ ବ୍ରହ୍ମସ୍ୱରୂପାଂ ତ୍ୱାଂ ଜଗଦମ୍ବେ ନମେଦ୍ଧସ୍ତୁତେ, ଅର୍ଥାତ୍ ସେ ହେଲେ ବ୍ରହ୍ମ ସ୍ୱରୂପିଣୀ, ମହାଦେବୀ, ତ୍ରୟସିଦ୍ଧି, ସର୍ବସିଦ୍ଧି ପ୍ରଦାୟିନୀ, ସର୍ବଶୁଭପ୍ରଦାୟିନୀ, ଯୋଗମାୟା, ମହାମାୟା, ଯୋଗନିଦ୍ରା ବିମୋହିନୀ, ଚିନ୍ମୟୀ ଶକ୍ତି, ବ୍ରହ୍ମମୟୀ, ତତ୍ତ୍ୱମୟୀ, କ୍ରିୟାମୟୀ।

ପୁଷ୍ପମିତ୍ର ମହାପାତ୍ର, କଟକ, ଦୂରଭାଷ : ୯୪୩୭୨୨୫୬୮୯

## ମା’ ତାରିଣୀଙ୍କର ପ୍ରସିଦ୍ଧ ଚଇତି ପର୍ବ

**ଚଇତି ପର୍ବ ଆରମ୍ଭ ଦିନ ବ୍ରାହ୍ମ ମୁହୂର୍ତ୍ତରେ ପ୍ରଥମେ ମା’ଙ୍କୁ ହଳଦୀ, ଚୂଆ, ଗଙ୍ଗାଜଳ, ଅଗୁର,ଚନ୍ଦନ ଆଦିରେ ମହାସ୍ନାନ କରାଯାଇଥିଲା । ସ୍ନାନ ପରେ ନଡ଼ିଆରାଣୀଙ୍କୁ ସିନ୍ଦୂରରେ ସଜ୍ଜିତ କରାଯାଇଥିଲା ।**



କେନ୍ଦୁଝର ଜିଲ୍ଲାର ଆରାଧ୍ୟ ଦେବୀ ମା’ ତାରିଣୀଙ୍କର ପ୍ରସିଦ୍ଧ ଚଇତି ପର୍ବ । ମାଟି ଘୋଡ଼ା ପ୍ରିୟ ମା’ ର ମନ୍ଦିର ପ୍ରକମ୍ପିତ ହେଉଛି । ମା’ ତାରିଣୀ ପୀଠରେ ୧୫ ତାରିଖ ଯାଏଁ ଅନୁଷ୍ଠିତ ହେଉଛି ୯୦ ତମ ଚଇତି ପର୍ବ । ନଡ଼ିଆରାଣୀର ଏହି ପବିତ୍ର ଚଇତି ପର୍ବରେ ମା’ ସୁନାବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ପ୍ରତିଦିନ ମନ୍ଦିର ଭିତରେ ଭାଗବତ ପାଠ, ଚଣ୍ଡୀପାଠ ହେବା ସହ ସାଂସ୍କୃତିକ ମଣ୍ଡପରେ ସକାଳ ୯ଟାରୁ ସନ୍ଧ୍ୟା ସାଢ଼େ ୫ଟା ଯାଏ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁଛି । ଚଇତି ପର୍ବର ୬ଷ୍ଠ ଦିନ, ଆସନ୍ତା ୧୪ ତାରିଖ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷରେ ମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କର ସମାଗମ ହେବ । ଚଇତି ପର୍ବ ଆରମ୍ଭ ଦିନ ବ୍ରାହ୍ମ ମୁହୂର୍ତ୍ତରେ ପ୍ରଥମେ ମା’ଙ୍କୁ ହଳଦୀ, ଚୂଆ, ଗଙ୍ଗାଜଳ, ଅଗୁର,ଚନ୍ଦନ ଆଦିରେ ମହାସ୍ନାନ କରାଯାଇଥିଲା । ସ୍ନାନ ପରେ ନଡ଼ିଆରାଣୀଙ୍କୁ ସିନ୍ଦୂରରେ ସଜ୍ଜିତ କରାଯାଇଥିଲା । ପରେ ମା’ଙ୍କୁ ସୁନାମୁକୁଟ, ସୁନାର ଚକ୍ଷୁ,ଚିତା,ସୁନାର ମୁଖ ଏବଂ ହୀରାର ନୋଥ ଆଭୂଷଣ କରି ବଡ଼ସିଂହାର ବେଶ କରାଯାଇଥିଲା । ରୀତିନୀତି ଅନୁସାରେ ଷୋଡ଼ଶ ଉପଚାରରେ ମାଆଙ୍କ ପୂଜା କରାଯାଇଥିଲା । ମା’ ତାରିଣୀ ଏବେ ଭକ୍ତଙ୍କୁ ସୁନାବେଶରେ ଦର୍ଶନ ଦେବେ । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାରିକେଡର ବ୍ୟବସ୍ଥା କରାଯାଇଛି । କେଉଁ ଆବାହନ କାଳରୁ ମା’ ଶାଳବଣରେ ପୂଜା ପାଇ ଆସୁଥିବା ବେଳେ ୧୯୩୭ ମସିହାରୁ ମନ୍ଦିର ଟ୍ରଷ୍ଟବୋର୍ଡ ପକ୍ଷରୁ ପାଳିତ ହୋଇ ଆସୁଛି ମା’ଙ୍କ ଏହି ଚଇତି ପର୍ବ । ପ୍ରତ୍ୟେକ ଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଭକ୍ତମାନଙ୍କ ଭିଡ଼ ମା’ଙ୍କ ପୀଠରେ ଲାଗି ରହିଥାଏ ।।

## ଅବହେଳିତ ହେଉଛି ପଞ୍ଚୁପାଣ୍ଡବ ପୀଠ

ଧୀରେ ଧୀରେ ମଳିନ ପଡ଼ିଗଲାଣି ଦ୍ୱାପର ଯୁଗର ପୌରାଣିକ କିର୍ତ୍ତୀରାଜି । ଲକ୍ଷ୍ୟାଧିକ ଶ୍ରଦ୍ଧାଳୁଙ୍କ ଭାବାବେଗ ସହ ମଧ୍ୟ ଜଡ଼ିତ ପୀଠକୁ ଦର୍ଶନ କରିବା ପାଇଁ ଯିବାକୁ ନା ଅଛି ଭଲ ରାସ୍ତା ନା ବିଜୁଳି ଆଲୋକ। ସନ୍ଧ୍ୟା ହେଉ ହେଉ ମାଡି ଆସୁଛି ଘନ ଅନ୍ଧକାର । ଖାଲି ସେତିକି ନୁହେଁ ସେଠାରେ ରହଣି ବ୍ୟବସ୍ଥା ନଥିବାରୁ ହଟ ହଟା ହେଉଛନ୍ତି ସାଧାରଣ ଲୋକେ । ଏପରିକି ମୁନ୍ଦାଏ ପିଇବା ପାଣି ପାଇଁ ସଂଘର୍ଷ କରୁଛନ୍ତି ପର୍ଯ୍ୟଟକ । ପ୍ରଶାସନ ଅଭାବରୁ ଘନ ଜଙ୍ଗଲ ଭିତରେ



ହଜିଯିବାକୁ ବସିଛି ପଞ୍ଚୁପାଣ୍ଡବ ପୀଠ । ରାସ୍ତା, ବିଦ୍ୟୁତ ସଂଯୋଗ, ବିଶ୍ରାମସ୍ଥଳୀ ବ୍ୟବସ୍ଥା ନଥିବାରୁ ପର୍ଯ୍ୟଟକଙ୍କ ସଂଖ୍ୟା ଧୀରେ ଧୀରେ କମିବାରେ ଲାଗିଛି । ସେହି ପରି ପଞ୍ଚତୀର୍ଥ କ୍ଷେତ୍ର ମଧ୍ୟରୁ ମହୋଦଧି , ମାର୍କଣ୍ଡ , ଇନ୍ଦ୍ରଦ୍ୟୁମ୍ନ, ଶ୍ୱେତଗଙ୍ଗାକୁ ବାଦ୍ ଦେଲେ ଅନ୍ୟତମ ତୀର୍ଥ ଅର୍ଜୁନେଶ୍ୱର ପୀଠ ରହିଛି । ଏହିଠାରୁ ସଂଗ୍ରହ କରି ଶ୍ରୀ ଅଲାରନାଥ ଦେବଙ୍କ ପୁଷ୍ୟାଭିଷେକ ନୀତି କରାଯାଇଥାଏ। ତେବେ



୬ ଏକର ଅଞ୍ଚଳରେ ପରିବ୍ୟାପ୍ତ ଅର୍ଜୁନସର ଏବଂ ୧୬ ଏକର ପରିମିତ ଅଞ୍ଚଳରେ ପରିବ୍ୟାପ୍ତ ପ୍ରସିଦ୍ଧ ଚକୁଳେଶ୍ୱରଙ୍କ ପୁଷ୍କରିଣୀ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏ ବିଷୟରେ ଗବେଷକମାନେ ଗବେଷଣା କରିବା ଲାଗି ପଞ୍ଚୁପାଣ୍ଡବ ପୀଠକୁ ଆସୁଛନ୍ତି। କିନ୍ତୁ ରହଣି ସୁବିଧା ନଥବା ଏବଂ ପ୍ରତିକୂଳ ପରିବେଶ ଯୋଗୁ ସେମାନେ ଫେରି ଯାଉଛନ୍ତି। ଶ୍ରୀଅଲାରନାଥ, ମା’ ବାଲିହରଚଣ୍ଡୀ, ଉଦକୁଣ୍ଡଳେଶ୍ୱର ଭଳି ପ୍ରାଚୀନ ପୀଠ ସମେତ ସାତପଡ଼ା ଚିଲିକାର ନୈସର୍ଗିକ ଦୃଶ୍ୟ ଉପଭୋଗ କରିବାକୁ ବର୍ଷତମାମ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି । କିନ୍ତୁ ବ୍ରହ୍ମଗିରିଠାରୁ ହାରାହାରି ୧୦ କିମି ପରିଧିରେ ଥିବା ଶ୍ରୀ ମହାଦେବ, ଶ୍ରୀ ରାମେଶ୍ୱର, ଶ୍ରୀ ଅର୍ଜୁନେଶ୍ୱର, ଶ୍ରୀ ନଶ୍ୱର, ଶ୍ରୀହରି ସହଳ ପାଠକୁ ନେଇ ପରିକଳ୍ପିତ ପଞ୍ଚୁପାଣ୍ଡବ ପୀଠର ଆଧାତ୍ମିକତା ଗୁରୁତ୍ୱ ଥିବା ସତ୍ତ୍ୱେ ପ୍ରୋତ୍ସାହନ ଅଭାବରୁ ଏହା ଦୃଷ୍ଟି ଆଢୁଆଳରେ ରହିଯାଇଛି। ପ୍ରଶାସନ ତରଫରୁ କୌଣସି ସୁବିଧା ସୁଯୋଗ କରାନ ଯିବାରୁ ସାଂସ୍କୃତିକ ପୀଠର ଏଭଳି ଅବସ୍ଥା ହୋଇଛି ବୋଲି କୁହାଯାଉଛି । ଏନେଇ ପୌରାଣିକ ପୀଠ ଗୁଡିକର ରକ୍ଷଣାବେକ୍ଷଣ କରିବାକୁ ଦାବି କାରାଯାଉଛି ।

## 'ଅମୃତ ପିଢ଼ି' ସାରସ୍ୱତ ସମାରୋହ'

ଭୁବନେଶ୍ୱର,(ହି.ସ.)- ଓଡ଼ିଆ ଭାଷାର କାଳଜୟୀ ସୃଷ୍ଟିକୁ ସମ୍ମାନ ଜଣାଇବା ପାଇଁ ଏବଂ ନୂତନ ପିଢ଼ିର ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ
ଓଡ଼ିଆ ପକ୍ଷ-୨୦୨୬ ଅବସରରେ ଆୟୋଜିତ ହେଉଛି 'ଅମୃତ ପିଢ଼ି ସାରସ୍ୱତ ସମାରୋହ'। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଏକାଠି ହେବା ଏବଂ ଆମ ମାତୃଭାଷାର ସୌରଭକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଆହ୍ୱାନ କରିଛନ୍ତି ।

## ପରମ୍ପରାର ଅନନ୍ୟ ପରିଚୟ 'ଛେନାପୋଡ଼' : ରାଜ୍ୟପାଳ

ଭୁବନେଶ୍ୱର,(ହି.ସ.): 'ଛେନାପୋଡ଼ ଦିବସ'ରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟପାଳ ଡ.ହରିବାବୁ କମ୍ଭମପତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳ କହିଛନ୍ତି ଯେ, ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ପରମ୍ପରାର ଅନନ୍ୟ ପରିଚୟ 'ଛେନାପୋଡ଼'। ଏହି ପାରମ୍ପରିକ ମିଷ୍ଟାନ୍ନ ଓଡ଼ିଆ ଖାଦ୍ୟ ପରମ୍ପରାର ଗର୍ବ ଓ ଆମ ଐତିହ୍ୟର ଏକ ଅବିଚ୍ଛେଦ୍ୟ ଅଙ୍ଗ। ପବିତ୍ର 'ଛେନାପୋଡ଼ ଦିବସ'ରେ ସମସ୍ତ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା।

## ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମରେ ଆନ୍ତଃଜିଲ୍ଲା ସିଏମ୍ ଟ୍ରଫି

ରାଉରକେଲା,(ନିପ୍ର): ବିର୍ସା ଛକ ଠାରେ ଥିବା ବିର୍ସା ମୁଣ୍ଡା ଆଥେଲେଟିକ୍ ଷ୍ଟାଡିୟମରେ ଶୁକ୍ରବାର ଉଦ୍ଘାଟିତ ହୋଇଯାଇଛି ୧୫ ବର୍ଷ ବୟସରୁ କମ୍ ଆନ୍ତଃଜିଲ୍ଲା ଫୁଟବଲ ପ୍ରତିଯୋଗିତା।

ରାଉରକେଲା ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମରେ ଆୟୋଜିତ ଏହି ସିଏମ୍ ଟ୍ରଫି ଫୁଟବଲ୍ ପ୍ରତିଯୋଗିତାର



ଉଦ୍ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବରେ ଡିଏସ୍‌ୱାଇଏସର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ରାଉରକେଲାର କ୍ରୀଡା ଉପନିର୍ଦ୍ଦେଶକ ସୁଦୀପ୍ତ କୁମାର ନାୟକ ମଧ୍ୟ ଉପସ୍ଥିତ ଥିଲେ। ଅପ୍ରେଲ ୧୦ ରୁ ଆରମ୍ଭ ହୋଇ ଆନ୍ତଃଜିଲ୍ଲା ଫୁଟବଲ ପ୍ରତିଯୋଗିତା ଅପ୍ରେଲ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି।

## ଜାଣିଶୁଣି ନବୀନ ଟ୍ରିବ୍ୟୁନାଲ ଯାଇଥିଲେ : ଜୟ ନାରାୟଣ

ଭୁବନେଶ୍ୱର, ' ମହାନଦୀ ଜଳ ବିବାଦ ପାଇଁ ଗଠିତ ଟ୍ରିବ୍ୟୁନାଲ ଅବଧି ବୃଦ୍ଧି ନେଇ ବିଜେପିର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ପ୍ରତିକିୟା ରଖିଛନ୍ତି। ସେ କହିଛନ୍ତି ଯେ ପୂର୍ବ ସରକାର ସମୟରେ ନବୀନ ପଟ୍ଟନାୟକଙ୍କ ଏହା ବଡ଼ ଭୁଲ ଥିଲା। ନବୀନ ପଟ୍ଟନାୟକ ବିନା କାରଣରେ ଟ୍ରିବ୍ୟୁନାଲ ଯାଇଥିଲେ। ସେହି ସମୟରେ ଏହାର ସମାଧାନ ପାଇଁ ଅନେକ ବାଟ ଥିଲା । କିନ୍ତୁ ଜାଣିଶୁଣି ନବୀନ ଟ୍ରିବ୍ୟୁନାଲ ଯାଇଥିଲେ ବୋଲି କହିଛନ୍ତି ଜୟ ନାରାୟଣ ମିଶ୍ର।

## 'ବିବିଧ ଖାଦ୍ୟ ସଂସ୍କୃତିକୁ ଗର୍ବର ସହ ପାଳନ କରିବା'

ଭୁବନେଶ୍ୱର, ଛେନାପୋଡ଼ଦିବସର ଶୁଭେଚ୍ଛା ଜଣାଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏନେଇ ସୋସିଆଲ ମିଡିଆଏକ୍ସରେ ନବୀନ କହିଛନ୍ତି ଯେ, ଛେନାପୋଡ଼ ପାଇଁ ପ୍ରତିଟି ଓଡ଼ିଆଙ୍କ ମନରେ ରହିଛି ଏକ ସ୍ୱତନ୍ତ୍ରଆବେଗ। ଏହାର ସ୍ୱାଦ ଏବଂ ପ୍ରସ୍ତୁତି ଶୈଳୀ ଏହାକୁ ଅନ୍ୟ ସମସ୍ତ ମିଠାଠାରୁ ଭିନ୍ନ କରିଥାଏ। ଛେନାପୋଡ଼ ଦିବସ ଅବସରରେ ସଭିଙ୍କୁ ମୋର ଶୁଭେଚ୍ଛା। ଆସନ୍ତୁ ଆମର ବିବିଧ ଖାଦ୍ୟ ସଂସ୍କୃତିକୁ ଗର୍ବର ସହ ପାଳନ କରିବା।

## ବିଜୁ ଲିଗାସିର ଦୁଇ ବୈଶିଷ୍ଟ୍ୟ, ଦୁଃସାହସିକତା ଓ ଧର୍ମ ନିରପେକ୍ଷତା: ବିଜେଡ

ଭୁବନେଶ୍ୱର, ବିଜୁ ବାବୁଙ୍କ ଶ୍ରାଦ୍ଧଦିବସରେ ବିଜୁ ଲିଗାସୀ ଏକାଠି ହେବା ଉପରେ ପ୍ରତିକ୍ରିୟା ରଖି ଗଣେଶ୍ୱର ବେହେରା କହିଛନ୍ତି ଯେ, ବିଜୁ ବାବୁଙ୍କ ଶ୍ରାଦ୍ଧ ଦିବସରେ ଯଦି କିଏ ଏକାଠିହୁଅନ୍ତି ତେବେ ଏହା ସ୍ୱାଗତଯୋଗ୍ୟ। ସେ ଜଣଙ୍କର ନେତା ନଥିଲେ ସେ ଥିଲେ ଗଣଙ୍କର। ସେ କହିଛନ୍ତି ଯେ, କିନ୍ତୁ ଗୋଟିଏ କଥାସ୍ପଷ୍ଟ ଯେ ସେମାନେ ଆଉ କାହା ନାଁକୁ ଆଶ୍ରା କରିପାରିବେ ନାହିଁ। ସେଥିପାଇଁ ବିଜୁଙ୍କୁ ଆଶ୍ରାକରୁଛନ୍ତି। ସେମାନେ ବିଜୁ ବାବୁଙ୍କ ଭଳି ଦୁଃସାହସର ପରିଚୟ ଦିଅନ୍ତୁ ରାଜ୍ୟ ସ୍ୱାର୍ଥ ପାଇଁ। ବିଜେଡ଼ିଠାରୁ ବିଜୁ ଲିଗାସି ଛଡେଇ ବାବୁ ଚେଷ୍ଟା କରାଯାଇପାରେ ।କିନ୍ତୁ ଲୋକେ ଗ୍ରହଣ କଲେ ତ ହେବ। ବିଜୁ ଲିଗାସିର ଦୁଇଟି ବୈଶିଷ୍ଟ୍ୟ ହେଲା, ଦୁଃସାହସିକତାଓ ଧର୍ମ ନିରପେକ୍ଷତା।

### ଝାରସୁଗୁଡ଼ା ପୌରପାଳିକାର ୧୯ତମ କାଉନସିଲ୍ ବୈଠକ

# ସହର ବିକାଶ ପାଇଁ ଏକାଧିକ ପ୍ରସ୍ତାବ ଗୃହୀତ

ଝାରସୁଗୁଡ଼,(ହି.ସ): ଝାରସୁଗୁଡ଼ା ପୌରପାଳିକା କାର୍ଯ୍ୟାଳୟ ପରିସରରେ ଆଜି ପୌର ଅଧକ୍ଷା ରାନୀ ହାତୀଙ୍କ ଅଧକ୍ଷତାରେ ୧୯ତମ କାଉନସିଲ୍ ବୈଠକ ସୂଚାରୁରୂପେ ସମ୍ପନ୍ନ ହୋଇଯାଇଛି। ଏହି ବୈଠକରେ ଉପ-ଅଧକ୍ଷ ବେଣୁଗୋପାଳ ପାଣିଗ୍ରାହୀ, ପୌର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ, ବିଧାୟକଙ୍କ ପ୍ରତିନିଧି ବଲବିନ୍ଦର ସିଂ ଏବଂ ସାଂସଦଙ୍କ ପ୍ରତିନିଧି ନେତାଜୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସହରର ବିଭିନ୍ନ ଜନହିତକର କାର୍ଯ୍ୟ ଓ ଭିତ୍ତିଭୂମିର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ।
ବୈଠକର ପ୍ରାରମ୍ଭରେ ଆଗାମୀ ମୌସୁମୀ ଋତୁକୁ ଦୃଷ୍ଟିରେ ରଖି ସହରର ସମସ୍ତ ନର୍ଦ୍ଦମା ସଫା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିସହ ସହରର ବିଭିନ୍ନ ସ୍ଥାନରେ ଥିବା ଫାଉଣ୍ଟେନ୍ ବା ଝରଣାଗୁଡ଼ିକର ମରାମତି ଏବଂ ସମସ୍ତ ୱାର୍ଡରେ ଆବଶ୍ୟକୀୟ ଆଲୋକ ବ୍ୟବସ୍ଥାର ଆକଳନ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଟ୍ରାଫିକ ପୋଲିସ ଓ ପଥିକମାନଙ୍କ ପାଇଁ ଅସ୍ଥାୟୀ ଟ୍ରାଫିକ ସେଡ୍ ନିର୍ମାଣ କରିବାକୁ ମଧ ସ୍ଥିର କରାଯାଇଛି। ସହରର ଭିତ୍ତିଭୂମି ଓ ପରିବେଶ ସୁରକ୍ଷା ପାଇଁ କେତେକ ବୈପ୍ଳବିକ ପଦକ୍ଷେପ ଉପରେ ମୋହର ବାଜିଛି। ଝାଡ଼େଶ୍ୱର ମନ୍ଦିର ନିକଟରେ ଏକ ସୁଏଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ, ପୁରୁଣାବସ୍ତି ଜଳାଶୟର ପୁନରୁଦ୍ଧାର ଏବଂ ଡମ୍ପିଂୟାର୍ଡକୁ ଏକ ସବୁଜ ବଳୟରେ ପରିଣତ କରିବା ପାଇଁ ବ୍ୟାପକ ବୃକ୍ଷରୋପଣ କରାଯିବ। ଏଥିସହିତ ସର୍ବୋହାଲ ହାଇସ୍କୁଲ, ମନମୋହନ ସ୍କୁଲ ଏବଂ ଇଞ୍ଜିନିୟରିଂ ସ୍କୁଲ ନିକଟରେ ଥିବା ଖୋଲା ସ୍ଥାନଗୁଡ଼ିକର ସୌନ୍ଦର୍ଯ୍ୟକରଣ ଓ ବିକାଶ କରାଯିବ। ଆଧୁନିକ ଜୀବନଶୈଳୀକୁ ଆଖିରେ ରଖି ସହରରେ ଇଭି ଚାର୍ଜିଂ ଷ୍ଟେସନ ସ୍ଥାପନ ପାଇଁ ମଧ ଯୋଜନା ରହିଛି। ସାମାଜିକ ସୁରକ୍ଷା କ୍ଷେତ୍ରରେ ପଞ୍ଚପଡ଼ା ଠାରେ ଏକ ୭୫ ଶଯ୍ୟା ବିଶିଷ୍ଟ ବୃଦ୍ଧାଶ୍ରମ ପ୍ରତିଷ୍ଠା ଏବଂ ସହରର ଭୂମିହୀନ ହିତାଧିକାରୀଙ୍କୁ ସୁଲଭ ମୂଲ୍ୟରେ ବାସଗୃହ ଯୋଗାଇଦେବା ପାଇଁ ଆଲୋଚନା ହୋଇଥିଲା। ଏହା ବ୍ୟତୀତ, ସହରର ବିଭିନ୍ନ ସ୍ଥାନରେ ରାସ୍ତା ଓ ନାଳ ଉପରେ ହୋଇଥିବା ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦିଆଯାଇଛି।
ବୈଠକରେ ବିଶେଷ ଭାବେ ବେଦାନ୍ତ ସମେତ ଅନ୍ୟାନ୍ୟ ପ୍ରତିଷ୍ଠାନରୁ ବକେୟା ଟିକସ ଆଦାୟ ଉପରେ ଗୁରୁତ୍ୱାରୋପ କରାଯାଇଛି। କାଉନସିଲ୍ ସଦସ୍ୟମାନଙ୍କୁ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅନ୍ତର୍ଗତ ପ୍ରାୟ ୧୫ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତାବ ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି। ଶେଷରେ, ପୌରପାଳିକାରେ ଥିବା କର୍ମଚାରୀ ଅଭାବ ଦୂର କରିବା ଏବଂ ୨୦୨୮ ସୁଦ୍ଧା ଅବସର ନେବାକୁ ଥିବା ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସମସ୍ତ ୱାର୍ଡର କାଉନସିଲର ଓ ପୌରପାଳିକାର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଓଡ଼ିଆ ପକ୍ଷ ପାଳନ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

କାଶୀନଗର,(ନିପ୍ର): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ସାରା ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ କାଶୀନଗର ସ୍ଥିତ ଶ୍ରୀରାମ ସ୍ନାତକ ମହାବିଦ୍ୟାଳୟ ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଯୁବ ରେଡ଼ କ୍ରସ ଓ ଜାତୀୟ ସେବା ଯୋଜନା ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ଅଧକ୍ଷ ଡ଼ଃ ପ୍ରଶାନ୍ତ ବାନାପାଲି ଓ କାଶୀନଗର ବିଡ଼ିଓ ଡ଼ମ୍ବୁରୁ ଧର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍ଘାଟନ କରିଥିଲେ। ଅଧାପକ ଶିବରାମ ବୈଦ୍ୟ, କାଶୀନଗର ଥାନାର ଆଲୋକ କୁମାର ଜଗଦଲ, ଡ଼ଃ ରମ୍ୟାଜୟନ ଓ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ପାତ୍ର ଯୋଗଦେଇ ରକ୍ତ ଦାତାମନଙ୍କୁ ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିବା ପାଇଁ ଉତ୍ସହିତ କରିଥିଲେ।



ଗଜପତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର ଟିମ ରକ୍ତ ସଂଗ୍ରହ କରିଥିଲେ। ସମ୍ବାଦକ ଆନନ୍ଦ ଚନ୍ଦ୍ର ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମହାବିଦ୍ୟାଳୟର ଅଧପକ, ଅଧାପିକା ଓ କର୍ମଚାରୀମାନେ ସହଯୋଗ କରିବା ସହ ପରିଚାଳନା କରିଥିଲେ।

## ରେଳ ଧାରଣାରୁ ନାବାଳକ ମୃତଦେହ ଉଦ୍ଧାର

କୋରାପୁଟ: କୋରାପୁଟ ଜିଲା ନନ୍ଦପୁର ବ୍ଲକ ଦେଇ ଯାଇଥିବା ବିଶାଖାପାଟଣା-କିରାଣ୍ଡୁଳ ସଂଯୋଗୀ କେକେ ରେଳପଥରେ ମାଳି ବେଲଗାଁ ପଞ୍ଚାୟତ ଖୁଜେଲ ଗ୍ରାମ ନିକଟ ରେଳଧାରଣାରେ ଶନିବାର ସକାଳୁ ଜଣେ ନାବାଳକଙ୍କ ଗୋଡ଼ହାତ ଅଲଗା ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି।

ଯୁବକ ଜଣକ ସାନସଗର ଗ୍ରାମର ରାମ ରୁଙ୍ଗୁଡ଼ାଙ୍କ ପୁଅ ଶୁଭାନ ରୁଙ୍ଗୁଡ଼ା (୧୭) ବୋଲି ପରିଚୟ ମିଳିଛି। ସେ ଖୁଜେଲ ଗ୍ରାମରେ ଥିବା ତାଙ୍କ ମାମୁ କମୁଲୁ ଲୋଚନ ମୁଦୁଲିଙ୍କ ଘରକୁ ବଡବେଣ୍ଟଯାତ୍ରା ଦେଖିବାକୁ ଆସିଥିବା ପରିବାର ତରଫରୁ ସୂଚନା ମିଳିଛି। ପାରିପାର୍ଶିକ ସ୍ଥିତି, ନାବାଳକଙ୍କ ଫୁଙ୍ଗୁଳା ଦେହ, ପିନ୍ଧିଥିବା ହାପ ପ୍ୟାଣ୍ଟକୁ ଦେଖି ପରିବାର ଲୋକେ ମାମୁଘରଠାରୁ ରେଳଧାରଣା ଏତେ ଦୂର ଏଭଳି ଅବସ୍ଥାରେ କାହିଁକି ଓ କିଭଳି ଆସିଲା କହି ହତ୍ୟା ସନ୍ଦେହ କରିଛନ୍ତି। ସୂଚନା ପାଇ ରେଳ ବିଭାଗ ଆର୍‌ପିଏଫ୍ ଦଳ ଓ ଜିଆରପି ନିରୀକ୍ଷକ ଦିପକ ମାଝୀଙ୍କ ନେତୃତ୍ୱାଧୀନ ଦଳ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ମାଝୀ ସୂଚନା ଦେଇଛନ୍ତି। ମାମୁଘରକୁ ଆସି ଭଣଜା ମୃତ୍ୟୁ ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ମୃତକ ସୁଭାମ ପାଡୁଆ ରାଧାକୃଷ୍ଣ ଉଚ୍ଚ ମାଧମିକ ବିଦ୍ୟାଳୟର ଯୁକ୍ତଦୁଇ ଛାତ୍ର ଭାବେ ଚଳିତ ବର୍ଷ ଯୁକ୍ତଦୁଇ ଶେଷ ବର୍ଷ ପରୀକ୍ଷା ଦେଇଥିଲେ ବୋଲି ଅଧକ୍ଷ ଅର୍ଜୁନ ଚିଞ୍ଚୁହା ସୂଚନା ଦେଇଛନ୍ତି।

## ସିୟୁଟିଏମ୍‌ରେ କମ୍ପ୍ୟୁଟର ସୋସାଇଟି ଛାତ୍ର ଶାଖା ଅଧିବେଶନ

ପାରଳାଖେମୁଣ୍ଡି,(ନିପ୍ର): ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟ ପାରଳାଖେମୁଣ୍ଡି କ୍ୟାମ୍ପସର ଆଇଇଇଇ କମ୍ପ୍ୟୁଟର ସୋସାଇଟି ଛାତ୍ର ଶାଖା ଅଧ୍ୟାୟ ଉଦଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ଆଇଇଇଇ ଅଧିକାରୀ, ଶିକ୍ଷକ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ଆଇଇଇଇ ଛାତ୍ର ପରାମର୍ଶଦାତା ଡ଼. ଦେବେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ପରେ ଡିନ ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି ଡ଼. ପ୍ରଫୁଲ୍ଲ ଫୁଲ୍ଲ କୁମାର ପଣ୍ଡା ଛାତ୍ରଙ୍କ ବୈଷୟିକ ଶିକ୍ଷାରେ ଉନ୍ନତି ଉପରେ ଆଲୋକ କପାତ କରିଥିଲେ । ସିୟୁଟିଏମ୍ ଓଡ଼ିଶାର ନିର୍ଦ୍ଦେଶକ ପ୍ରଫେସର ଜଗନ୍ନାଥ ପାଢ଼ୀ, ରେଜିଷ୍ଟ୍ରାର ଡ. ଅନିତା ପାତ୍ର ଉଦ୍‌ବୋଧନ ଦେଇଥିଲେ। ସଭାରେ ଆଇଟିଆର୍ ଡିଆରଡିଓର ପୂର୍ବତନ ନିର୍ଦ୍ଦେଶକ ଏଚ୍.କେ. ରଥ ଓ ଆଇଇଇଇ ଭୁବନେଶ୍ୱର କମ୍ପ୍ୟୁଟର ସୋସାଇଟି ଚ୍ୟାପ୍ଟରର ଅଧକ୍ଷ ମମଧ ଯୋଗ ଦେଇଥିଲେ। ସୋସାଇଟି ମୁଖ୍ୟଅତିଥି ଆଇଆଇଟି ଭୁବନେଶ୍ୱରର ବିଦ୍ୟୁତ୍ ବିଜ୍ଞାନର ପ୍ରଫେସର ଡ଼. ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଏବଂ ପ୍ରଫେସର କିଟ୍ ସ୍କୁଲ ଅଫ୍ ଇଲେକ୍ଟ୍ରି ଇଞ୍ଜିନିରିଂର ପ୍ରଫେସର ଓ ନିର୍ଦ୍ଦେଶକ ଚିନ୍ମୟ କୁମାର ପାଣିଗ୍ରାହୀ ଉଦବୋଧନ ରଖି ଉଦୟମାନ ପ୍ରଯୁକ୍ତି, ଗବେଷଣାର ସୁଯୋଗ ଓ ଆଇଇଇଇର ଭୂମିକା ବିଷୟରେ ଆଲୋଚନା କରିଥିଲେ।

## ସିଜିମାଳି ଘଟଣାରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ କରନ୍ତୁ: ବିଜେଡି

ଭୁବନେଶ୍ୱର: ରାୟଗଡା ଜିଲ୍ଲାର ସିଜିମାଳି ଅଞ୍ଚଳରେ ଆଦିବାସୀ ମାନଙ୍କ ଉପରେ ପ୍ରଶାସନ ବର୍ବରୋଚିତ କାଣ୍ଡ ଘଟାଇଥିବା ଅଭିଯୋଗ ଆଣି ଏହାକୁ ବିଜୁ ଜନତା ଦଳ ତୀବ୍ର ନିନ୍ଦା କରିଛି । ଏହି ଘଟଣା ସମ୍ପୂର୍ଣ୍ଣ ଅମାନବୀୟ ବୋଲି ବର୍ଣ୍ଣନା କରିବା ସହିତ ଆଦିବାସୀ ମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ ପାଇଁ ଦେଶର ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡିଛି ବିଜେଡି ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ରାୟଗଡା ଜିଲ୍ଲା ସଭାପତି ଶ୍ରୀ ଜଗନ୍ନାଥ ସାରକା, କୋରାପୁଟ ଜିଲ୍ଲା ସଭାପତି ଶ୍ରୀ ଝିନ୍ନ ହିକକା ଓ ଗଣମାଧମ ସଂଯୋଜକ ଡ଼ ପ୍ରିୟବ୍ରତ ମାଝୀ ସିଜିମାଳି ଅଞ୍ଚଳରେ ଆଦିବାସୀ ମାନଙ୍କ ଉପରେ କରାଯାଇଥିବା ଅମାନବୀୟ ଓ ବର୍ବରୋଚିତ କାଣ୍ଡ ରାଜ୍ୟି ସରକାରଙ୍କ ଆଦିବାସୀ ବିରୋଧୀ ନୀତିକୁ ପ୍ରଦର୍ଶିତ କରୁଛି ବୋଲି ଅଭିଯୋଗ କରିଥିଲେ ।ଶ୍ରୀ ଜଗନ୍ନାଥ ସାରକା କହିଥିଲେ, ସିଜିମାଳିରେ ଆଦିବାସୀ ମାନଙ୍କ ଉପରେ ଘଟିଥିବା ଅତ୍ୟାଚାର ଓ ଜୁଲୁମ ବିଷୟରେ ଜାଣିବା ପରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଘଟଣାସ୍ଥଳ ପରିଦର୍ଶନ କରି ଏଥିରେ ପ୍ରଭାବିତ ହୋଇଥିବା ଲୋକ ମାନଙ୍କ ସହିତ ଆଲୋଚନା କରିଥିଲେ । ସଭାପତିଙ୍କ ନିଦ୍ରେ୍ଦଶକ୍ରମେ, ଦଳର ଏକ ପ୍ରତିନିଧି ମଣ୍ଡଳୀ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ । ସ୍ଥାନୀୟ ବାସିନ୍ଦା ମାନଙ୍କ କହିବା ଅନୁଯାୟୀ, ମାଇନ୍ସ କମ୍ପାନୀ ଦ୍ୱାରା ନିର୍ମିତ ହେଉଥିବା ରାସ୍ତାକୁ ନେଇ ସେମାନେ ପ୍ରତିବାଦ କରୁଥିଲେ । ପ୍ରଶାସନ ତରଫରୁ ସେମାନଙ୍କ ଉପରେ ଅତ୍ୟାଚାର ଓ ଜୁଲୁମ କରାଯାଇଥିଲା । ଆଦିବାସୀ ଭାଇ ଭଉଣୀ ମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ଓ ଜୁଲୁମକୁ ଆମେ ତୀବ୍ର ନିନ୍ଦା କରୁଛୁ । ସ୍ଥାନୀୟ ଆଦିବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରି ସେମାନଙ୍କ ଉପରେ ଅତ୍ୟାଚାର ଓ ଜୁଲୁମ କରି ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ହୋଇପାରିବ ନାହିଁ । ତେଣୁ ଆଦିବାସୀ ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ନିୟମ ହିସାବରେ ଗ୍ରାମସଭା ଆୟୋଜନ କରି ଆବଶ୍ୟକୀୟ ଅନୁମୋଦନ ପ୍ରଦାନ କରାଯାଉ ।ଶ୍ରୀ ଝିନ୍ନ ହିକକା କହିଥିଲେ, ସିଜିମାଳିରେ ଆଦିବାସୀ ଭାଇ ଭଉଣୀ ମାନଙ୍କ ଉପରେ ଯେଉଁଭଳି ଭାବେ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ବର୍ବର କାଣ୍ଡ ଘଟାଯାଇଛି, ତାହା କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ । ସ୍ଥାନୀୟ ଅଞ୍ଚଳରେ ଖଣି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଥିବା ବେଳେ ସ୍ଥାନୀୟ ବାସିନ୍ଦା ମାନେ ପେସା ଆଇନ ଓ ଜଙ୍ଗଲ ଆଇନ ଉଲ୍ଲଙ୍ଘନ ହେଉଥିବା ଦାବି କରି ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇ ଆସୁଥିଲେ । କିନ୍ତୁ ବିଳମ୍ବିତ ରାତିରେ ସମସ୍ତେ ଶୋଇଥବା ସମୟରେ, ବିଜୁଳି ଲାଇନ କାଟି ଦେଇ ପ୍ରସାଶନ ଯେଭଳି ଭାବେ ନିରୀହ ଆଦିବାସୀ ଙ୍କ ଉପରେ ବର୍ବରୋଚିତ ଆକ୍ରମଣ କଲା, ତାହା ରାଜ୍ୟ ବିଜେପି ସରକାରଙ୍କ ଆଦିବାସୀ ବିରୋଧୀ ନୀତିକୁ ପ୍ରଦର୍ଷିତ କରୁଛି । ରାଜ୍ୟର ମୁଖ୍ୟମନ୍ତ୍ରୀ ଦାୟିତ୍ୱରେ ଜଣେ ଆଦିବାସୀ ଅଛନ୍ତି । ଦେଶର ରାଷ୍ଟ୍ରପତି ଦାୟିତ୍ୱରେ ଆମ ରାଜ୍ୟର ଜଣେ ଆଦିବାସୀ ଭଉଣୀ ଅଛନ୍ତି । ସିଜିମାଳିରେ ଆଦିବାସୀ ମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ଓ ଜୁଲୁମ ଉପରେ ନ୍ୟାୟ ପ୍ରଦାନ ପାଇଁ ଆମେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡୁଛୁ ।

## ବବିଙ୍କ ଘରେ ଖଣ୍ଡୋଲାଇଟ ବ୍ୟବହାର ଅଭିଯୋଗକୁ ଖଣ୍ଡନ

ଭୁବନେଶ୍ୱର, ବବି ଦାସଙ୍କ ଘରେଖଣ୍ଡୋଲାଇଟ ବ୍ୟବହାର ଅଭିଯୋଗ ପ୍ରସଙ୍ଗ । ପ୍ରେସମିଟ୍ରେ ଅଭିଯୋଗକୁ ମିଛ ବୋଲି କହି ଏହାକୁଖଣ୍ଡନ କରିଛନ୍ତି ବବିଙ୍କ ଦାଦା ଯଯାତି କେଶରୀ । ସେ କହିଛନ୍ତି ଯେ, ଖଣ୍ଡୋଲାଇଟ୍ରେ ଘରନିର୍ମାଣ ମିଛ । ରାଜସ୍ଥାନଯୋଧପୁରରୁ ପଥର ଆସିଛି । ଏହି ବାସଭବନ ଏକୁଟିଆ ବବିଙ୍କ ନୁହେଁ, ସମସ୍ତ ପରିବାରର ବୋଲି ସେ କହିଛନ୍ତି । ରାଜନୈତିକ ଉଦ୍ଦେଶ୍ୟ ରଖିପରିବାରକୁ ଟାର୍ଗେଟ କରାଯାଉଛି । ଆବଶ୍ୟକ ପଡ଼ିଲେ ଆଇନଗତ ସହାୟତା ନିଆଯିବ ବୋଲି ବବିଙ୍କ ଦାଦା କହିଛନ୍ତି ।

## ସିଜିମାଳି ପ୍ରସଙ୍ଗ: ଜୁଏଲଙ୍କ ହସ୍ତକ୍ଷେପ ଲୋଡ଼ିଲେ ସସ୍ମିତ ପାତ୍ର

ଭୁବନେଶ୍ୱର, - ସିଜିମାଳି ପ୍ରସଙ୍ଗରେଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ଚିଠି ଲେଖି ହସ୍ତକ୍ଷେପ ଲୋଡ଼ିଛନ୍ତି ସାଂସଦ ସସ୍ମିତ ପାତ୍ର । ଆଦିବାସୀଙ୍କ ପ୍ରତି ପୋଲିସ ପକ୍ଷପାତିତା କରୁଥିବା ସେ ଅଭିଯୋଗ କରି ଚିଠି ଲେଖିଛନ୍ତି । ବକ୍ସାଇଟ୍ ଖଣି ପ୍ରକଳ୍ପକୁ ନେଇ ଆଦିବାସୀ ଭାଇ ଭଉଣୀ ବିରୋଧ କରୁଛନ୍ତି । ବିରୋଧ ପ୍ରଦର୍ଶନ କରୁଥିବା ଆଦିବାସୀଙ୍କ ପ୍ରତି ପୋଲିସ ପକ୍ଷପାତିତା କରୁଛି । ପୋଲିସ ମାଡ଼ରେ ଅନେକ ଆଦିବାସୀ ଆହତ ହୋଇଛନ୍ତି, ଯାହାକି ଉଦ୍ବେଗଜନକ ବୋଲି ସସ୍ମିତ କହିଛନ୍ତି । ତେଣୁ ତୁରନ୍ତ ହସ୍ତକ୍ଷେପ କରି ଆଦିବାସୀଙ୍କ ଅଧିକାର,ସମ୍ମାନ,ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉ ବୋଲି ସେ ଅପିଲ କରିଛନ୍ତି ।

## ମହାନଦୀ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଇଚ୍ଛା ଶକ୍ତି ନାହିଁ:ଗଣେଶ୍ୱର

ଭୁବନେଶ୍ୱର,(ହି.ସ.)- ମହାନଦୀ ସମସ୍ୟାର ସମାଧାନପାଇଁ ସରକାରଙ୍କ ଇଚ୍ଛା ଶକ୍ତି ନାହିଁ ବୋଲି ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ।ସେ କହିଛନ୍ତି ଯେ, ୨୦୧୮ ରେଟ୍ରିବୁନାଲ ଗଠନ ହେଲା। ବର୍ତ୍ତମାନ ୨୦୨୬। ଫଳ ଶୂନ। ପୁଣି ଅବଧି ବଢିଲା। ଏଜି କହିଲେ ଆପୋଷ ବୁଝାମଣା ହେବ। ଏଜି ହେଉଛନ୍ତି ସରକାରଙ୍କ ପ୍ରତିନିଧି। ଯଦି ଆପୋଷ ବୁଝାମଣା ହେବ ତେବେ ଟ୍ରିବୁନାଲର ଆବଶ୍ୟକତା କଣ? ଏପଟେ ଟ୍ରିବୁନାଲ ଅବଧି ବଢୁଛି। ଅର୍ଥାତ ଆପୋଷ ବୁଝାମଣା ହୋଇପାରୁନି। ଏହା ଚିନ୍ତାଜନକ। ମହାନଦୀ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଇଚ୍ଛା ଶକ୍ତି ନାହିଁ। ବିଜେଡ଼ି ଏହାକୁ ପ୍ରସଙ୍ଗକରିଛି ଏବଂ କରିବ ବୋଲି ଗଣେଶ୍ୱର ବେହେରା କହିଛନ୍ତି।

## ଡୁଙ୍ଗୁରି ଗାଁରେ ବାଘ ଆତଙ୍କ

ବରଗଡ: ବରଗଡ ଜିଲ୍ଲା ଅମ୍ବାଭୋନା ବ୍ଲକ ଡୁଙ୍ଗୁରି ଗାଁରେ ବାଘ ଆତଙ୍କ । ଗୁରୁବାର ଭୋର ସମୟରେ ଏକ ବାଛୁରୀକୁ ବାଘ ମାରି ଖାଇଥିବା ଅଭିଯୋଗ ହୋଇଛି । ୩ରୁ ୪ ଫୁଟ ଉଚ୍ଚତା ଥାଇ ଚିତା କଟା ହଳଦିଆ ରଙ୍ଗର ମହାବଳ ବାଘ ବାଛୁରୀକୁ ଖାଇଥିବା ଦେଖିଥିବା କହୁଛନ୍ତି ଗ୍ରାମବାସୀ ।ଅନ୍ୟ ପଟେ ବନ ବିଭାଗ କହୁଛି ମହାବଳ ବାଘ ବୋଲି ସ୍ପଷ୍ଟ କହିହେବ ନାହିଁ ।ତେବେ ବାଛୁରୀକୁ ହତ୍ୟା କଲା କିଏ? ତାର ଟେର୍ ପାଉନି ବନ ବିଭାଗ। ଏବେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ କ୍ରମେ ଏହି ଘଟଣାର ତଦନ୍ତ ଚାଲିଛି। ୩୦ରୁ ୪୦ଟି କଲରାପତରିଆ ବାଘ ରହିଛନ୍ତି ବୋଲି ବରଗଡ ଡିଏଫଓ ସରୋଜ ପଣ୍ଡା କହିଛନ୍ତି । କୁନି କୁନି ଛାତ୍ର ଛାତ୍ରୀ ନିତିଦିନିଆ ସେଇ ରାସ୍ତା ଦେଇ ପାଠ ପଢିବା କୁ ଯିବା ଆସିବା କରୁଛନ୍ତି । ଗାଁ ରେ ବାଘ ବୁଲୁଥିବା ଘଟଣା ନେଇ ଗ୍ରାମବାସୀ ବନ ବିଭାଗକୁ ଅଭିଯୋଗ କରିଥିଲେ ମଧ୍ୟ ବିଭାଗ କିଛି ପଦକ୍ଷେପ ନେଉନାହିଁ ବୋଲି ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି ।



## ମୁଖ୍ୟମନ୍ତ୍ରୀ ଟ୍ରଫିର ପ୍ରଥମ ସଂସ୍କରଣ ଖୋ-ଖୋ ଚାମ୍ପିୟନସିପ୍ ଉଦ୍‌ଘାଟିତ

ବଲାଙ୍ଗିର,(ନିପ୍ର): ମୁଖ୍ୟମନ୍ତ୍ରୀ ଟ୍ରଫିର ପ୍ରଥମ ସଂସ୍କରଣର ଆନ୍ତଃ କ୍ଲବ ଓ ଆନ୍ତଃ ଜିଲ୍ଲା ଖୋ-ଖୋ ଚାମ୍ପିୟନସିପ ଆଜି ଉତ୍ସାହପୂର୍ଣ୍ଣ ଉଦ୍ଘାଟନ ଉତ୍ସବ ସହିତ ଆରମ୍ଭ ହେଲା । ଜିଲ୍ଲାର ବିଭିନ୍ନ କୋଣରୁ ଆସିଥିବା ଖେଳାଳି, ପ୍ରଶିକ୍ଷକ, ଓ କ୍ରୀଡାପ୍ରେମୀମାନଙ୍କର ଉପସ୍ଥିତିରେ ଉତ୍ସବଟି ଏକ ସାମୁଦାୟିକ ଉତ୍ସବର ରୂପ ନେଇଥିଲା । ଉଦ୍ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଲାଙ୍ଗିର ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜି ଇସଲଓ୍ୱାର ଯୋଗଦାନ କରିଥିଲେ ।
ଜିଲ୍ଲାସ୍ତରରେ ଖୋ-ଖୋକୁ ପ୍ରଚାର କରିବା, ନୂତନ ପ୍ରତିଭାକୁ ଖୋଜିବା, ଗ୍ରାମ୍ୟ ଓ



ସହରର ଯୁବମାନଙ୍କୁ କ୍ରୀଡାକ୍ଷେତ୍ରରେ ଅଗ୍ରସର କରିବାର ମୁଖ୍ୟ ଉଦ୍ଦେଶ୍ୟ ନେଇ, ମୁଖ୍ୟମନ୍ତ୍ରୀ ଟ୍ରଫିର ପ୍ରଥମ ସଂସ୍କରଣ ବଲାଙ୍ଗିରରେ ଖୋ-ଖୋର ଏକ ସୁନେଲି ଯୁଗ ଆରମ୍ଭ କରିବାର ଆଶା ଯୋଗାଇଛି । ଏହି ଆନ୍ତଃ କ୍ଲବ ଓ ଆନ୍ତଃ ଜିଲ୍ଲା ଖୋ-ଖୋ ଚାମ୍ପିୟନସିପ-୨୦୨୬ କେବଳ ଏକ କ୍ରୀଡା ପ୍ରତିଯୋଗିତା ନୁହେଁ, ଛାତ୍ରଛାତ୍ରୀମାନଙ୍କର ସାମୁଦାୟିକ ଏକତା, ସ୍ୱାସ୍ଥ୍ୟ ଓ ସାହସର ପ୍ରତୀକ ଭାବେ ଦୃଢ଼ ପଦକ୍ଷେପ ନେଇଛି । ବଲାଙ୍ଗିରରେ ଆୟୋଜିତ ଏହି ଚାମ୍ପିୟନସିପ ଜିଲ୍ଲାର କ୍ରୀଡା ସଂସ୍କୃତିକୁ ନୂତନ ଦିଗରେ ନେବା ସହିତ ଯୁବମାନଙ୍କର ସାମୁଦାୟିକ ଏକତା ଓ ସ୍ୱାସ୍ଥ୍ୟ ସଚେତନତାକୁ ଦୃଢ଼ କରିବାରେ ମାଇଲସଷ୍ଟୋନ୍ ସାବ୍ୟସ୍ତ ହେବ ବୋଲି ମୁଖ୍ୟ ଅତିଥି ନିଜର ଅଭିଭାଷଣରେ ମନ୍ତବ୍ୟ ପ୍ରଦାନ କରିଥିଲେ । ଏହି ଖୋ-ଖୋ ଚାମ୍ପିୟନସିପ-୨୦୨୬ରେ ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ କ୍ଲବରୁ ୧୦ଟି ବାଳକ ଓ ୦୬ଟି ବାଳିକା ଦଳମାନେ ଅଂଶଗ୍ରହଣ କରିଛନ୍ତି । ଆଜିର ଉତ୍ସବରେ ଜିଲ୍ଲା କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଶ୍ରୀକର ମିଶ୍ର, ଜିଲ୍ଲା କ୍ରୀଡା ସଂସଦର ସମ୍ପାଦକ ହରି ନାରାୟଣ ପୂଜାରୀ, ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ, ଖୋ-ଖୋ ଓ କବାଡିର ସମ୍ପାଦକ ବିଭୁତି ପଣ୍ଡା, ଜିଲ୍ଲା କ୍ରୀଡା ସଂସଦର ସଭ୍ୟ କୃଷ୍ଣ ଚନ୍ଦ୍ର ମିଶ୍ର, ଡାଃ. ସିଦ୍ଧେଶ୍ୱର ମିଶ୍ର, ଜୟରାମ ମିଶ୍ର ଓ ସୁଧୀର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ଡିପିଇଓ ପ୍ରଦୀପ କୁମାର ପାତ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ ଙ୍କ ସହ କ୍ରୀଡା ବିଭାଗର ପ୍ରତିନିଧି, ସ୍ଥାନୀୟ ପ୍ରଶାସନ ଓ ବିଭିନ୍ନ କ୍ଲବର ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## ବିଦ୍ୟାଳୟରେ 'ଅମୃତପିଢ଼ି ସାରସ୍ୱତ ସମାରୋହ'

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା କମାଗୁରୁସ୍ଥିତ ପ୍ରକୃତି ବିହାର ପରିସରଭୁକ୍ତ ରାମଚନ୍ଦ୍ର କଳ୍ପନା ଉଚ୍ଚ ମାଧମିକ ବିଦ୍ୟାଳୟରେ 'ଓଡ଼ିଆ ପର୍ବ-୨୦୨୬' ଉପଲକ୍ଷେ 'ଅମୃତପିଢ଼ି ସାରସ୍ୱତ ସମାରୋହ' ଅତ୍ୟନ୍ତ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଯୁବ ରେଡକ୍ରସ, ଜାତୀୟ ସେବା ଯୋଜନା, ରୋଭର/ରେଞ୍ଜର ବିଭାଗ ଏବଂ ଇକୋ କ୍ଲବର ସଦସ୍ୟମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।ଏହି ସାରସ୍ୱତ ସଭାରେ ବିଦ୍ୟାଳୟର ଅଧକ୍ଷ ଡ. ସୁଧାଂଶୁ ଶେଖର ମହାନ୍ତି



ପୌରହିତ୍ୟ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧାପକ ସତ୍ୟନାରାୟଣ ମହାପାତ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ଜମ୍ମେଶ୍ୱର ଜୁଝାରସିଂହ ମଞ୍ଚ ସଞ୍ଚାଳନ କରିଥିଲେ।ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷକ ନେତା ତଥା ସାମ୍ବାଦିକ ପଦ୍ମନାଭ ବିଶ୍ୱାଳ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ପ୍ରବକ୍ତା ତଥା ପୂର୍ବତନ ଜିଲ୍ଲା ଖାଉଟି କମିଶନ ନାରାୟଣ ମହାପାତ୍ର ଏବଂ ସମ୍ମାନୀତ ଅତିଥି ଭାବେ ଅଧାପିକା ଡ. ରେଣୁବାଳା ସାମନ୍ତରାୟ ଯୋଗ ଦେଇଥିଲେ। ଅତିଥିମାନେ ନିଜ ଅଭିଭାଷଣରେ ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ତଥା ସାମ୍ପ୍ରତିକ ପିଢ଼ି ମଧରେ ଏହାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷ କରି 'ଅମୃତପିଢ଼ି'ର ଛାତ୍ରଛାତ୍ରୀମାନେ କିଭଳି ନିଜ ମାତୃଭାଷାକୁ ନେଇ ଗର୍ବିତ ହେବେ, ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା ।ଶେଷରେ ବିଦ୍ୟାଳୟର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମାପନ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

## ଗ୍ରୀଷ୍ମ ପ୍ରବାହ ଚେତାବନୀ : ଆସନ୍ତା ୧୩ ତାରିଖ ଯାଏଁ

ଭୁବନେଶ୍ୱର, - ହିଟ୍ ୱେଭ୍ (ଗ୍ରୀଷ୍ମ ପ୍ରବାହ) ନେଇ ଆସନ୍ତା ୧୩ ତାରିଖ ପାଇଁ ଗୋଟିଏ ଜିଲ୍ଲା (ବରଗଡ଼)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।ସେହିପରି ହିଟ୍ ୱେଭ୍ ନେଇ ୧୪ ତାରିଖ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ୨ ଜିଲ୍ଲା ହେଲା ବରଗଡ଼, ବଲାଙ୍ଗିର । ହିଟ୍ ୱେଭ୍ ନେଇ ୧୫ ତାରିଖ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ୩ ଜିଲ୍ଲା ହେଲା ସମ୍ବଲପୁର, ବରଗଡ଼, ବଲାଙ୍ଗିର । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଶନିବାର ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି ।

## ଭାବବିହ୍ୱଳ ପରିବେଶ ଭିତରେ କମ୍ପିଉଠୁଛି ଚନ୍ଦନେଶ୍ୱର ଚଡ଼କ ପର୍ବ

ଚନ୍ଦନେଶ୍ୱର: ହଜାର ହଜାର ଭକ୍ତଙ୍କ ସମାଗମ। ଭାବବିହ୍ୱଳ ପରିବେଶ ଭିତରେ କମ୍ପିଉଠୁଛି ବିଶ୍ୱପ୍ରସିଦ୍ଧ ଚନ୍ଦନେଶ୍ୱରର ଚଡକ ପର୍ବ। ଆଜି ଚଡକ ପର୍ବର ତୃତୀୟ ଅର୍ଘ୍ୟ। ବାବାଙ୍କ ଏକ ବିଶେଷ କୌଳିକ ନୀତି ନିୟମ ରହିଛି। ଯେଉଁଥିରେ ଗତକାଲି ବାବା ଶିବଙ୍କ ସହ ରାକ୍ଷସୀ କାମିନାଙ୍କ ବିବାହ ନେଇ ସ୍ୱୀକୃତି କାର୍ଯ୍ୟକ୍ରମ ସରିଥିଲା। ତେଣୁ



ଏହି ବିବାହକୁ ନେଇ ବାବାଙ୍କ ପକ୍ଷରୁ ପାଟ ଭକ୍ତ, ଶ୍ରୀ ବେକତୀ ଓ ଦେଉଳିଆ ପ୍ରତ୍ୟେକ ସେବାୟତଙ୍କ ଘରକୁ ଘର ଯାଇ ବାବାଙ୍କ ବାହାଘର ପାଇଁ ନିମନ୍ତ୍ରଣ କରିବେ। ପରେ ମନ୍ଦିର ପରିସରରେ ଅର୍ଘ୍ୟଦାନ କାର୍ଯ୍ୟକ୍ରମ ଆରମ୍ଭ ହେବ। ଆଜି ସୁଦ୍ଧା ଅର୍ଘ୍ୟରେ ଉପବତଧାରୀ ଭକ୍ତଙ୍କ ସଂଖ୍ୟା ୯୦ ହଜାର ଟପିଲାଣି। ସୁରକ୍ଷାବ୍ୟବସ୍ଥାକୁ ନେଇ ପ୍ରଶାସନ ୨୨ ପ୍ଲାଟୁନ ପୋଲିସ ଫର୍ସ ମୁତୟନ କରିଛି। ଏହାଛଡା ସକାଳେ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତି ପରେ ଏବେ ଭକ୍ତ ମାନେ ମନ୍ଦିର ପରିକ୍ରମା କରୁଛନ୍ତି। ତେବେ ଆଜି ସନ୍ଧ୍ୟାରେ ୧ ଲକ୍ଷ ଭକ୍ତ ଟୋପିବା ନେଇ ଆଶଙ୍କା କରାଯାଉଛି। ଏହି ପର୍ବ ପାଇଁ ଓଡିଶା ସମେତ ପଶ୍ଚିମବଙ୍ଗ, ବିହାର ଓ ଝାଡ଼ଖଣ୍ଡ ଆଦି ରାଜ୍ୟରୁ ଭକ୍ତ ମାନେ ମଧ୍ୟ ଯୋଗ ଦେଇଥାନ୍ତି । ଏହାସହ ଆନ୍ତରାଜ୍ୟ ଲୁଟେରା ରୋକିବା ପାଇ ବ୍ୟବସ୍ଥା କରାଯାଇଛି ।

ତିଥି :(ଦଶମୀ): (ଶ୍ରବଣା ମକର)
ଅମୃତ ବେଳା: ଦିବା ଘ ୬।୨୫ ଗତେ ଘ ୯ ।୩୭ ମଧ୍ୟେ

## ଆଜିର ଅନୁଚିନ୍ତନ

ମୋର ପ୍ରାକଟ୍ୟକୁ ଦେବତା ଓ ମହର୍ଷି କେହି ହେଲେ ଜାଣନ୍ତି ନାହିଁ, କାରଣ ମୁଁ ସବୁପ୍ରକାରେ ଦେବତା ଓ ମହର୍ଷିମାନଙ୍କର ଆଦି କାରଣ ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ମେଟ୍ରୋ ପ୍ରକଳ୍ପର ଆବଶ୍ୟକତା

ରାଜଧାନୀ ଭୁବନେଶ୍ୱର କଳେବର ଦିନକୁ ଦିନ ସଂପ୍ରସାରିତ ହେଉଛି । ମୋହନ ସରକାରଙ୍କ ସମୟରେ ନୂଆ ଭୁବନେଶ୍ୱର ପାଇଁ ଯେପରି ତତ୍ପରତା ପ୍ରକାଶ ପାଇଛି ତାହା ପୂର୍ବରୁ କେବେ ଦେଖାଦେଇନାହିଁ । ପୂର୍ବ ଭାରତରେ ରାଜ୍ୟକୁ ଶିଳ୍ପର ପେଣ୍ଠ କରିବା ଲାଗି ନିଷ୍ଠାପୂର୍ଣ୍ଣ ଉଦ୍ୟମ ଜାରି ରହିବା ମଧ୍ୟ ସ୍ୱାଗତର ବିଷୟ । ତେବେ ସଂପ୍ରସାରିତ ଦୃଷ୍ଟିଭଙ୍ଗୀକୁ ତାଳ ଦେବା ପାଇଁ ପରିବହନ କ୍ଷେତ୍ରରେ ଯେଉଁ ପ୍ରୟାସ ବଳଶାଳୀ ହେବା କଥା ସେପରି ହୋଇନଥିବା ଅନୁଭୂତି ହେଉଛି । ବିଶେଷ କରି ମେଟ୍ରୋ ପ୍ରକଳ୍ପ ଏ ପର୍ଯ୍ୟନ୍ତ ହୋଇନାହିଁ ।

୨୦୨୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ତ୍ରିଶୁଳିଆ ନିକଟରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ପ୍ରକଳ୍ପ ପାଇଁ ମୋଟ ୬,୨୫୫.୯୪କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା । ସ୍ଥାୟୀ ସହରାଞ୍ଚଳ ନିମନ୍ତେ ମେଟ୍ରୋ ରେଳ ପ୍ରକଳ୍ପ ବହୁ ଦୃଷ୍ଟିରୁ ଉପାଦେୟ । ତତ୍କାଳୀନ ସରକାର ଏହି ପ୍ରକଳ୍ପ ୨୦୨୭ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖିଥିଲେ ହେଁ ବିଜେପି କ୍ଷମତାକୁ ଆସିବା ପରେ ତାହାକୁ ସ୍ଥଗିତ ରଖିଛନ୍ତି । ଏବେ ଏହି ପ୍ରକଳ୍ପ କେତେ ଦୂର ଲାଭକ୍ଷତି ଘଟିବ, ଏଥିରେ ବାସ୍ତବତା, ଆର୍ଥିକ ତଥା ଆନୁଷଙ୍ଗିକ ଦିଗ ସଂପର୍କରେ ସମୀକ୍ଷା କରାଯାଉଥିବା ରାଜ୍ୟ ସରକାର କହୁଛନ୍ତି । ସେହି ସମୀକ୍ଷା କେବେ ଶେଷ ହେବ ସେନେଇ ଜଣାପଡ଼ିନାହିଁ ।

ଭୁବନେଶ୍ୱରରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ୨୬ କିଲୋମିଟର ମେଟ୍ରୋ ପ୍ରକଳ୍ପ ଯଦି କାର୍ଯ୍ୟକାରୀ ହୁଏ, ତେବେ ଖୋର୍ଦ୍ଧା, ଆଠଗଡ଼, ନିଆଳି, ପିପିଲି ପ୍ରଭୃତି ଅଞ୍ଚଳର ଲୋକେ ବିଶେଷ ଭାବରେ ଉପକୃତ ହେବେ । ଆଗାମୀ ୧୦ରୁ ୧୫ ବର୍ଷ ମଧ୍ୟରେ ସମ୍ଭାବ୍ୟ ବର୍ଦ୍ଧିତ ଜନସଂଖ୍ୟାକୁ ଯଦି ଆଖିଆଗରେ ରଖାଯାଏ ତେବେ ମେଟ୍ରୋ ପ୍ରକଳ୍ପ ପାଲଟିବ ପରିବହନର ଜୀବନରେଖା । ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସଡ଼କ/ପରିବହନ ବ୍ୟବସ୍ଥା ତଦନୁରୂପ ନ ହେଲେ ସମସ୍ୟାର ମୁକାବିଲା କରାଯାଇପାରିବନାହିଁ । ନିକଟରେ ପ୍ରକଳ୍ପ ନେଇ ରାଜ୍ୟ ସରକାର ପୁନଃବିଚାର କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଭୁବନେଶ୍ୱର ସାଂସଦ ଚିଠି ଲେଖିଛନ୍ତି । ଏହି ପ୍ରକଳ୍ପ ରାଜସ୍ଥାନର ଜୟପୁର ଢାଞ୍ଚାରେ କରିବାକୁ ସେ ମତ ରଖିଛନ୍ତି । ଉଲ୍ଲେଖ କରାଯାଇପାରେ ଯେ ରାଜ୍ୟରେ ଏବେ 'ଓଡ଼ିଶା ସ୍ଥାନୀୟ ସହରାଞ୍ଚଳ ଗମନାଗମନ ପରିବର୍ତ୍ତନ ଯୋଜନା' ନାମରେ ତିଆରି କରାଯାଇଥିବା ପ୍ରକଳ୍ପ ସାମଗ୍ରିକ ସହରୀ ପରିବହନ ବ୍ୟବସ୍ଥାକୁ ଚୂଡ଼ାନ୍ତ ରୂପରେଖ ଦେବ । ଏ ଦୃଷ୍ଟିରୁ ଆଲୋଚ୍ୟ ପ୍ରକଳ୍ପ ପରିବେଶ ଅନୁକୂଳ ହେବା ଆବଶ୍ୟକ । ଏହାର ବାସ୍ତବତା ଦିଗରେ ଦୃଢ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ଅନୁଭୂତ ହେଉଛି ।

# ଯୁବପିଢ଼ି ହୁଅନ୍ତୁ ସଚେତନ

**ଶିବାନନ୍ଦ ପଲାଇ**

ଆଜିର ଦ୍ରୁତଗତିଶୀଳ ଓ ପ୍ରତିଯୋଗିତାମୂଳକ ସମାଜରେ ଯୁବପିଢ଼ି ନୂତନ ସ୍ୱପ୍ନ ଓ ଆଶା ନେଇ ଆଗକୁ ବଢୁଛନ୍ତି । ସେମାନେ ଦେଶର ଶକ୍ତି ଓ ଆଗାମୀ ଭବିଷ୍ୟତର ଭିତ୍ତିସ୍ତମ୍ଭ । କିନ୍ତୁ ଆଧୁନିକତାର ଦୌଡ଼ରେ ଅନେକ ଯୁବକ-ଯୁବତୀ ଧୀରେ ଧୀରେ ବିଶୃଙ୍ଖଳିତ ଓ ଅନିୟମିତ ଜୀବନ ଶୈଳୀ ପ୍ରତି ଆକର୍ଷିତ ହେଉଥିବା ଦେଖାଯାଉଛି । ଅତ୍ୟଧିକ ମୋବାଇଲ ବ୍ୟବହାର, ସୋସିଆଲ ମିଡିଆରେ ଅଧିକ ସମୟ ବିତାଇବା , ରାତିରେ ଡେରିରେ ଶୋଇବା ଓ ଅସ୍ୱାସ୍ଥ୍ୟକର ଖାଦ୍ୟାଭାସ ଯୁବମାନଙ୍କ ଦୈନନ୍ଦିନ ଜୀବନକୁ ଧୀରେ ଧୀରେ ଅସଂଗଠିତ କରୁଛି ।

କିଛି ଦଶକ ପୂର୍ବରୁ ଯୁବମାନଙ୍କ ଜୀବନରେ ଏକ ସ୍ପଷ୍ଟ ଶୃଙ୍ଖଳା ଦେଖାଯାଉଥିଲା । ସକାଳୁ ଉଠି ପଢ଼ାଶୁଣା, କ୍ରୀଡ଼ା, ଶାରୀରିକ ଅଭ୍ୟାସ ଓ ସାମାଜିକ କାର୍ଯ୍ୟରେ ସେମାନେ ସମୟ ବ୍ୟୟ କରୁଥିଲେ । ଏହା ତାଙ୍କର ଶାରୀରିକ ଓ ମାନସିକ ଉନ୍ନତିରେ ସହାୟକ ହେଉଥିଲା । କିନ୍ତୁ ବର୍ତ୍ତମାନ ଅନେକ ଯୁବକମାନଙ୍କ ଦିନର ଅଧିକ ସମୟ ମୋବାଇଲ, ଗେମ୍, ରିଲ୍ସ ଓ ଅନଲାଇନ ଜଗତରେ କଟୁଛି । ଏହାର ପରିଣାମରେ ଶାରୀରିକ ସ୍ୱାସ୍ଥ୍ୟର ଅବନତି, ମାନସିକ ସନ୍ତୁଳନର ହ୍ରାସ ଓ ଜୀବନର ଲକ୍ଷ୍ୟ ପ୍ରତି ଧ୍ୟାନ କମିଯାଉଛି ।

ଅନ୍ୟପକ୍ଷେ କେତେକ ଯୁବକ ଖରାପ ସଙ୍ଗତିରେ ପଡ଼ି ନିଶାଦ୍ରବ୍ୟ, ମଦ୍ୟପାନ ଓ ଅନ୍ୟାନ୍ୟ ଅସୁସ୍ଥ ଅଭ୍ୟାସ ପ୍ରତି ଆକର୍ଷିତ ହେଉଛନ୍ତି । ଏହା କେବଳ ତାଙ୍କର ଭବିଷ୍ୟତକୁ ଅନ୍ଧକାରମୟ କରୁନାହିଁ, ପରିବାର ଓ ସମାଜ ପାଇଁ ମଧ ଗଭୀର ଚିନ୍ତାର କାରଣ ହେଉଛି । ଯେଉଁ ବୟସରେ ସ୍ୱପ୍ନ ଦେଖି ସେଗୁଡିକୁ ସାକାର କରିବା ଉଚିତ, ସେହି ବୟସରେ ଅନେକ ଯୁବକ ଦିଗଭ୍ରାନ୍ତ



ହେଉଥିବା ଦେଖାଯାଉଛି । ଅସଂଗଠିତ ଓ ଅନିୟମିତ ଜୀବନ ଶୈଳୀର ପ୍ରଭାବରେ ଆଜିର ଯୁବପିଢ଼ି ଅଜାଣତେ ନିଜ ଜୀବନ ଓ ଭବିଷ୍ୟତକୁ ବିପଦର ମୁହାଁରେ ଠେଲିଦେଉଛନ୍ତି । କ୍ଷଣିକ ଆନନ୍ଦ ପାଇଁ ଧୀରେ ଧୀରେ ତାଙ୍କର ସ୍ଥାୟୀ ସୁଖ, ଲକ୍ଷ୍ୟ ଓ ସ୍ୱପ୍ନ ହରାଯାଉଛି ।

ଏ ପରିସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ,ଯୁବପିଢ଼ିକୁ ଶୃଙ୍ଖଳାରେ କିପରି ଫେରାଯିବା ?

ବାସ୍ତବରେ ଏହା କେବଳ ଯୁବକମାନଙ୍କର ଦାୟିତ୍ୱ ନୁହେଁ; ପରିବାର, ଶିକ୍ଷାନୁଷ୍ଠାନ ଓ ସମାଜ ସମସ୍ତଙ୍କର ସକ୍ରିୟ ଭୂମିକା ଅତ୍ୟନ୍ତ ଆବଶ୍ୟକ ।

ପରିବାର ହେଉଛି ପିଲାଙ୍କ ପ୍ରଥମ ପାଠଶାଳା । ଘରେ ଯେପରି ଶୃଙ୍ଖଳା, ମୂଲ୍ୟବୋଧ ଓ ଆଚରଣ ଦେଖାଯାଏ, ପିଲାମାନେ ସେହିକୁ ଅନୁସରଣ କରନ୍ତି । ତେଣୁ ଅଭିଭାବକମାନେ ପିଲାମାନଙ୍କୁ ଛୋଟବେଳୁ ସମୟର ମୂଲ୍ୟ, ନୀତିମୂଲ୍ୟ ଓ ଶୃଙ୍ଖଳାର ଗୁରୁତ୍ୱ ବୁଝେଇବା ଆବଶ୍ୟକ ।

**ଯୁବପିଢ଼ି ହେଉଛନ୍ତି ଦେଶର ଶକ୍ତି ଓ ଭବିଷ୍ୟତ । ଯଦି ସେମାନେ ସୁସ୍ଥ, ସଚେତନ ଓ ଶୃଙ୍ଖଳିତ ଜୀବନ ଶୈଳୀକୁ ଅନୁସରଣ କରିବେ, ତେବେ ସେମାନେ କେବଳ ନିଜ ଭବିଷ୍ୟତକୁ ଉଜ୍ଜ୍ୱଳ କରିବେ ତାହା ନୁହେଁ, ସମାଜ ଓ ଦେଶର ଉନ୍ନତିରେ ମଧ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିପାରିବେ । ଶୃଙ୍ଖଳାହୀନ ଜୀବନ ମଣିଷକୁ ଦିଗଭ୍ରାନ୍ତ କରେ, କିନ୍ତୁ ଶୃଙ୍ଖଳିତ ଜୀବନ ସଫଳତାର ପଥକୁ ଜାଗ୍ରତ କରେ ।**

ଏହା ସହିତ ଶିକ୍ଷାନୁଷ୍ଠାନ ଓ ଶିକ୍ଷକମାନଙ୍କ ଭୂମିକା ମଧ ଏଥିରେ ମହତ୍ତ୍ୱପୂର୍ଣ୍ଣ । ସ୍କୁଲ ଓ କଲେଜ କେବଳ ପଢ଼ାଶୁଣାର ସ୍ଥାନ ନୁହେଁ; ଏହା ଚରିତ୍ର ଗଢ଼ିବାର ମଞ୍ଚ । ଯଦି ଯୁବକ ଯୁବତୀମାନଙ୍କୁ କ୍ରୀଡ଼ା, ସାହିତ୍ୟ, ସାମାଜିକ କାର୍ଯ୍ୟ ଓ ସୃଜନଶୀଳ କାର୍ଯ୍ୟରେ ଆଗ୍ରହୀ କରାଯାଏ, ସେମାନେ ସହଜରେ ଖରାପ ପଥରୁ ଦୂରେ ରହିପାରିବେ ।

ଯୁବପିଢ଼ି ହେଉଛନ୍ତି ଦେଶର ଶକ୍ତି ଓ ଭବିଷ୍ୟତ । ଯଦି ସେମାନେ ସୁସ୍ଥ, ସଚେତନ ଓ ଶୃଙ୍ଖଳିତ ଜୀବନ ଶୈଳୀକୁ ଅନୁସରଣ କରିବେ, ତେବେ ସେମାନେ କେବଳ ନିଜ ଭବିଷ୍ୟତକୁ ଉଜ୍ଜ୍ୱଳ କରିବେ ତାହା ନୁହେଁ, ସମାଜ ଓ ଦେଶର ଉନ୍ନତିରେ ମଧ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିପାରିବେ । ଶୃଙ୍ଖଳାହୀନ ଜୀବନ ମଣିଷକୁ ଦିଗଭ୍ରାନ୍ତ କରେ, କିନ୍ତୁ ଶୃଙ୍ଖଳିତ ଜୀବନ ସଫଳତାର ପଥକୁ ଜାଗ୍ରତ କରେ । ତେଣୁ ଯୁବପିଢ଼ିଙ୍କୁ ବର୍ତ୍ତମାନ ସଚେତନ ହେବାର ସମୟ ଆସିଛି ।

ମୋ-୭୭୮୯୯୧୬୩୯୪

# ମୁଁ ଦେଖିଥିବା 'ଭୁବନେଶ୍ୱର'...(୪)

**ବଟକୃଷ୍ଣ ତ୍ରିପାଠୀ**

**"ଖବର କାଗଜରେ ମୋ ନାଁ ପ୍ରକାଶ ପାଇଛି ଦେଖି ମୁଁ ବହୁତ ଖୁସି ହେଲି ଏବଂ ସାଙ୍ଗ ପିଲାମାନଙ୍କ ସଙ୍ଗେ ମିଶି କିଏ ପାସ୍ କରିଛି କିଏ ଫେଲ୍ ହୋଇଛି ତାକୁ ନେଇ ଚର୍ଚ୍ଚା କରି ଘରକୁ ଫେରିଲି । ଗାଁରେ ପ୍ରଚାରିତ ହୋଇ ଯାଇଥିଲା ଯେ ମୁଁ ମାଟ୍ରିକ ପାସ୍ କରିଛି । ସେତେବେଳେ ଗାଁ ଗଣ୍ଡାରୁ ମାଟ୍ରିକ୍ ପାସ୍ କରିବା ପିଲାଙ୍କ ସଂଖ୍ୟା ବହୁତ କମ୍ । ସେ ବର୍ଷ ମୁଁ ଏକା ଆମ ଗାଁ ଏବଂ ଆଖପାଖ ଗାଁରୁ ମାଟ୍ରିକ୍ ପାସ୍ କରିଥାଏ । ଆଉ ଦୁଇ/ତିନି ଜଣ ଯେଉଁମାନେ ପରୀକ୍ଷା ଦେଇଥିଲେ, ଫେଲ୍ ହୋଇଯାଇଥିଲେ ।**

୧୯୫୯ ମସିହାରେ ମୁଁ ମାଟ୍ରିକ ଦ୍ୱିତୀୟ ଶ୍ରେଣୀରେ ପାସ୍ କଲି । ସେତେବେଳେ ଖବରକାଗଜମାନଙ୍କରେ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଉଥାଏ । ଯେଉଁଦିନ ପରୀକ୍ଷା ଫଳ କଟକରେ ବାହାରିଲା ସେହି ଦିନ ଆମ ନିଆଳୀ ହାଇସ୍କୁଲର ଜଣେ ଶିକ୍ଷକ କଟକରୁ ସମାଜ ଖବରକାଗଜ ଯେଉଁଥିରେ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇଥିଲା, ତାହାକୁ ଧରି ନିଆଳୀ ହାଇସ୍କୁଲରେ ପହଞ୍ଚିଥିଲେ । ଏହି ଖବର ପ୍ରଚାରିତ ହେବା ପରେ, ମୁଁ ଗାଁରେ ଥାଇ ମାଛମରା ହେଉଥିବା ମକଦମୀ ପୋଖରୀ 'ନାହାଗିଡି' ପାଖରେ ଥିବା ସମୟରେ ଶୁଣିଲି । ମାତ୍ର, ମୁଁ ପାସ୍ କରିଛି କି ନାହିଁ କେହି କହି ପାରିଲେ ନାହିଁ ।

ମାଛମରା ପୋଖରୀ ପାଖରୁ ଆସି ବୋଉକୁ କିଛି ନ କହି ଖଣ୍ଡେ ହ୍ୟାପ୍ ପ୍ୟାଣ୍ଟ, ଆଉ ହ୍ୟାପ୍ ସାର୍ଟ ପିନ୍ଧି ନିଆଳୀ ବାହାରିଲି । ସାଇକେଲ ନ ଥାଏ । ଚାଲି ଚାଲି (ପ୍ରାୟ ଚାରିକିଲୋମିଟର) ନିଆଳୀ ହାଇସ୍କୁଲରେ ପହଞ୍ଚିବା ବେଳକୁ, ସ୍କୁଲ ପରିସରରେ ବହୁ ପିଲା ଏବଂ ଦୁଇଜଣ ଶିକ୍ଷକ ଥିଲେ ।

ମୋତେ ଦେଖୁ ଦେଖୁ ନୀଳମଣି ସାର୍ କହିଲେ - 'ଆରେ ତୁ ପାସ୍ କରିଯାଇଛୁ । ସେତିକି ନୁହଁ , ସେକେଣ୍ଡ ଡିଭିଜନରେ ପାସ୍ କରିଛୁ ।'

ଏତକ କହି ସାର୍ ମୋତେ ପରୀକ୍ଷାଫଳ ଖବର ପ୍ରକାଶ ପାଇଥିବା ଖବର କାଗଜ ଖଣ୍ଡକ ଦେଖେଇ ଦେଲେ । ଖବର କାଗଜରେ ମୋ ନାଁ ପ୍ରକାଶ ପାଇଛି ଦେଖି ମୁଁ ବହୁତ ଖୁସି ହେଲି ଏବଂ ସାଙ୍ଗ ପିଲାମାନଙ୍କ ସଙ୍ଗେ ମିଶି କିଏ ପାସ୍ କରିଛି କିଏ ଫେଲ୍ ହୋଇଛି ତାକୁ ନେଇ ଚର୍ଚ୍ଚା କରି ଘରକୁ ଫେରିଲି । ଗାଁରେ ପ୍ରଚାରିତ ହୋଇ ଯାଇଥିଲା ଯେ ମୁଁ ମାଟ୍ରିକ ପାସ୍ କରିଛି । ସେତେବେଳେ ଗାଁ ଗଣ୍ଡାରୁ ମାଟ୍ରିକ୍ ପାସ୍ କରିବା ପିଲାଙ୍କ ସଂଖ୍ୟା ବହୁତ କମ୍ । ସେ ବର୍ଷ ମୁଁ ଏକା ଆମ ଗାଁ ଏବଂ ଆଖପାଖ ଗାଁରୁ ମାଟ୍ରିକ୍ ପାସ୍ କରିଥାଏ । ଆଉ ଦୁଇ/ତିନି ଜଣ ଯେଉଁମାନେ ପରୀକ୍ଷା ଦେଇଥିଲେ, ଫେଲ୍ ହୋଇଯାଇଥିଲେ ।

ସେହିବର୍ଷ ଜୁନ୍ ମାସ ବେଳକୁ 'ମୁଁ କ'ଣ ପଢିବି କେଉଁଠି ପଢ଼ିବି ତାହାକୁ ନେଇ ବୋଉର ଚିନ୍ତା । ନନା (ବାପା) ଘରେ ନ ଥାନ୍ତି । ବାହାର ରାଜ୍ୟ ଆସାମରେ ଥାନ୍ତି । ବୋଉ ଚିଠି ଦେଇ ମୋ ପାସ୍ କଥା ଜଣାଇଦେଇଥିଲା । ପରେ ନନା ଚିଠି ଦେଇ ବୋଉକୁ ଜଣାଇ ଦେଇଥିଲେ ଯେ ମୁଁ ଆଉ ପାଠ ନ ପଢ଼ି ଯେପରି ଚାକିରି କରେ । ନନା ଲେଖିଥାନ୍ତି, 'ତାକୁ କୁହ (ମୋତେ) ସେ ଭୁବନେଶ୍ୱର ଯାଇ ଚାକିରି ଯୋଗାଡ଼ କରୁ ।'

ମାତ୍ର ପ୍ରଥମରୁ ବୋଉ, ମୋ ଚାକିରି କରିବା ବିରୋଧରେ ଥିଲା । ସେ ପଚରା ଉଚରା କରି ସ୍ଥିର କରିଥିଲା ଯେ ମୁଁ କଲେଜରେ ପଢିବାକୁ । ମୁଖ୍ୟତଃ ଆମ ଗାଁର ସରକାରୀ ଚାକିରିଆ ବନବିହାରୀଙ୍କ ସଂଗେ କଥାବାର୍ତ୍ତା କରିଥିଲେ ।

ସେହିବର୍ଷ(୧୯୫୯) ସମଗ୍ର ରାଜ୍ୟରେ ପ୍ରଥମ କରି ତିନିବର୍ଷିଆ ଡିଗ୍ରୀ କୋର୍ସ ଆରମ୍ଭ ହେଉଥାଏ । ପୂର୍ବର ଆଇ.ଏ.ବିଏ ଯାଇ ପ୍ରି-ୟୁନିଭରସିଟି୍ ଗୋଟିଏ ବର୍ଷ, ୩ବର୍ଷ ଡିଗ୍ରୀ କୋର୍ସ ଆରମ୍ଭ ହେଉଥାଏ ।

ବି.ଜେ.ବି କଲେଜରେ ଏହି ନୂଆ ଡିଗ୍ରୀ କୋର୍ସ ଆରମ୍ଭ ହେବାର ନୋଟିଫିକେସନ ବାହାରିଥିବା ଜାଣିବାକୁ ପାଇଲି ଏବଂ ଭୁବନେଶ୍ୱର ବି.ଜେ.ବି କଲେଜରେ କଳା ଶ୍ରେଣୀରେ (ଆର୍ଟସ୍) ପଢିବାକୁ ବୋଉକୁ କହିଲି ଏବଂ ଭୁବନେଶ୍ୱର ଯାଇ ବିଜେବି କଲେଜରୁ ଫର୍ମ ଆଣି ପକାଇଲି ।

ଫର୍ମ ପକାଇ ସାରିବା ପରେ ବୋଉ ପଚାରିଲା, 'ରହିବୁ କେଉଁଠି,ପଢ଼ିବୁ କିମିତି' । ଏହାର ଅର୍ଥ ହେଲା, ମାସକୁ ମାସ ହଷ୍ଟେଲ ପଇସା ଦେଇ ରହିବା ମୋ ପାଇଁ କଷ୍ଟକର ଥିଲା । ମାତ୍ର ବୋଉ କହିଲା, ରବିବାର (ପ୍ରତ୍ୟେକ ରବିବାର ଦିନ, ବନବିହାରୀ ଭୁବନେଶ୍ୱରରୁ ଗାଁକୁ ସାଇକେଲରେ ଆସୁଥିଲେ), ବନବିହାରୀ ଆସିଲେ, ମୁଁ ପଚାରି ବୁଝେ, କ'ଣ କରାଯାଇପାରିବ ? ବନବିହାରୀ ଆସିବାରେ , ସେ ତାଙ୍କ ସହିତ କଥାବାର୍ତ୍ତା କରି ଠିକ୍ କଲା ଯେ ମୁଁ ତାଙ୍କ ବସାରେ ରହିବି । ସେ (ବୋଉ) ମାସକୁ ପାଞ୍ଚଗୌଣୀ(ପ୍ରାୟ ପନ୍ଦର, ଷୋଳ କେଜି) ଚାଉଳ ଏବଂ ଗୌଣିଏ(୩କେଜି) ଭଜା ମୁଗ ଦେବ ଏବଂ ମୋ ଖର୍ଚ୍ଚ ପାଇଁ ୨୦ଟଙ୍କା ଦେବ ।

ଜୁନମାସ ୧୫ ତାରିଖ ବେଳକୁ, କଲେଜରେ ନାଁ ଲେଖିବା ପ୍ରକ୍ରିୟା ଆରମ୍ଭ ହେବାରେ ମୁଁ ଯାଇ ବିଜେବି କଲେଜରେ ନାଁ ଲେଖାଇଦେଲି ।

ନନା ୫୦ ଟଙ୍କା ପଠାଇଥିଲେ, ବୋଉ ଶହେ ଟଙ୍କା ଧାର ଉଧାର କରି ଯୋଗାଡ଼ କରିଥିଲା । ସେହି ପଇସା ପଠାଇଥିଲେ । ସେହି ପଇସାରେ ମୁଁ କଲେଜରେ ପ୍ରି-ୟୁନିଭରସିଟି୍ ଆର୍ଟରେ ନାଁ ଲେଖାଇ ବନବିହାରୀ ବାବୁଙ୍କ ବସାରେ ରହିଲି ।

ଚାରିଦିନ ପରେ ବୋଉ ଆମ କୋଠିଆ ଭାବଗ୍ରାହୀ ହାତରେ ପାଞ୍ଚ ଗୌଣୀ ଚାଉଳ ଓ ମୁଗ ଏବଂ ମୁଁ ସକାଳୁ ଖାଇକରି କଲେଜ ଯିବା ପାଇଁ ମୁଢି, ଚୁଡ଼ା, ଛତୁଆ ପଠାଇଥିଲା ।

ବିଜେବି କଲେଜର ସେତେବେଳେ ସ୍ୱତନ୍ତ୍ର ଘର ନ ଥାଏ । ଏକ ନମ୍ବର ୟୁନିଟରେ କେତେକ ଟାଇପ ଫୋର ସରକାରୀ ଘରକୁ ନେଇ କଲେଜ ଆରମ୍ଭ ହୋଇଥାଏ ।

ବର୍ଷକ ପୂର୍ବରୁ ଆଇଏ, ଆଇ.ଏ.ସି(ବିଜ୍ଞାନ) ଆରମ୍ଭ ହୋଇଥିଲା । ମୁଁ ଯେଉଁବର୍ଷ ପ୍ରି-ୟୁନିଭରସିଟି୍ ଆର୍ଟରେ ଆଡମିଶନ ନେଲି, ସେ ବର୍ଷ ଆର୍ଟରେ (କଳା) ସିଟ୍ ସଂଖ୍ୟା ଥିଲା ୮୦ ମାତ୍ର ଜୁଲାଇ ମାସ ସୁଦ୍ଧା, (କ୍ଲାସ ଆରମ୍ଭ ହେବାବେଳକୁ) ସତୁରି /ବାସ୍ତରିଜଣ ଝିଅ, ପୁଅ ଆଡମିଶନ ନେଇଥିଲେ । ଆମ ସାଙ୍ଗରେ ସେ ବର୍ଷ ୨୧ ଜଣ ଝିଅ ପିଲା ମଧ୍ୟ ଆଡ୍ମିଶନ ନେଇଥିଲେ । ସେହିପରି ବିଜ୍ଞାନ କ୍ଲାସ ପ୍ରି-ୟୁନିଭରସିଟି୍ ସାଇନ୍ସରେ୧୨୦ ଆସନରୁ ପ୍ରାୟ ୧୧୦ ଜଣ ଆଡମିଶନ ନେଇ ଥିଲେ ।

କ୍ଲାସ ଆରମ୍ଭ ହେଲା, ମାତ୍ର ଜାଗା ଅଭାବରୁ ଆର୍ଟ କ୍ଲାସ ସକାଳ ସାତଟାରୁ ୧୨ଟା ପର୍ଯ୍ୟନ୍ତ ଏବଂ ସାଇନ୍ସ କ୍ଲାସ ୧୧ଟାରୁ ୪ଟା ପର୍ଯ୍ୟନ୍ତ, ସେହି ୧ନଂ ୟୁନିଟର ଟାଇପ୍ ଫୋର ଘରମାନଙ୍କରେ ଚାଲିଲା । ଉଭୟ ବିଜ୍ଞାନ ଏବଂ କଳା ଶ୍ରେଣୀ ମାନଙ୍କ ପାଇଁ ଲେକ୍‌ଚରମାନେ ଯୋଗ ଦେଇଥିଲେ । କଲେଜର ପ୍ରିନ୍ସିପାଲ ସେତେବେଳେ ଥାନ୍ତି ଆର.ସି.ରାଜଗୁରୁ । ପୂର୍ବରୁ ଆଇ.ଏ ଏବଂ ଆଇ.ଏସି ଆରମ୍ଭବେଳେ ଏକ ବର୍ଷ ପାଇଁ ଆଉ ଜଣେ ଲେକ୍‌ଚରର ଅସ୍ଥାୟୀ ପ୍ରିନ୍ସିପାଲ ଭାବେ କାର୍ଯ୍ୟ କରୁଥିଲେ ।

ପ୍ରତ୍ୟେକ ଦିନ ସକାଳୁ ଉଠି, ଗାଧୋଇ ପାଧୋଇ, ଦିନେ ଦିନେ ନ ଗାଧୋଇ, ୨ ନମ୍ବର ୟୁନିଟରେ ଥିବା ବନବାବୁଙ୍କ ସରକାରୀ କ୍ୱାର୍ଟର(ଟାଇପ୍ ଫୋର)ରୁ ବାହାରି ଚାଲି ଚାଲି ଏକ ନମ୍ବର ଟାଇପ୍ ଫୋର ସରକାରୀ କ୍ୱାର୍ଟରରେ ଚାଲୁଥିବା କଲେଜକୁ ଯାଉ ।

ମୁଁ ରହୁଥିବା ଘର ସାମ୍ନାରେ ଇଲେକ୍‌ଟ୍ରିକ୍ ଅଫିସ ତାର ଆରପଟ ଲାଇନରୁ ୨ ଜଣ ଝିଅ ଏବଂ ୨ ଜଣ ପୁଅ ମଧ୍ୟ ବିଜେବି କଲେଜ ଚାଲି ଚାଲି ଯାଉଥିଲେ । ଆସ୍ତେ ଆସ୍ତେ ଆମେ ସମସ୍ତେ ସାଙ୍ଗ ହୋଇ ଚାଲି ଚାଲି ଗଲୁ । କିଛି ଦିନ ପରେ ଝିଅମାନେ ୨ ନମ୍ବର ଓ ୬ ନମ୍ବର ୟୁନିଟରୁ ଆସୁଥିବା ଝିଅ ମାନଙ୍କୁ ସାଙ୍ଗରେ ମିଶି ଗୋଟିଏ ଦଳ କରି ଚାଲି ଚାଲି ଯାଉଥାନ୍ତି । ଆମ କ୍ଲାସର ୪ ଜଣ ପିଲା, ସେତେବେଳେ ସାଇକେଲରେ ଆସୁଥିଲେ । ଲେକଚରମାନେ ପ୍ରାୟ ସମସ୍ତେ ସାଇକେଲରେ ଆସନ୍ତି । ମୋର ମନେ ପଡ଼େ, ଏହି ଦୁଇ/ତିନି କିଲୋମିଟର ବାଟ ଚାଲି ଚାଲି ଯିବାରେ କିଛି ଅସୁବିଧା ହେଉନଥିଲା, ବରଂ ଚାଲି କରି ଯିବାରେ ଏକ ଆନନ୍ଦ ଥିଲା । ଏହାର କାରଣ ହେଲା, ସେତେବେଳେ ଭୁବନେଶ୍ୱରରେ ହାତଗଣତି କେତେ ଖଣ୍ଡ କାର୍, ସରକାରୀ ଜିପ୍, କାର୍ ଇତ୍ୟାଦି ଥିଲା । ଆମ କ୍ଲାସକୁ ଜଣେ ଝିଅ କାର୍‌ରେ ଆସୁଥିଲେ । ତାଙ୍କ ବାପା ସେତେବେଳେ ସେକ୍ରେଟାରିଏଟ୍‌ରେ ଡେପୁଟୀ ସେକ୍ରେଟାରୀ ଥିଲେ । ବେଳେ ବେଳେ ଆଉ କିଏ କେମିତି କାର୍‌ରେ ଆସୁଥିଲେ । ମାତ୍ର ଚାଲି କରି କଲେଜକୁ ଆସିବା, କେତେକ ସାଇକେଲରେ ଆସିବା ଥିଲା ସାଧାରଣ କଥା ।

**ଭୁବନେଶ୍ୱର**

# ମହାକାଶରୁ ସବୁଜ ସ୍ୱାଦ

**ଡ.ଲକ୍ଷ୍ମଣ ସାହୁ**

**"ମହାକାଶଯାନରେ କୃତ୍ରିମ ଭାବରେ ନିୟନ୍ତ୍ରିତ ପରିବେଶରେ ଏପର୍ଯ୍ୟନ୍ତ କିଛି ଉଦ୍ଭିଦର ଚାଷ କରାଯାଇଛି । ଆଉ ଉଦ୍ଭିଦ ଉପରେ ଅନ୍ତରୀକ୍ଷ ପରିବେଶର ପ୍ରଭାବ ଅଧ୍ୟୟନ କରାଯାଇଛି । ଉଦାହରଣ ସ୍ୱରୂପ, ଉଦ୍ଭିଦ ଉପରେ ବିକିରଣର ପ୍ରଭାବକୁ ବିଚାରକୁ ନେବାକୁ ପଡିବ । ଟମାଟୋ ବିହନକୁ ପାଞ୍ଚ ବର୍ଷରୁ ଅଧିକ ସମୟ ପାଇଁ ମହାକାଶରେ ସଂରକ୍ଷଣ କରାଯାଇଥିଲା । ଯେତେବେଳେ ସେଗୁଡ଼ିକୁ ପୃଥିବୀକୁ ଫେରାଇ ଅଣାଯାଇଥିଲା, ସେତେବେଳେ ସେଗୁଡ଼ିକ ସାଧାରଣ ଭାବରେ ଗଜା ହୋଇ ବଢିବା ଦେଖାଯାଇଥିଲା । ତଥାପି ସେମାନଙ୍କର ଅଙ୍କୁରିତ କ୍ଷମତା ପୃଥିବୀରେ ଚାଷ ହୋଇଥିବା ବିହନ ତୁଳନାରେ କମ୍ ଥିଲା । ଅଧିକାଂଶ ବିହନ ସହଜରେ ଗଜା ହେଉନଥିଲା । ଏହି କ୍ଷେତ୍ରରେ କାର୍ଯ୍ୟରତ ଜଣେ ଗଭୀର ବିଦ୍ୱାନ ଚିନ୍ତନଭାଇ ଭଟ୍ଟ ତାଙ୍କ 'ପୃଥିବୀରୁ ମହାକାଶକୁ' ପୁସ୍ତକରେ କହିଛନ୍ତି ଯେ ମହାକାଶରେ ଚାଷ ହୋଇଥିବା ବିହନ ଭୂମିରେ ପଡ଼ି ନଥାଏ, ବରଂ ଭାସମାନ ହୋଇଥାଏ ।**

ସାରା ବିଶ୍ୱରେ ଅନେକ ନୂତନ କୃଷି ଗବେଷଣା ସତ୍ତ୍ୱେ, କ୍ଷୁଧା ଏବେ ବି ପ୍ରଚଣ୍ଡ । କ୍ରମାଗତ ଭାବରେ ବୃଦ୍ଧି ପାଉଥିବା ପ୍ରଦୂଷଣ ଦ୍ୱାରା କଷ୍ଟ ପାଇଥିବା ମଣିଷ ଏବେ ମହାକାଶ ଆଡକୁ ଦୃଷ୍ଟି ପକାଇଛି । ସେମାନେ ମହାକାଶରେ ବସତି ସ୍ଥାପନ କରିବାର ସ୍ୱପ୍ନ ଦେଖୁଛନ୍ତି । ସେମାନେ ଏକ ମହାକାଶ କଲୋନୀ ନିର୍ମାଣ କରିବାକୁ ଚାହୁଁଛନ୍ତି , ଯେଉଁଠାରେ ମଣିଷ ଶାନ୍ତିରେ ରହିପାରିବେ । ଆଜି ମଣିଷ ଚନ୍ଦ୍ରରେ ଚାଷ କରିବାକୁ ଚିନ୍ତା କରୁଛନ୍ତି । ଏହି ଉଦ୍ଦେଶ୍ୟରେ, ଫ୍ଲୋରିଡା ବିଶ୍ୱବିଦ୍ୟାଳୟର ପଲ୍ ଓ ରବ ଫାର୍ଲି ଏକ ଅଭିନବ ପରୀକ୍ଷଣ କରିଛନ୍ତି ।

ସେ ମହାକାଶରେ ଉଦ୍ଭିଦ ଚାଷ ଉପରେ ବ୍ୟାପକ ଗବେଷଣା କରିଛନ୍ତି । ସେହି ଗବେଷଣା ପାଇଁ ସେ ଆମେରିକୀୟ ସଂସ୍ଥା ନାସାକୁ ଚନ୍ଦ୍ର ମାଟି ମଧ ଅନୁରୋଧ କରିଥିଲେ । ଆପୋଲୋ ମିଶନ ସମୟରେ ଏହି ମାଟି ଚନ୍ଦ୍ରରୁ ଅଣାଯାଇଥିଲା । କିନ୍ତୁ ଲକ୍ଷ ଲକ୍ଷ ଡଲାର ମୂଲ୍ୟର ଏହି ମାଟି କ'ଣ ଏପରି ଭାବରେ ଦିଆଯାଇପାରିବ ? ତେଣୁ ନାସା ନିଜେ ଗବେଷଣା ଆରମ୍ଭ କଲା ଓ ଏହାର ବୈଜ୍ଞାନିକମାନେ ଚନ୍ଦ୍ର ମାଟିରେ ଉଦ୍ଭିଦ ଚାଷ କରିବାରେ ସଫଳ ହେଲେ ।

ଭବିଷ୍ୟତରେ ଯଦି ଚନ୍ଦ୍ରର ବରଫକୁ ପାଣିରେ ପରିଣତ କରାଯାଏ ଓ ଏକ କୃତ୍ରିମ ପରିବେଶ ଯୋଗାଇ ଦିଆଯାଏ, ତେବେ ଟମାଟୋ, ପାଳଙ୍ଗ ତଥା ମୂଳା, ଚନ୍ଦ୍ର ବସତି ପାଇଁ ଖାଦ୍ୟ ହୋଇପାରିବେ । ହୁଏତ ଏହି ମହାକାଶ ଟମାଟୋ ଓ ମୂଳା ପୃଥିବୀରେ ମଧ ବ୍ୟବସାୟ କରାଯାଇପାରିବ । ବର୍ତ୍ତମାନ, ଚନ୍ଦ୍ର ପୃଷ୍ଠରୁ ଅଣାଯାଇଥିବା ମାଟିରେ ଉଦ୍ଭିଦ ଚାଷ କରିବାର ପ୍ରୟାସ ସଫଳ ହୋଇଛି । ଏପରିକି ଫ୍ଲୋରିଡା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏପରି ମଧ ପରାମର୍ଶ ଦେଇଛନ୍ତି ଯେ ଭବିଷ୍ୟତରେ ଚନ୍ଦ୍ରରେ ଚାଷ ହେଉଥିବା ପନିପରିବା ପୃଥିବୀରେ ଚାଷ ହେଉଥିବା ପନିପରିବା ଅପେକ୍ଷା ସ୍ୱାସ୍ଥ୍ୟକର ହୋଇପାରେ ।

ମହାକାଶଯାନରେ କୃତ୍ରିମ ଭାବରେ ନିୟନ୍ତ୍ରିତ ପରିବେଶରେ ଏପର୍ଯ୍ୟନ୍ତ ଉଦ୍ଭିଦ ଚାଷ କରାଯାଇଛି । ଆଉ ଉଦ୍ଭିଦ ଉପରେ ଅନ୍ତରୀକ୍ଷ ପରିବେଶର ପ୍ରଭାବ ଅଧ୍ୟୟନ କରାଯାଇଛି । ଉଦାହରଣ ସ୍ୱରୂପ, ଉଦ୍ଭିଦ ଉପରେ ବିକିରଣର ପ୍ରଭାବକୁ ବିଚାରକୁ ନେବାକୁ ପଡିବ । ଟମାଟୋ ବିହନକୁ ପାଞ୍ଚ ବର୍ଷରୁ ଅଧିକ ସମୟ ପାଇଁ ମହାକାଶରେ ସଂରକ୍ଷଣ କରାଯାଇଥିଲା । ଯେତେବେଳେ ସେଗୁଡ଼ିକୁ ପୃଥିବୀକୁ ଫେରାଇ ଅଣାଯାଇଥିଲା, ସେତେବେଳେ ସେଗୁଡ଼ିକ ସାଧାରଣ ଭାବରେ ଗଜା ହୋଇ ବଢିବା ଦେଖାଯାଇଥିଲା । ତଥାପି ସେମାନଙ୍କର ଅଙ୍କୁରିତ କ୍ଷମତା ପୃଥିବୀରେ ଚାଷ ହୋଇଥିବା ବିହନ ତୁଳନାରେ କମ୍ ଥିଲା । ଅଧିକାଂଶ ବିହନ ସହଜରେ ଗଜା ହେଉନଥିଲା ।

ଏହି କ୍ଷେତ୍ରରେ କାର୍ଯ୍ୟରତ ଜଣେ ଗଭୀର ବିଦ୍ୱାନ ଚିନ୍ତନଭାଇ ଭଟ୍ଟ ତାଙ୍କ 'ପୃଥିବୀରୁ ମହାକାଶକୁ' ପୁସ୍ତକରେ କହିଛନ୍ତି ଯେ ମହାକାଶରେ ଚାଷ ହୋଇଥିବା ବିହନ ଭୂମିରେ ପଡ଼ି ନ ଥାଏ, ବରଂ ଭାସମାନ ହୋଇଥାଏ । ଏହି ବିହନଗୁଡ଼ିକୁ ଭବିଷ୍ୟତ ପିଢ଼ିର ଉଦ୍ଭିଦଗୁଡ଼ିକର ବିକାଶ ଓ ଅଧ୍ୟୟନ ପାଇଁ ସଂରକ୍ଷଣ କରାଯାଏ ।

ସେସବୁ ସତର୍କତାର ସହ ସଂଗ୍ରହ କରିବା ଆବଶ୍ୟକ । ୧୯୯୭ ମସିହାରେ, ମିର୍ ସ୍ପେସ୍ ଷ୍ଟେସନରେ ଚାଷ ହୋଇଥିବା ବିହନ ବ୍ୟବହାର କରି ପ୍ରଥମ ଥର ପାଇଁ ଦ୍ୱିତୀୟ ପିଢ଼ିର ଉଦ୍ଭିଦଗୁଡ଼ିକୁ ସଫଳତାର ସହ ଚାଷ କରାଯାଇଥିଲା । ମିର୍ ରୁଷିଆର ପ୍ରଥମ ମଡ୍ୟୁଲାର୍ ସ୍ପେସ୍ ଷ୍ଟେସନ ଥିଲା, ଯାହା ୧୯୮୬ ରୁ ୨୦୦୧ ପର୍ଯ୍ୟନ୍ତ ପୃଥିବୀ କକ୍ଷପଥରେ କାର୍ଯ୍ୟ କରୁଥିଲା । ପନ୍ଦର ବର୍ଷ ଧରି, ସେଠାରେ ବିଜ୍ଞାନ, ଜୀବବିଜ୍ଞାନ ଓ ଜ୍ୟୋତିର୍ବିଜ୍ଞାନରେ ପରୀକ୍ଷଣ କରାଯାଇଥିଲା । ଏହା ମାନବ ବାସସ୍ଥାନ ପାଇଁ ଉପଯୁକ୍ତ ଏକ ବହୁ-ମଡ୍ୟୁଲାର୍ ଷ୍ଟେସନ ଥିଲା, ଯାହା ୩୬୪୪ ଦିନ ପାଇଁ ମହାକାଶରେ ରହିଥିଲା

ଜୈବିକ ପଦାର୍ଥ କିମ୍ବା ସାର ମହାକାଶରେ ସହଜରେ ଉପଲବ୍ଧ ନୁହେଁ । ଏହି ସମସ୍ୟାର ସମାଧାନ ପାଇଁ, ମହାକାଶରେ ଜିଓଲାଇଟ୍ ଭଳି ସ୍ୱତନ୍ତ୍ର ସମୃଦ୍ଧ ମାଟି ବ୍ୟବହାର କରାଯାଏ, ଯାହା ବହୁ-ଚକ୍ର ଉଦ୍ଭିଦ ବୃଦ୍ଧିକୁ ସକ୍ଷମ କରିଥାଏ ।

ପୃଥିବୀରେ ଉଦ୍ଭିଦ ଅଳିଆର ଅନେକ ବ୍ୟବହାର ଅଛି । ଏପରିକି ଏହାର ନିଷ୍କାସନ ପାଇଁ ଅନେକ ପଦ୍ଧତି ଅଛି । ତଥାପି ମଣିଷ ଦ୍ୱାରା ବ୍ୟବହୃତ ଏକ ଛୋଟ ସ୍ଥାନ କ୍ୟାବିନରେ ଏପରି ପ୍ରକ୍ରିୟା କ୍ୟାବିନର ବାୟୁମଣ୍ଡଳକୁ ଦୂଷିତ କରିପାରେ । ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖିବା କଷ୍ଟକର ଯୋଇପାରେ । ଏହି ସମସ୍ୟାର ସମାଧାନ ପାଇଁ, ଏପରି ଉଦ୍ଭିଦଗୁଡ଼ିକୁ ମହାକାଶରେ ଚାଷ କରାଯିବା ଉଚିତ ଯାହାର ପ୍ରମୁଖ ଅଂଶ ଖାଦ୍ୟ ଭାବରେ ବ୍ୟବହାର କରାଯାଇପାରିବ । ଏହାର ଏକ ପ୍ରମୁଖ ଉଦାହରଣ ହେଉଛି ମୂଳା, ଯାହାର ପ୍ରାୟ ସମସ୍ତ ଖାଦ୍ୟଯୋଗ୍ୟ ଅଂଶ ଅଛି । ଉଦ୍ଭିଦ ଅଳିଆରୁ ପ୍ରୋଟିନ୍ ଉତ୍ପାଦନ କରିବା ପାଇଁ ମଧ ପରୀକ୍ଷଣ କରାଯାଇଛି । କିନ୍ତୁ ସେଗୁଡ଼ିକ କୌଣସି ଉପଯୋଗୀ ଫଳାଫଳ ଦେଇନାହିଁ । ଏହି ବିଷୟ ଉପରେ କରାଯାଇଥିବା ପରୀକ୍ଷଣଗୁଡ଼ିକ ଉପରେ ନଜର ପକାଇବା ଆବଶ୍ୟକ ।

ଅନେକ ପ୍ରକାରର ଉଦ୍ଭିଦକୁ ମହାକାଶକୁ ନିଆଯାଇଛି । ଯେପରିକି ଗାଜର, ପାନମହୁରି, ଗୋଲମରିଚ, ଗହମ, ଚାଉଳ, ମକା, ସୂର୍ଯ୍ୟମୁଖୀ, ମଟର, କପା, ପିଆଜ, କିଛି ଫୁଲ, ଅଳସୀ, ତମାଖୁ, ଯବ, କାକୁଡି, ପାଳଙ୍ଗ, ସୋୟା, ଚଣା, ଲେଟୁସ୍, କିଛି ଡାଲି, ପାଇନ୍, ମିଠା ଆଳୁ, ଅଗର-ଅଗର ଓ ଆଉ କିଛି ପରଜୀବୀ ଉଦ୍ଭିଦ । ମହାକାଶଚାରୀମାନେ ପୃଥିବୀର ସବୁଜ ପରିବେଶରେ ଯେପରି ଶାନ୍ତି ଅନୁଭବ କରନ୍ତି ସେହିପରି ମହାକାଶ କ୍ୟାବିନରେ କିଛି ଉଦ୍ଭିଦ ଚାଷ କରିବା ସମୟରେ ସମାନ ଶାନ୍ତି ଅନୁଭବ କରିଥିଲେ । ସେମାନଙ୍କର ନିୟମିତ ଗବେଷଣା କାର୍ଯ୍ୟ ସହିତ ଉଦ୍ଭିଦ ଅଧ୍ୟୟନ କରି ସେମାନେ ମାନସିକ ଲାଭ ମଧ ପାଇଥିଲେ ।

ମହାକାଶରୁ ପୃଥିବୀରେ ଟମାଟୋ ଚାଷ କରିବାର ପ୍ରଥମ ପ୍ରୟାସ ୧୯୭୧ ମସିହାରେ ଆରମ୍ଭ ହୋଇଥିଲା । ଯେତେବେଳେ ଆଇଏସସ ପୃଥିବୀକୁ ଟମାଟୋ ଫେରାଇ ଆଣିଥିଲା । ଏହା ବ୍ୟତୀତ, ସୋଭିଏତ୍ ୟୁନିଅନ୍ ୧୯୭୧ ମସିହାରେ ସାଲୟୁଟ-୧ ରେ ପିଆଜ ଚାଷ କରିବାକୁ ଚେଷ୍ଟା କରିଥିଲା । ଚନ୍ଦ୍ରରେ ଉଦ୍ଭିଦ ଚାଷ ପାଇଁ ଚୀନ୍‌ର ପ୍ରୟାସ ସଫଳ ହୋଇନଥିଲା । କିନ୍ତୁ ୧୯୭୩ ମସିହାରୁ ବିଭିନ୍ନ ମହାକାଶ ମିଶନ୍ ବିଭିନ୍ନ ଗଛ ଚାଷ କରିବାକୁ ଚେଷ୍ଟା କରିଛି । ଏଥିରେ କପା, ପାଳଙ୍ଗ, ବ୍ରୋକୋଲି, ସୋୟାବିନ୍ ଓ ସୂର୍ଯ୍ୟମୁଖୀ ମଧ ଅନ୍ତର୍ଭୁକ୍ତ ।

ଉତ୍ତର-ପୂର୍ବ ଚୀନ୍‌ରେ ଏକ ଅନନ୍ୟ ପରୀକ୍ଷଣ କରାଯାଇଥିଲା । ଯେଉଁଠାରେ ମହାକାଶରେ ଚାଷ ହେଉଥିବା ଗହମ ପୃଥିବୀରେ ଚାଷ କରାଯାଉଥିଲା । ଚୀନ୍‌ରେ ଚାଷ ହେଉଥିବା ସବୁଠାରୁ ବଡ଼ ଗହମ ଫସଲ ମଧ୍ୟରୁ ଗୋଟିଏ ହେଉଛି ଲୁୟୁଆନ ୫୦୨ , ଯାହା ମହାକାଶରେ ଚାଷ ହୋଇଥିବା ବିହନରୁ ଚାଷ କରାଯାଏ । ଏହି ଗହମ ପୃଥିବୀ ପୃଷ୍ଠରୁ ୩୪୦ କିଲୋମିଟର ଉପରେ ଚାଷ କରାଯାଇଥିଲା । ଏହାର ଗଛଗୁଡ଼ିକ ରୋଗ ପ୍ରତିରୋଧୀ ଓ ମରୁଡ଼ି ସହ୍ୟକାରୀ ବୋଲି ଜଣାପଡିଥିଲା । ଧୀରେ ଧୀରେ ଏପରି ଶସ୍ୟ, ଫଳ ଓ ଫୁଲ ଆମ ଗ୍ରହଗୁଡ଼ିକୁ ପରିକ୍ରମା କରୁଥିବା ମହାକାଶ ଯାନ ଓ ମହାକାଶ ଷ୍ଟେସନ୍‌ରେ ଚାଷ କରାଯାଉଛି ।

ଆଜି ଉତ୍ତର-ପୂର୍ବ ଚୀନରେ ଏହି ମହାକାଶରେ ଚାଷ ହୋଇଥିବା ଗହମର ବିସ୍ତୃତ କ୍ଷେତ ଦେଖିବାକୁ ମିଳୁଛି । ଯେତେବେଳେ ଏହାର ବିହନ ମହାକାଶକୁ ପଠାଯାଏ, ସେତେବେଳେ ମହାଜାଗତିକ ବିକିରଣ ଓ ଶୂନ୍ୟ ଗୁରୁତ୍ୱ କର୍ଷଣ ସେମାନଙ୍କର ଜେନେଟିକ୍ ଗଠନକୁ ପରିବର୍ତ୍ତନ କରେ । ଫଳରେ ନୂତନ ପ୍ରକାରର ଫସଲ ବିକାଶ ହୁଏ । ଏପରିକି ରୋଗ ଓ ମରୁଡ଼ି ପ୍ରତିରୋଧୀ ଭଳି କାମ କରେ । ଏପରି ମଧ ପୃଥିବୀର ବର୍ଦ୍ଧିତ ଜନସଂଖ୍ୟା ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବାରେ ଗହମ ସାହାଯ୍ୟ କରିବ । ଏହା ମଧ ଦେଖାଯାଇଛି ଯେ ମହାକାଶରେ ଚାଷ ହୋଇଥିବା ବିହନ ପାରମ୍ପରିକ ବିହନ ଅପେକ୍ଷା ଦ୍ରୁତ ଗତିରେ ବଢ଼େ ।

ଏ ସଂପର୍କରେ ସଂକ୍ଷେପରେ କହିଲେ ଏତିକି ହେବ ଯେ ମହାକାଶର ଦୁନିଆ ରହସ୍ୟରେ ପରିପୂର୍ଣ୍ଣ । ଜୀବନ ଓ ଚାଷ ସମ୍ଭବ ହେବାର ସ୍ୱପ୍ନ ଏବେ ବାସ୍ତବତାରେ ପରିଣତ ହୋଇଛି । ୨୦୨୪ ବର୍ଷ ପାଇଁ ବୁକର ପୁରସ୍କାର ଜିତିଥିବା ପୁସ୍ତକ (ଅର୍ବିଟାଲ୍) ମହାକାଶର ଦୁନିଆକୁ ଦର୍ଶାଏ । ଲେଖିକା ସାମନ୍ଥା ହାର୍ଭେ ଏକ ମହାକାଶ ଯାତ୍ରାରେ ଯାଇଥିଲେ ଓ ତାଙ୍କ ସ୍ମୃତିକୁ ଏକ ପୁସ୍ତକର ରୂପ ଦେଇଥିଲେ । ସେ ଲେଖିଛନ୍ତି, 'ସେଠାରେ ମାଟି, ପାଗ ଓ ଉଦ୍ଭିଦର ଅନୁପସ୍ଥିତି ବିଚଳିତ କରୁଛି । କୌଣସି ପ୍ରାକୃତିକ ଖାଦ୍ୟ ନାହିଁ । ପ୍ୟାକେଜ୍ ଖାଦ୍ୟ ଜୀବନର ଆଧାର । ଆଖି ସବୁଜିମା ପାଇଁ ଆଗ୍ରହୀ । ବାସ୍ତବରେ ମହାକାଶ କେବଳ ଏକ ବୈଜ୍ଞାନିକ ସଫଳତା ନୁହେଁ, ବରଂ ଏକ ବନ୍ଦ ବିଶ୍ୱ, ଯେଉଁଠାରେ ମଣିଷ ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ବଞ୍ଚି ରହିଥାଏ, କିନ୍ତୁ 'ଜୀବନ'ର ଅର୍ଥ କ'ଣ ତାହା ଖୋଜି ଚାଲିଥାଏ । ଏହି ସମୟରେ, ମହାକାଶକୁ ସବୁଜିମା ଆଣିବା ପାଇଁ ବୈଜ୍ଞାନିକମାନଙ୍କ ପ୍ରୟାସ ଜାରି ରହିଛି ।

**କଟକ - ୪ ,**
**ମୋ: ୯୦୪୦ ୧୫୧୪୭୫**

# ବିନା ଟ୍ରାଞ୍ଜିଟ୍ ପାସରେ ବାଲି ଚୋରାଚାଲାଣ, ୨ ହାଇୱା ଜବତ

ହିଞ୍ଜିଳିକାଟୁ,୧୧।୪ (ନିପ୍ର); ହିଞ୍ଜିଳିକାଟୁ ଓ ଆସିକା ଅଞ୍ଚଳ ଦେଇ ପ୍ରବାହିତ ଘୋଡାହାଡ ଓ ଋଷିକୂଲ୍ୟା ନଦୀରୁ ପ୍ରତ୍ୟହ ବାଲି ଚୋରାଚାଲାଣ ହେଉଥିବା ନଜିର ରହିଛି । ବାଲି ମାଫିଆ ମାନେ ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ କରି ପ୍ରତ୍ୟହ ରାତିରେ ଶହ ଶହ ହାଇୱା, ଟିପ୍ପର, ଟ୍ରକ ଓ ଟ୍ରାକ୍ଟର ଯୋଗେ ବାଲି ଚୋରା ଚାଲାଣ କରୁଥିବା ନିତିଦିନିଆ ଘଟଣା ପାଲଟିଛି । ପୁଲିସ ଓ ରାଜସ୍ୱ ପ୍ରଶାସନ ପକ୍ଷରୁ ରାତିଅଧିଆ ଚଢାଉ କରାଯାଉଥିଲେ ମଧ ବାଲି ମାଫିଆ ମାନେ ଚୋରା ବାଟ ଦେଇ ବାଲି ଚୋରାଚାଲାଣ କରୁଥିବା ଦେଖିବାକୁ ମିଳିଛି । ଶୁକ୍ରବାର ଭୋର୍ ସମୟରେ ହିଞ୍ଜିଳି ପୁଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିଲା । ସେହି ସମୟରେ ଆସିକା ଋଷିକୂଲ୍ୟା ନଦୀରୁ ବାଲି ବୋଝେଇ କରି ବ୍ରହ୍ମପୁର ଅଭିମୁଖେ ଯାଉଥିବା ୨ ବାଲି ବୋଝେଇ ହାଇୱା(ଓଡି୨୩ କେ ୨୧୪୬ ଓ ଓଡି୦୫ବିକ୍ୟୁ ୩୫୮୫ )କୁ ସ୍ଥାନୀୟ ପୌରାଞ୍ଚଳ ବିଜୁ ପଟ୍ଟନାୟକ ଛକରେ ଅଟକାଇ ଟ୍ରାଞ୍ଜିଟ୍ ପାସ୍ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ଉଭୟ ବାଲି ବୋଝେଇ ହାଇୱା ଚାଳକ ଟ୍ରାଞ୍ଜିଟ୍ ପାସ୍ ଦେଖାଇ ପାରିନଥିଲେ। ବିନା ଟ୍ରାଞ୍ଜିଟ୍ ପାସରେ ବେଆଇନ ଭାବେ ବାଲି ଚୋରାଚାଲାଣ ଅଭିଯୋଗରେ ପୁଲିସ ସଂପୃକ୍ତ ୨ ବାଲି ବୋଝେଇ ହାଇୱାକୁ ଜବତ କରିଛି। ଆଗାମୀ ଦିନରେ ବେଆଇନ ଭାବେ ବାଲି ପରିବହନ କରୁଥିବା ଗାଡି ଗୁଡିକ ଉପରେ ଚଢାଉ କରାଯିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି ।

# ୪୩ ଘରୋଇ ଗ୍ୟାସ ସିଲିଣ୍ଡର ଜବତ

ପାରଳାଖେମୁଣ୍ଡି,୧୧।୪ (ନିପ୍ର); ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ତଥା ଜିଲ୍ଲା ଯୋଗାଣ ଅଧିକାରୀ ଅନୁପ ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର କଳାବଜାରି ଉପରେ ଚଢାଉ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ଆଜି ଆର, ଉଦୟଗିରି ବ୍ଲକ ସଦରମହକୁମା ଓ ଛେଳିଗଡ ଠାରେ ଚଢାଉ ହୋଇଥିଲା । ଛେଳିଗଡ ଗ୍ରାମର ଶଶିକାନ୍ତ ପଟ୍ଟନାୟକ ନାମକ ବ୍ୟକ୍ତି ଜଣକ ବିପୁଳ ପରିମାଣର ଗ୍ୟାସ୍ ସିଲିଣ୍ଡର ଗଚ୍ଛିତ ରଖିଥିବା କୌଣସି ସୂତ୍ରରୁ ଖବର ପାଇ ଚଢାଉ କରାଯାଇଥିଲା । ଏହି ଚଢାଉ ବେଳେ ଶ୍ରୀ ପଟ୍ଟନାୟକ



ରଖିଥିବା ଏକ ଘରୁ ୪୩ ଗୋଟି ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡରକୁ ଜବତ କରିଥିଲା ଯୋଗାଣ ବିଭାଗ । ଏନେଇ ସମସ୍ତ ତଥ୍ୟ ଜିଲ୍ଲାପାଳଙ୍କୁ ହସ୍ତାନ୍ତର କରିବା ପରେ ଉଲ୍ଲେଖିତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ସୂଚନା ପ୍ରଦାନ କରାଯାଇଛି। ଏହି ଚଢାଉରେ ସହକାରୀ ଯୋଗାଣ ଅଧିକାରୀ ସୁହାଂସ ଭୋଇ, ପୃଥିବୀରାଜ ପ୍ରଧାନ, ଅତିରିକ୍ତ ଯୋଗାଣ ଅଧିକାରୀ ସବ୍ୟସାଚୀ ବସ୍ତିଆ, ମାର୍କେଟିଂ ଇନ୍ସପେକ୍ଟର ପ୍ରିୟବ୍ରତ ପରମାଣିକ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ପାରଳାଖେମୁଣ୍ଡି,୧୧।୪ (ନିପ୍ର): ଗଜପତି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କଲେ ଆଇନଜୀବୀ ତଥା ବରିଷ୍ଠ ବିଜେପି ନେତା କାମଦେବ ବଡନାୟକ ଓ ଉପାଧ୍ୟକ୍ଷା ଭାବରେ ପଙ୍କଜିନୀ ଦଳାଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦଳୀୟ କର୍ମୀଙ୍କ ଗହଣରେ ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର କାର୍ଯ୍ୟାଳୟରେ ଆନୁଷ୍ଠାନିକ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସରକାର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କ ନାମ ଘୋଷଣା କରିଥିଲେ। ଏହି ଅବସରରେ ପ୍ରତିକ୍ରିୟା ରଖି ଜିଲ୍ଲାରେ ସାମୂହିକ ବିକାଶକୁ ଗୁରୁତ୍ୱ ଦେବା ସହ ଶିକ୍ଷା, ସ୍ୱାସ୍ଥ୍ୟ,ଗମନାଗମନକୁ ପ୍ରାଥମିକତା ଦେଇ ରହିଥିବା ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବେ। ସ୍ଥାନୀୟ କଳା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଉଦ୍ୟମ



କରିବେ । ସବୁ ବର୍ଗର ବିକାଶ ସରକାରଙ୍କ ଆଭିମୁଖ୍ୟ ବୋଲି କହିଛନ୍ତି । ତାଙ୍କ ଉପରେ ଭରସା କରି ଏହି ଗୁରୁ ଦାୟିତ୍ୱ ଦେଇଥିବାରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ନବ କିଶୋର ଶବର , ବରିଷ୍ଠ ବିଜେପି ନେତା ଗୋପାଳ ରାଓ , ସିଏଚ୍ ସିମାଦ୍ରୀ, ଜଗନ୍ନାଥ ମହାପାତ୍ର, ସିଦ୍ଧେଶ୍ୱର ମିଶ୍ର, ପ୍ରଶାନ୍ତ ପ୍ରଧାନ, ବିଭୂତିଭୂଷଣ ବେହେରା, ବିଜୟ କୁମାର, ଡି ରାଜେଶ କୁମାର , ଟି ବସନ୍ତ କୁମାର ପ୍ରମୁଖଙ୍କ ସମେତ ବହୁ ନେତା କର୍ମୀ ଉପସ୍ଥିତ ରହି ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ ।

# ଚୋରା ବାଲି ବୋଝେଇ ଟିପ୍ପରରୁ ୪ ଲକ୍ଷ ଟଙ୍କା ଜରିମାନା

ପାରଳାଖେମୁଣ୍ଡି,୧୧।୪ (ନିପ୍ର): ଗଜପତି ଜିଲ୍ଲା ଖଣି ବିଭାଗ ପକ୍ଷରୁ ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ବେତାଗୁଡା ଅଞ୍ଚଳରେ ଏକ ଚୋରା ବାଲି ଚାଲାଣ ବୋଝେଇ ଟିପ୍ପରକୁ ଧରି ଜବତ କରାଯାଇଥିଲା । ଶନିବାର ସକାଳ ସମୟରେ ଏପି ୩୯ ୟୁକ୍ୟୁ ୫୨୯୬ ନମ୍ବର ବିଶିଷ୍ଟ ଟିପ୍ପରରେ ଯୋଗେ ବାଲି ଚୋରାଚାଲାଣ କରାଯାଉଥିବା ଖବର ପାଇଥିଲା ବିଭାଗ । ତୁରନ୍ତ ଖଣି ବିଭାଗ ଅଧିକାରୀ କର୍ମଚାରୀମାନେ ଘଟଣାସ୍ଥଳକୁ ଯାଇ ଟିପ୍ପରକୁ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ସମୟେର ବାଲି ଚାଲାଣ ସମ୍ବନ୍ଧୀୟ କୌଣସି ଦସ୍ତାବିଜ ଦେଖାଇପାରିନଥିଲା ଟିପ୍ପର ଚାଳକ । ଏହାପରେ ଟିପ୍ପରଟିକୁ ଅଟକ ରଖାଯାଇ ୪ ଲକ୍ଷ ଟଙ୍କା ଜରିମାନା ଭରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ତେବେ ପରେ ଟିପ୍ପର ମାଲିକ ଜଣକ ଠାରୁ ୪ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯିବା ପରେ ଅଟକ ରଖାଯାଇଥିବା ଟିପ୍ପରକୁ ଛାଡି ଦେଇଥିବାର ଜିଲ୍ଲା ଖଣି ଅଧିକାରୀ ଦୀପେନ ପରିଡା ସୂଚନା ଦେଇଛନ୍ତି ।

# ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହୋତ୍ସବ ୧୩ରୁ

ନିରାକାରପୁର,୧୧/୪: ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ନିକଟସ୍ଥ ଟୁବୁରି ପାହାଡ଼ ସ୍ଥିତ ଶ୍ରୀ ଶ୍ରୀ ମହାବୀର ଦେବଙ୍କ ପୀଠରେ ଏପ୍ରିଲ ୧୩ ତାରିଖ ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ୨୯ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହୋତ୍ସବ-୨୦୨୬ ଅନୁଷ୍ଠିତ ହେବାକୁ ଯାଉଛି।ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଏପ୍ରିଲ ୧୩ ତାରିଖରେ ଜଳଯାତ୍ରା ସହିତ ଶୁଭାରମ୍ଭ ହେବ। ମହନ୍ତ କମଳ ଲୋଚନ ଦାସ ମହାରାଜଙ୍କ ଆନୁକୂଲ୍ୟରେ ପ୍ରତିଦିନ ସକାଳ ୮ ଘଟିକାରୁ ଦିନ ୧୨ ଘଟିକା ପର୍ଯ୍ୟନ୍ତ ଶ୍ରୀରାମ ଚରିତ ମାନସ ସାମୂହିକ ପାରାୟଣ ପାଠ କରାଯିବ। ପ୍ରତିଦିନ ସନ୍ଧ୍ୟା ୭:୩୦ରୁ ରାତି ୯:୩୦ ପର୍ଯ୍ୟନ୍ତ ବିଶିଷ୍ଟ ପ୍ରବକ୍ତାମାନଙ୍କ ଦ୍ୱାରା ଶ୍ରୀରାମ କଥା ଅମୃତ ପରିବେଷଣ କରାଯିବାର ବ୍ୟବସ୍ଥା ରହିଛି। ନବାହ୍ନ ଅବସରରେ ବିଭିନ୍ନ ଦିନରେ 'ଶିବ ବିବାହ', 'ରାମ ଜନ୍ମ', 'ସୀତା ବିବାହ', 'ରାମ ବନବାସ', 'ହନୁମାନଙ୍କ ଲଙ୍କା ଦହନ' ଓ 'ରାବଣ ବଧ' ଭଳି ପ୍ରସଙ୍ଗ ଉପରେ ପଣ୍ଡିତ ରାମଚନ୍ଦ୍ର ସିଦ୍ଧେଶ୍ୱର ଦାସ, ବାପା କଳିକା କମଳେଶ ମହାରାଜା ଏବଂ ପଣ୍ଡିତ ପ୍ରମୋଦ କୁମାର ପଣ୍ଡାଙ୍କ ଭଳି ବିଦ୍ୱାନମାନେ ପ୍ରବଚନ ପ୍ରଦାନ କରିବେ।

# ଲୋକ କଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ

ରାୟଗଡା,୧୧।୪ (ନିପ୍ର): ଓଡ଼ିଆ ପକ୍ଷ ପାଳନ ଅବସରରେ ତା ୧୦.୪.୨୦୨୬ ରିଖ 'ଲୋକକଳା ପାଇଁ ଦିନଟିଏ' ପାଳନ ଭିତ୍ତିରେ ଜିଲ୍ଲା ସ୍ତରୀୟ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ସ୍ଥାନୀୟ ସଂସ୍କୃତି ଭବନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ରାୟଗଡ଼ ସହରାଞ୍ଚଳର କଳା ସଂସ୍କୃତି ସଙ୍ଘର ଉପସଭାପତି ଓ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କର ମୁଖ୍ୟ ଓ ସହ କଳାକାରମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଉତ୍ସବ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ,ମୁଖ୍ୟ ଅତିଥି, ନଗର କଳା ସଂସ୍କୃତି ସଂଘର ଉପସଭାପତି ଯେ ସୁକାନ୍ତ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିବା ସହିତ ବରିଷ୍ଠ କଳାକାରମାନଙ୍କୁ ସମ୍ବର୍ଦ୍ଧିତ ପୂର୍ବକ ଉତ୍ସାହିତ କରିଥିଲେ।

# ଖେଦାପଡ଼ା ଗ୍ରାମରେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର
## ୧୦୦ରୁ ଅଧିକ ଗ୍ରାମବାସୀଙ୍କୁ ଚଷମା ବଣ୍ଟନ

ରାୟଗଡ଼, ୧୧/୪(ନି :ପ୍ର): ମାନବ ସେବା ହିଁ ମାଧବ ସେବା। ଏହି ଆଦର୍ଶକୁ ପାଥେୟ କରି ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ (ରାୟଗଡ଼ କ୍ୟାମ୍ପସ) ଅନ୍ତର୍ଗତ 'ସ୍କୁଲ ଅଫ୍ ନର୍ସିଂ' ପକ୍ଷରୁ କୋଲନାରା ବ୍ଲକ ଖେଦାପଡ଼ା ଗ୍ରାମଠାରେ ଚାଲିଥିବା ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ ଆଜି ତୃତୀୟ ଦିନରେ ପହଞ୍ଚିଛି। ଗ୍ରାମବାସୀଙ୍କୁ ମାଗଣା ଚିକିତ୍ସା ସହ ସ୍ୱାସ୍ଥ୍ୟ ସଚେତନତା ଯୋଗାଇଦେବା ଲକ୍ଷ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ଆଜିର ଏହି କ୍ୟାମ୍ପରେ ବହୁ ସଂଖ୍ୟାରେ ଗ୍ରାମବାସୀ ସାମିଲ ହୋଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଚକ୍ଷୁ ଚିକିତ୍ସା ଓ ସ୍ୱଳ୍ପ ମୂଲ୍ୟରେ ସେବା ପ୍ରଦାନ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ରହିଥିଲା । ଶିବିରରେ ସାଧାରଣ ବିଭାଗରେ ୧୦୯ ଜଣ ରୋଗୀ ପଞ୍ଜୀକୃତ ହୋଇ ଚିକିତ୍ସିତ ହୋଇଥିଲେ। ଏଥିରେ ୧୦୧ ଜଣଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ୯୮ ଜଣଙ୍କୁ ତୁରନ୍ତ ଚଷମା ବଣ୍ଟନ କରାଯାଇଥିଲା। ସେହିପରି ୮୪ ଜଣଙ୍କର ସୁଗାର ଏବଂ ୧୦ ଜଣଙ୍କର ରକ୍ତହୀନତା ପରୀକ୍ଷା କରାଯାଇ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା। ବିଦ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ କେବଳ ଚିକିତ୍ସା ନୁହେଁ, ବରଂ ଆଗାମୀ ପିଢ଼ିକୁ ସୁସ୍ଥ ରଖିବା ପାଇଁ ନର୍ସିଂ ଛାତ୍ରଛାତ୍ରୀମାନେ ସ୍ଥାନୀୟ ବିଦ୍ୟାଳୟରେ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ କରିଥିଲେ। ଯେଉଁଠି ବ୍ୟକ୍ତିଗତ ପରିଚ୍ଛନ୍ନତା ପାଇଁ ସଠିକ୍ ଭାବେ ହାତ ଧୋଇବା ପ୍ରଣାଳୀ, ପୁଷ୍ଟିକର ଖାଦ୍ୟରେ ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ପନିପରିବା ଓ ଫଳର ଉପକାରିତା, ଋତୁସ୍ରାବ ସ୍ୱାସ୍ଥ୍ୟରେ କିଶୋରୀମାନଙ୍କୁ ସ୍ୱଚ୍ଛତା ଓ ସ୍ୱାସ୍ଥ୍ୟ ରକ୍ଷା ବିଷୟରେ ଶିକ୍ଷା,ଦାନ୍ତର ଯତ୍ନ ପାଇଁ ସଠିକ୍ ଭାବେ ବ୍ରଶ୍ କରିବାର ଶୈଳୀ ପ୍ରଦର୍ଶନ କରାଯାଇଥିଲା ।

ନୂଆ ଚଷମା ପାଇ ଗ୍ରାମର ବୃଦ୍ଧବୃଦ୍ଧାଙ୍କ ମୁହଁରେ ହସ ଫୁଟିଥିବା ବେଳେ ବିଦ୍ୟାଳୟର ପିଲାମାନେ ନୂତନ ସ୍ୱାସ୍ଥ୍ୟ ଶିକ୍ଷା ପାଇ ଉତ୍ସାହିତ ହୋଇଥିଲେ। ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ନର୍ସିଂ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନଙ୍କର ଏହି ନିରନ୍ତର ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଉଛି।

# ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଏପ୍ରିଲ ୨୧ରେ ରାଉରକେଲା ଗସ୍ତ

ରାଉରକେଲା,୧୧।୪ (ନିପ୍ର): ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏପ୍ରିଲ ୨୧ରେ ରାଉରକେଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ମିଳିଛି। ରାଷ୍ଟ୍ରପତିଙ୍କ ଏଜେଣ୍ଡାରେ ରାଉରକେଲା ୱାନ୍ ପରିସରରେ ନବନିର୍ମିତ ଆଦିବାସୀ ସଂଗ୍ରହାଳୟ ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରାଉରକେଲା ଗସ୍ତ ନେଇ ଓଡ଼ିଶାର ପ୍ରମୁଖ ଶିଳ୍ପ ସହର ରାଉରକେଲା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ମାନଜନକ ଅବସର ଭାବରେ ବର୍ଣ୍ଣନା କରାଯାଉଛି। ତାଙ୍କ ଗସ୍ତ ସମୟରେ, ରାଷ୍ଟ୍ରପତି ଏକ ଆଦିବାସୀ ସଂଗ୍ରହାଳୟ ଉଦ୍ଘାଟନ କରିବାର ଆଶା କରାଯାଉଛି, ଯାହା ଆଦିବାସୀ ସମ୍ପ୍ରଦାୟର ସମୃଦ୍ଧ ସାଂସ୍କୃତିକ, ଐତିହ୍ୟ ଏବଂ ପରମ୍ପରାକୁ ସଂରକ୍ଷଣ ପ୍ରଦର୍ଶନ କରିବା ସହ ଏକ ପ୍ରକଳ୍ପ ଭାବରେ ରାଉରକେଲା ପାଇଁ ପରିଗଣିତ ହେବାକୁ ଯାଉଛି।

ଏହା ସହିତ ରାଷ୍ଟ୍ରପତି, ରାଉରକେଲା ଇସ୍ପାତ କାରଖାନାରେ କିଛି କାର୍ଯ୍ୟକ୍ରମରେ ମଧ୍ୟ ଯୋଗ ଦେଇପାରନ୍ତି ବୋଲି ସୂଚନା ମିଳିଛି। କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ରାଷ୍ଟ୍ରପତିଙ୍କ ଗସ୍ତକୁ 'ଐତିହାସିକ' ବୋଲି ଅଭିହିତ କରି କହିଛନ୍ତି ଯେ ଏହା ରାଉରକେଲା ଏବଂ ରାଜ୍ୟବାସୀଙ୍କ ପାଇଁ ଏକ ବଡ଼ ଗର୍ବ ଏବଂ ଆନନ୍ଦର ବିଷୟ ହେବ। ସେ ଆହୁରି ସୂଚନା ଦେଇଛନ୍ତି ଯେ ଏହି ଗସ୍ତକୁ ସ୍ମରଣୀୟ ଏବଂ ସୁବ୍ୟବସ୍ଥିତ କରିବା ପାଇଁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ପ୍ରସ୍ତୁତି ଆଲୋଚନା ପୂର୍ବରୁ ଅନୁଷ୍ଠିତ ହୋଇସାରିଛି। ସୁରକ୍ଷା, ଭିତ୍ତିଭୂମି ପ୍ରସ୍ତୁତି ଏବଂ ଜନସାଧାରଣଙ୍କ ଅଂଶଗ୍ରହଣ ଉପରେ ଧ୍ୟାନ ଦେଇ ପ୍ରଶାସନ ଏହି ହାଇ-ପ୍ରୋଫାଇଲ୍ ଗସ୍ତ ପୂର୍ବରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିବ ବୋଲି ଆଶା କରାଯାଉଛି।

# ବୃଦ୍ଧ ପିତାଙ୍କୁ ମାଡ଼ଧର କରୁଛି ପୁଅ : ଥାନାରେ ଝିଅଙ୍କ ସହିତ ବୃଦ୍ଧ ପିତା

ରାଉରକେଲା,୧୧।୪ (ନିପ୍ର): ପାନପୋଷ ହକି ହଷ୍ଟେଲ ଓ ହକି ଫିଲଡ୍ କିଷାନ ଟୋଲା ବସ୍ତିରେ ନିଜ ପୁଅ ଓ ବୋହୂଙ୍କ ସହିତ ରୁହନ୍ତି ୮୮ ବର୍ଷୀୟ ବୃଦ୍ଧ ବାବାଓ ଦୋରା। ପୂର୍ବରୁ ବାବାଓ ଦୋରା ରାଉରକେଲା ଇସ୍ପାତ କାରଖାନା ଅଧୀନରେ କାର୍ଯ୍ୟ କରି ଅବସର ଗ୍ରହଣ କରିବା ପରେ ଛେଣ୍ଡ କଲୋନୀର ନବନିର୍ମିତ କଳିଙ୍ଗବିହାର ସ୍ଥାପନ ହେବା ପରେ ସେଠାକୁ ଆସି ୧୦/୧୫ଟି ଗାଈ ରଖି ରୋଜଗାର କରୁଥିଲେ। ସେ ସମୟରେ ବାବାଓ ଦୋରା, ତାଙ୍କ ସ୍ତ୍ରୀ, ଦୁଇଟି ଅବିବାହିତ ଝିଅ ଏବଂ ଏକମାତ୍ର ପୁଅ ରହୁଥିଲେ। ଶ୍ରୀ ଦୋରା ଆଗରୁ ଦୁଇଟି ଝିଅଙ୍କୁ ବିବାହ ଦେଇସାରିଥିଲେ। କଳିଙ୍ଗବିହାରରେ ରହିଥିବା ସମୟରେ ଆଉ ଗୋଟିଏ ଝିଅକୁ ବାହା କରାଇଥିଲେ ଏବଂ ଆରଡିଏ କଲୋନୀର ଏକ ପ୍ଲଟ ନେଇ ତିନିମହଲା କୋଠା ନିର୍ମାଣ କରି ଭଡାକୁ ଲଗାଇବା ପରେ, ପାନପୋଷ



ହକି ହଷ୍ଟେଲ ଫିଲଡ୍ ନିକଟରେ ଏକ ଜାଗାରେ ଘରକରି ରହିବା ସହିତ ପୁଅକୁ ମଧ୍ୟ ବାହା କରାଇଥିଲେ। ପ୍ରାୟ ବର୍ଷେ ପୂର୍ବରୁ ବାବାଓ ଦୋରାଙ୍କ ସ୍ତ୍ରୀ ମରିଯିବା ପରେ ତାଙ୍କ ପୁଅ ଶଙ୍କର ଦୋରା ଓ ବୋହୂ ବାବାଓ ଦୋରାଙ୍କୁ ଅଣଦେଖା କରିବା ସହିତ ତାଙ୍କୁ ଖାଇବାକୁ ନଦେଇ ମାରଧର କରି ପ୍ରାୟ ୧୫ ଦିନ ହେବ ଘରୁ ବାହାର କରିଦେଇଛନ୍ତି। ଏ ବିଷୟ ନେଇ ୮୮ ବର୍ଷୀୟ ବାବାଓ ଦୋରା ରଘୁନାଥପାଲ୍ଲି ଥାନାରେ ୨୦୨୬ ଅପ୍ରେଲ ୭ ତାରିଖ ଦିନ ଅଭିଯୋଗ କରିଥିଲେ ମଧ ରଘୁନାଥପାଲ୍ଲି ପୋଲିସ୍ ୮୮ ବର୍ଷୀୟ ବୃଦ୍ଧ ପିତାଙ୍କ ପ୍ରତି ପୁତ୍ର ଓ ପୁତ୍ରବଧୂର ଅମାନବୀୟ ଘଟଣାକୁ ସଙ୍ଗୀନ ନନେଇ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଅଭିଯୋଗ ଆସିବା ପରେ କେତେକ ସାମ୍ବାଦିକଙ୍କ ପକ୍ଷରୁ ରଘୁନାଥପାଲ୍ଲି ଥାନାର ରିସେପସନ ଦାୟିତ୍ୱରେ ଥିବା ମହିଳା ସବ୍‌ଇନିସପେକ୍ଟରଙ୍କୁ ଭେଟିଥିଲେ। ରଘୁନାଥପାଲ୍ଲି ଥାନା ରିସେପସନ୍ ଦାୟିତ୍ୱରେ ଥିବା ମହିଳା ସବ୍‌ଇନିସପେକ୍ଟର, ୮୮ ବର୍ଷୀୟ ବୃଦ୍ଧ ପିତାଙ୍କ ୪ ଝିଅଙ୍କୁ ଡାକି ଜମିଜମା ଘଟଣା କହି ଅଭିଯୋଗକୁ ଆଡେଇ ଦେବା ସହ ବୃଦ୍ଧ ବାବାଓ ଦୋରାଙ୍କ ପୁଅ ଶଙ୍କର ଦୋରାଙ୍କୁ ନଡାକି ଅଭିଯୋଗକୁ ଟାଳି ଦେଇଛନ୍ତି। ସାମ୍ବାଦିକମାନଙ୍କ ପକ୍ଷରୁ ୮୮ ବର୍ଷୀୟ ବାବାଓ ଦୋରାଙ୍କ ୪ ଝିଅଙ୍କୁ ଭେଟିବା ପରେ, ସାମ୍ବାଦିକମାନେ ରଘୁନାଥପାଲ୍ଲି ଥାନା ଅଧିକାରୀଙ୍କୁ ଭେଟିଥିଲେ। ଥାନା ଅଧିକାରୀ ଘଟଣାର ତଦନ୍ତ କରିବା ସହିତ ୮୮ ବର୍ଷୀୟ ବାବାଓ ଦୋରାଙ୍କ ସମ୍ପୃକ୍ତ ପୁଅକୁ ଡାକି ଘଟଣାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ, ବୃଦ୍ଧ ବାପାଙ୍କ ପ୍ରତି ପୁଅ ଓ ବୋହୂର କଣ କିଛି କର୍ତ୍ତବ୍ୟ ନାହିଁ। ଆଗକୁ କଣ ମାନବ ସମାଜରେ ପୁଅଙ୍କ ବାପାଙ୍କ ପ୍ରତି ଅମାନବୀୟ ଅତ୍ୟାଚାର ବୃଦ୍ଧି ପାଇବ । ଆଇନରେ ବୃଦ୍ଧ ପିତାଙ୍କ ପ୍ରତି ନ୍ୟାୟ ଦେବାର ବ୍ୟବସ୍ଥା ଥିଲେ ମଧ୍ୟ ପୋଲିସ ପକ୍ଷରୁ ଏହାକୁ ଅଣଦେଖା କରାଯାଇ ଆଡେଇ ଦିଆଯିବା ସହିତ ଆଇନର ବ୍ୟବସ୍ଥାକୁ ଦୁର୍ବଳ କରିଦେବ, ଏପରି ଚର୍ଚ୍ଚା ହେଉଛି।

# ବିଶ୍ୱ ହୋମିଓପାଥିକ ଦିବସ

ପାରଳାଖେମୁଣ୍ଡି,୧୧।୪ (ନିପ୍ର); ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅଧୀନସ୍ଥ ଅଜୟଗଡ଼ ଗ୍ରାମରେ ବିଶ୍ୱ ହୋମିଓପାଥିକ ଦିବସ ଅବସରରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ହୋମିଓପାଥି ଚିକିତ୍ସାର ପ୍ରସାର ଓ ଜନସାଧାରଣଙ୍କୁ ଏହାର ଉପକାରିତା ବିଷୟରେ ଅବଗତ କରାଇବା ପାଇଁ ଏହି ଅଭିଯାନ ଆରମ୍ଭ କରାଯାଇଛି। ଡାକ୍ତର କ୍ଷୀରୋଦ ବିଷୋୟୀଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସରକାରୀ ବିଦ୍ୟାଳୟରେ ଏନେଇ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ଏଥିରେ କାର୍ଯ୍ୟରତ ମେଡିକାଲ ଅଫିସର ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ହୋମିଓପାଥିକ ଚିକିତ୍ସା ପଦ୍ଧତିର ବିଶେଷତ୍ୱ ସମ୍ପର୍କରେ ବୁଝାଇଥିଲେ। ବିନା ପାର୍ଶ୍ୱ ପ୍ରତିକ୍ରିୟାରେ ଏହି ଚିକିତ୍ସା କିଭଳି ଶରୀର ପାଇଁ ସୁରକ୍ଷିତ ଏବଂ ଦୈନନ୍ଦିନ ସାଧାରଣ ରୋଗ କ୍ଷେତ୍ରରେ ଏହାର ପ୍ରୟୋଗ କିଭଳି ପ୍ରଭାବଶାଳୀ, ସେ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଜଣାଇ ଦିଆଯାଇଥିଲା। ଏହି ଅବସରରେ ଗ୍ରାମାଞ୍ଚଳରେ ଏକ ବିଶାଳ ସ୍ୱାସ୍ଥ୍ୟ ସଚେତନତା ପଦଯାତ୍ରା ବାହାରିଥିଲା। ଏହି ପଦଯାତ୍ରା ମାଧ୍ୟମରେ ଲୋକମାନଙ୍କୁ ସୁସ୍ଥ ଜୀବନଶୈଳୀ ଆପଣାଇବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ହୋମିଓପାଥିର ଭୂମିକା ବିଷୟରେ ସଚେତନ କରାଯାଇଥିଲା।

# ଅମୃତପିଢ଼ି ସାରସ୍ୱତ ସମାରୋହ

ଭାପୁର,୧୧।୪ (ନିପ୍ର): ଏପ୍ରିଲ ମାସ ୧ ତାରିଖ ଠାରୁ ୧୪ ଏପ୍ରିଲ ଓଡ଼ିଆ ନବବର୍ଷ ପର୍ଯ୍ୟନ୍ତ ୧୪ ଦିନ ବ୍ୟାପି ଓଡ଼ିଆ ପକ୍ଷ ପାଳନ ଅବସରରେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ସମିତି ସଦଭାବନା ଗୃହ ପରିସରରେ ଶନିବାର ଅମୃତପିଢ଼ି ସାରସ୍ୱତ ସମାରୋହ ବିଡ଼ିଓ ସାରଦା ପ୍ରସନ୍ନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ, ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ନାରାୟଣ ତ୍ରିପାଠୀ,ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅମିତ କୁମାର ବେହେରା, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ମହାନ୍ତି,ସାହିତ୍ୟିକ ନାରାୟଣ ଶୁକ୍ଳ,ସବିତା ଶୁକ୍ଳ ଏବଂ ୨୫ରୁ ଉର୍ଦ୍ଧ୍ୱ ସାହିତ୍ୟିକ ଯୋଗଦେଇ ନିଜର କବିତା ଆବୃତ୍ତି କରିଥିଲେ। ଛେନାପୋଡ଼ ଦିବସ ଉପଲକ୍ଷେ ପ୍ରଥମେ ନୟାଗଡ଼ ଛେନାପୋଡ଼ କେକ୍ କଟାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ସାରା ରାଜ୍ୟରେ ଓଡ଼ିଆ ଭାଷା ର ଅସ୍ମିତା କୁ ଗୁଂଜରଣ ସୃଷ୍ଟି କରିବା ପାଇଁ ଏହାର ପ୍ରୟାସ ବୋଲି କାର୍ଯ୍ୟକ୍ରମରେ ସଭାପତିତ୍ୱ କରୁଥିବା ବ୍ଲକ ଉନ୍ନୟନ ଅଧିକାରୀ ପ୍ରକାଶ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟ ର ବିକାଶ ପାଇଁ ପ୍ରୟାସ ଜାରି ରଖିବା ନିମନ୍ତେ ଉପସ୍ଥିତ ସାରସ୍ୱତ ସାଧକମାନେ ସାହିତ୍ୟ ଓ କବିତା ମାଧ୍ୟମରେ ସମାଜରୁ କୁସଂସ୍କାର ଦୂର କରିହେବ ବୋଲି ବରିଷ୍ଠ ଶିକ୍ଷାବିତ୍ ନାରାୟଣ ତ୍ରିପାଠୀ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ।

# ଶ୍ରୀମଦ୍ ଭାଗବତ କଥାଯଜ୍ଞ

ଦାମନଯୋଡି, ୧୧/୪(ନିପ୍ର): ଶିକ୍ଷାଞ୍ଚଳ ଦାମନଯୋଡି ସନ୍ନିକଟ ଭେଜାପୁଟ ସ୍ଥିତ ଶ୍ରୀ ସିଦ୍ଧେଶ୍ୱର ମନ୍ଦିର ସମ୍ମୁଖରେ ସପ୍ତାହେ ବ୍ୟାପି ହେବାକୁ ଥିବା ଶ୍ରୀମଦ୍ ଭାଗବତ କଥାଯଜ୍ଞ ଓ ପରାୟଣ ଶୁଭାରମ୍ଭ ହୋଇଯାଇଛି। ମାଥାଲପୁଟ ସ୍ଥିତ ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସରରୁ କୀର୍ତ୍ତନ ମଣ୍ଡଳୀଙ୍କ ଅଖଣ୍ଡ ନାମ ସହିତ ସହସ୍ରାଧିକ ମହିଳା କଳସରେ ଜଳ ଆଣି ସ୍ଥାପନ କରିବା ପରେ ବୃନ୍ଦାବତୀଙ୍କୁ ଆବାହନ ପୂର୍ବକ ଆଳତି କରାଯାଇଥିଲା । ବୃନ୍ଦାବନରୁ ଆସିଥିବା ତ୍ରିଦଣ୍ଡି ସ୍ୱାମୀ ଭକ୍ତିଭୂଷଣ ବୋଧାୟନ ମହାରାଜ ପ୍ରବଚନ ଦେଇଥିଲେ। ସହସ୍ରାଧିକ ମହିଳା ଓ ପୁରୁଷଙ୍କ ସମେତ ଆବାଳ ବୃଦ୍ଧ ବନିତା ଭାଗବତ କଥା ଶ୍ରବଣ କରିବା ସହିତ ହରିନାମ ସଂକୀର୍ତ୍ତନରେ ନିଜକୁ ହଜାଇ ଦେଇଥିଲେ।

# 'ଆସ ବହିଟିଏ କିଣିବା ଅଭିଯାନ'

ରାୟଗଡ଼:୧୧/୪(ନି:) ରାୟଗଡ଼ ଜିଲ୍ଲାରେ ଆଜି "ଆସ ବହିଟିଏ କିଣିବା ଅଭିଯାନ" ଦିବସ ଉତ୍ସାହ ଓ ଉତ୍କର୍ଷ ମାନସିକତାର ସହିତ ପାଳନ କରାଯାଇଛି। ଜିଲ୍ଲା ସଂସ୍କୃତି ବିଭାଗ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହଯୋଗରେ ଏହି ଅଭିଯାନ ଜିଲ୍ଲା ସଂସ୍କୃତି ଭବନ ଠାରେ ଆୟୋଜିତ ହୋଇଥିଲା । ଏହି ଅବସରରେ ଛାତ୍ରଛାତ୍ରୀମାନେ ଓ ସାଧାରଣ ଜନସାଧାରଣଙ୍କୁ ପୁସ୍ତକ କ୍ରୟ କରି ପାଠନ ଅଭ୍ୟାସ ଗଢ଼ି ତୋଳିବାକୁ ପ୍ରେରିତ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, କଲେଜ ଓ ସାର୍ବଜନୀନ ସ୍ଥାନରେ ପାଠପାଠନ ପ୍ରତି ଆଗ୍ରହ ବୃଦ୍ଧି ପାଇଁ ସଚେତନତା କାର୍ଯ୍ୟକ୍ରମ, ପୁସ୍ତକ ପ୍ରଦର୍ଶନୀ ଓ ପାଠନ ଶିବିର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ, ଉପନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ, ଖେଳ ଶିକ୍ଷକ ପ୍ରଶାନ୍ତ ନାୟକ, ଗ୍ରନ୍ଥାଗାରିକ ମାରିଆନା କିରୋ ଓ ଡମ୍ବରୁଧର ପଣ୍ଡା ଆଦି ଯୋଗ ଦେଇଥିଲେ। ଅତିଥିଗଣ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ପୁସ୍ତକ ହେଉଛି ଜ୍ଞାନର ଭଣ୍ଡାର ଓ ସମାଜର ସାର୍ବିକ ବିକାଶରେ ପାଠନ ଅଭ୍ୟାସ ଗୁରୁତ୍ୱପୂର୍ଣ୍ଣ। "ଆସ ବହିଟିଏ କିଣିବା ଅଭିଯାନ" ମାଧ୍ୟମରେ ଲୋକମାନଙ୍କ ମଧ୍ୟରେ ପୁସ୍ତକ ପ୍ରତି ଆକର୍ଷଣ ବୃଦ୍ଧି ପାଇବା ସହ ଜ୍ଞାନମୂଳକ ସମାଜ ଗଢ଼ିଉଠିବ ବୋଲି ଆଶା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଠକ ପାଠିକା , ଯୁବମଣ୍ଡଳ ଓ ସାହିତ୍ୟ ପ୍ରେମୀମାନେ ସକ୍ରିୟ ଭାଗ ନେବା ସହ ପୁସ୍ତକ କ୍ରୟ କରି ଏହି ଅଭିଯାନକୁ ସଫଳ କରିଥିବା ଦେଖିବାକୁ ମିଳିଥିଲା।

ଏହି ଅଭିଯାନ ମାଧ୍ୟମରେ ଜିଲ୍ଲାରେ ପାଠନ ସଂସ୍କୃତିକୁ ଉତ୍ସାହିତ କରିବା ସହ ସଚେତନ ଓ ଜ୍ଞାନମୂଳକ ସମାଜ ଗଢ଼ିବା ଦିଗରେ ଏକ ସ୍ଥାୟୀ ପଦକ୍ଷେପ।

# ଭେଙ୍କଟେଶ୍ୱର ବେଦ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ଦାୟିତ୍ୱ ନେଲେ ବଳଭଦ୍ର ଉପାଧ୍ୟାୟ

ନିରାକାରପୁର,୧୧।୪ (ନିପ୍ର): ଓଡ଼ିଶାର ବୈଦିକ ପାଣ୍ଡିତ୍ୟ ପରମ୍ପରାରେ ଯୋଡ଼ି ହୋଇଛି ଏକ ନୂତନ ଅଧ୍ୟାୟ। ଆଦିବରାହ କ୍ଷେତ୍ର ତିରୁପତି ସ୍ଥିତ ପ୍ରସିଦ୍ଧ ଶ୍ରୀ ଭେଙ୍କଟେଶ୍ୱର ବେଦ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ 'କୁଳସଚିବ' ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ନିକଟସ୍ଥ ଦିବ୍ୟସିଂହପୁର ଗ୍ରାମର ସନ୍ତାନ ଡଃ ବଳଭଦ୍ର ଉପାଧ୍ୟାୟ। ଗତ ୭ ଏପ୍ରିଲ ୨୦୨୬ରେ ସେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଧିଷ୍ଠିତ ହୋଇଛନ୍ତି। ବୈଦିକ ପାଣ୍ଡିତ୍ୟ ଓ ଦୀର୍ଘ ଅଭିଜ୍ଞତା ଡଃ ଉପାଧ୍ୟାୟ ଅଥର୍ବବେଦ, ପୈପ୍ପଲାଦ ଓ ଶୌନକ ଶାଖାର ଜଣେ ପ୍ରକାଣ୍ଡ ବିଦ୍ୱାନ ଭାବେ ସର୍ବଭାରତୀୟ ସ୍ତରରେ ପରିଚିତ। ସେ ଦୀର୍ଘ ୨୦ ବର୍ଷ ଧରି ଶ୍ରୀ ଭେଙ୍କେଟେଶ୍ୱର ବେଦ ବିଶ୍ୱବିଦ୍ୟାଳୟରେ



ଅଥର୍ବବେଦ ବିଭାଗର ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କର ଗଭୀର ଶାସ୍ତ୍ର ଜ୍ଞାନ ଓ ଶିକ୍ଷାଦାନ ଶୈଳୀ ପାଇଁ ସେ ସେଠାରେ ବେଶ୍ ଆଦୃତ ।ଡଃ ଉପାଧ୍ୟାୟ କେବଳ ଶିକ୍ଷାଦାନରେ ସୀମିତ ନାହାନ୍ତି, ବରଂ ଓଡ଼ିଶାର ବହୁ ବୈଦିକ ବିଦ୍ୱାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରି ସେମାନଙ୍କୁ ଦେଶର ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାରେ ନିଯୁକ୍ତି ପାଇବାରେ ସହାୟତା କରିଛନ୍ତି। ଏହା ବ୍ୟତୀତ ବିଭିନ୍ନ ସ୍ଥାନରେ ଜୀର୍ଣ୍ଣୋଦ୍ଧାର ହେଉଥିବା ମନ୍ଦିର ଏବଂ ଅନୁଷ୍ଠାନ ଗୁଡ଼ିକର ବିକାଶରେ ତାଙ୍କର ପ୍ରତ୍ୟକ୍ଷ ସହଯୋଗ ରହିଆସିଛି ।ଜଣେ ଓଡ଼ିଆ ବିଦ୍ୱାନ ଏଭଳି ଏକ ସମ୍ମାନଜନକ ପଦବୀ ମଣ୍ଡନ କରିବା ପରେ ନିରାକାରପୁର ତଥା ସମଗ୍ର ଓଡ଼ିଶାରୁ ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ଶିକ୍ଷାନୁଷ୍ଠାନ, ସାମାଜିକ ସଂଗଠନ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟିଛି। ଡଃ ଉପାଧ୍ୟାୟଙ୍କ ଏହି ନୂତନ ଦାୟିତ୍ୱ ଓଡ଼ିଶାର ସଂସ୍କୃତି ଓ ବୈଦିକ ପରମ୍ପରାକୁ ଜାତୀୟ ସ୍ତରରେ ଅଧିକ ସମୃଦ୍ଧ କରିବ ବୋଲି ଆଶା କରାଯାଉଛି।

# ରେଢ଼ାଖୋଲରେ ବଢୁଛି ଖରାର ପ୍ରକୋପ: ମୁକାବିଲା ପାଇଁ ନାହିଁ ତତ୍ପରତା
## ପୋଷ୍ଟର,ବ୍ୟାନର୍ ଚକାଚକ୍ ହେଲେ ଭିତର ଫମ୍ପା !

ରେଢ଼ାଖୋଲ,୧୧।୪ (ନିପ୍ର): ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଏବେ ତାପମାତ୍ରା ଧୀରେଧୀରେ ବଢୁଥିବା ବେଳେ ଏହାରି ଭିତରେ ସମ୍ବଲପୁର ଜିଲ୍ଲା ରେଢାଖୋଲ ସହରରେ ମଧ ଗତ କିଛିଦିନ ହେବ ଖରାର ପ୍ରଚଣ୍ଡ ପ୍ରକୋପ ଦେଖାଯାଉଛି । ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ପ୍ରତିବର୍ଷ ରେଢାଖୋଲ ଉପଖଣ୍ଡରେ ପିଇବା ପାଣି ଜନିତ ସମସ୍ୟା ବାରମ୍ବାର ଦେଖାଯାଏ । ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷ ରେଢାଖୋଲ ସହର ସମେତ ଗ୍ରାମାଞ୍ଚଳରେ ଖରାର ପ୍ରକୋପ ତଥା ଗ୍ରୀଷ୍ମ ପ୍ରବାହର ତାପମାତ୍ରା ବୃଦ୍ଧି ହେଉଥିବା ନେଇ ପ୍ରଶାସନ ତଥା ରେଢ଼ାଖୋଲ ଏନ୍‌ଏସି ପକ୍ଷରୁ ମୁକାବିଲା ନେଇ ତତ୍ପରତା ଦେଖାଯାଇ ନାହିଁ । ତାପମାତ୍ରା ବୃଦ୍ଧିକୁ ଆଖି ଆଗରେ ରଖି ଚଳିତବର୍ଷ ଗ୍ରାମାଞ୍ଚଳ ତଥା ରେଢ଼ାଖୋଲ ଏନ୍‌ଏସି ଅନ୍ତର୍ଗତ ଗାଁ ଗୁଡିକରେ ଶୀଘ୍ର ଜଳଛତ୍ର ଖୋଲାଯିବା ସହ ଗାଁ ତଥା ଟାଉନ୍ ଛକ ଗୁଡିକରେ ଥିବା ଅମୃତ ଗଙ୍ଗା ବା ପିଇବା ପାଣି ଟାଙ୍କି ଗୁଡିକ ଅନୁଧ୍ୟାନ କରି ଅଚଳ ପଡ଼ିଥିବା ଟାଙ୍କି ଗୁଡ଼ିକୁ ଶୀଘ୍ର ଚାଲୁ କରାଯିବା, ଅଚଳ ନଳକୂପ ଗୁଡ଼ିକୁ ସଜାଡ଼ିବା , ପାଣି ସମସ୍ୟା ଥିବା ଗାଁ ଗୁଡ଼ିକରେ ଟ୍ୟାଙ୍କର ମାଧ୍ୟମରେ ପିଇବା ପାଣି ର ସୁବିଧା ଯୋଗାଇ ଦିଆଯିବା ନେଇ କୌଣସି ପଦକ୍ଷେପ ଏପର୍ଯ୍ୟନ୍ତ ସୁଦ୍ଧା ଗ୍ରହଣ କରାଯାଇନାହିଁ । ମୁଖ୍ୟତଃ ରେଢ଼ାଖୋଲ ମେଡିକାଲ ଛକ ରେ ଥିବା ଅମୃତ ଗଙ୍ଗା ତଥା ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା ନାମକୁ ମାତ୍ର । ଖରାବଢ଼ିବା ରେ ଲାଗିଥିବା ବେଳେ ଖାଲି ପୋଷ୍ଟର ଚକାଚକ୍




ହେଲେ ଭିତର ଫମ୍ପା ୨ମାସ ହେଲାଣି କୁଆଡେ ଉଭେଇ ଯାଇଛି ଥଣ୍ଡା ପାନୀୟ ମେସିନ୍ ବା ଫ୍ରିଜର୍ ଯାହା ଫଳରେ ବସଷ୍ଟାଣ୍ଡ ତଥା ରେଢ଼ାଖୋଲ ଅଞ୍ଚଳର ବ୍ୟବସାୟୀ ଓ ପଥଚାରୀ ତଥା ଯାତାୟତ କରୁଥିବା ଲୋକେ ଥଣ୍ଡାପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିପ୍ରତି କେବେ ସାଜାଗ ହେବ ପ୍ରଶାସନ ତଥା ଏନ୍ ଏ ସି । ଏନେଇ ଏଠାରେ ଏହି ଥଣ୍ଡାପାନୀୟ ଜଳ ବ୍ୟବସ୍ଥା ଶୀଘ୍ର ତଥା ସମସ୍ତ ଜାଗାରେ ଅଚଳ ଫ୍ରିଜର୍ ଗୁଡ଼ିକୁ ଶୀଘ୍ର ମରାମତି କରି ଚାଲୁ କରିବା ନିମନ୍ତେ ସାଧାରଣରେ ଦାବି ହେଉଛି ।

# ପାରଳାର ବିଭିନ୍ନ ସମସ୍ୟା ସମାଧାନ ନେଇ ଆଲୋଚନା

ପାରଳାଖେମୁଣ୍ଡି,୧୧।୪ (ନିପ୍ର): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ପୌର ପରିଷଦ ସାଧାରଣ ବୈଠକ ଅଧକ୍ଷା ନିର୍ମଳା ସେଠୀଙ୍କ ନେତୃତ୍ୱରେ ଅନଷ୍ଠିତ ହୋଇଯାଇଛି । ସର୍ବପୁରାତନ ପୌର ପରିଷଦ ପାରଳା ସହର , ଯେତିକି ବିକାଶ ହେବା କଥା ସେଇ ପରିମାଣରେ ହୋଇନାହିଁ , ସେନେଇ ବିଧାୟକ ରୂପେଶ ପାଣିଗ୍ରାହୀ ସମସ୍ତ ସଭ୍ୟସଭ୍ୟା ସହ ବିଭାଗୀୟ ଅଧିକାରୀ ମାନଙ୍କୁ ଅବଗତ କରିଥିଲେ କି ସମସ୍ତ ଉନ୍ନତମାନ କାର୍ଯ୍ୟ କରିବା ପାଇଁ । ମୁଖ୍ୟତଃ ରାସ୍ତା, ନାଳ, ପିଇବା ପାଣି, ସ୍ୱାସ୍ଥ୍ୟ ଉପରେ ଆଲଚନା ହୋଇଥିଲା , ବିଗତ ବୈଠକର ବିବରଣୀ ପାଠ କରାଯାଇଥିଲ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦର ଉପାଧକ୍ଷ ଲେଙ୍କା ମଧୁ, ସାଂସଦ ପ୍ରତିନିଧି ଆଦର୍ଶ ଦାସ, ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ, ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।

# ଭ୍ରଷ୍ଟାଚାର ବିରୋଧରେ 'ଶ୍ୱେତପତ୍ର' ଆସିବ: ମୋଦି



ବର୍ଦ୍ଧମାନ,୧ ୧।୪: ପଶ୍ଚିମବଙ୍ଗର ରାଜନୈତିକ ରଣାଙ୍ଗନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ (ଟିଏମସି) ବିରୋଧରେ ଏକ ଶାଣିତ ଆକ୍ରମଣ କରିଛନ୍ତି। ବିଜେପି ପ୍ରତି ଜନସାଧାରଣଙ୍କ ବଢୁଥିବା ସମର୍ଥନ ଦେଖି ଟିଏମସି ଏବେ 'ପ୍ୟାନିକ୍ ମୋଡ୍' ବା ଆତଙ୍କିତ ଅବସ୍ଥାରେ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ବର୍ଦ୍ଧମାନ ଓ ଜଙ୍ଗିପୁରଠାରେ ଆୟୋଜିତ ବିଶାଳ ଜନସଭାକୁ ସମ୍ବୋଧିତ କରି ସେ ଘୋଷଣା କରିଛନ୍ତି ଯେ, ଯଦି ରାଜ୍ୟରେ ବିଜେପି କ୍ଷମତାକୁ ଆସେ, ତେବେ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ ହେବା ସହ ରାଜନୈତିକ ହିଂସାକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗରୁ ସମସ୍ତ ଅନୁପ୍ରବେଶକାରୀଙ୍କୁ ବିଦା କରିବା ପାଇଁ ଦୃଢ଼ ପ୍ରତିଶ୍ରୁତି ଦେବା ସହ ସେମାନଙ୍କୁ ସାହାଯ୍ୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଦଣ୍ଡିତ କରାଯିବ ବୋଲି କହିଛନ୍ତି। ରାଜ୍ୟରେ ଚାଲିଥିବା 'ସିଣ୍ଡିକେଟ୍ ରାଜ୍' ଓ ଦୁର୍ନୀତିର ପର୍ଦ୍ଦାଫାଶ କରିବା ପାଇଁ ବିଜେପି ସରକାର ଏକ ଶ୍ୱେତପତ୍ର ଜାରି କରିବ ବୋଲି ସେ ସୂଚନା ଦେଇଛନ୍ତି। ଏଥିସହିତ ରାଜନୈତିକ ହିଂସାର ତଦନ୍ତ ପାଇଁ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ଏକ ତଦନ୍ତ କମିଶନ ଗଠନ କରାଯିବ। ମୋଦି ସ୍ପଷ୍ଟ କରିଛନ୍ତି ଯେ ଟିଏମସି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ବନ୍ଦ କରାଯିବ ନାହିଁ, ବରଂ ସେଥିରୁ ଦୁର୍ନୀତିକୁ ହଟାଇବା ସହ ପ୍ରଥମ କ୍ୟାବିନେଟ୍ ବୈଠକରେ ହିଁ 'ଆୟୁଷ୍ମାନ ଭାରତ' ଯୋଜନା ଲାଗୁ କରାଯିବ। ସନ୍ଦେଶଖାଲି ଓ ଆରଜି କର ମାମଲା ଭଳି ଘଟଣାକୁ ମନେ ପକାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବଙ୍ଗଳାର ଜନସାଧାରଣ ଟିଏମସିର ଗୁଣ୍ଡାଗର୍ଦ୍ଦିକୁ ଆଉ ସହ୍ୟ କରିବେ ନାହିଁ। ଜଙ୍ଗିପୁର ସଭାରେ ସେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରିବା ଏବଂ ଜାତୀୟ ସୁରକ୍ଷାକୁ ଅଧିକ ପ୍ରାଧାନ୍ୟ ଦେବା ପାଇଁ ସଂକଳ୍ପ ନେଇଛନ୍ତି। ଟିଏମସି ବର୍ତ୍ତମାନ ବାମପନ୍ଥୀ ମେଣ୍ଟର ଏକ ନକଲରେ ପରିଣତ ହୋଇଛି ଏବଂ ପୂର୍ବରୁ ଯେଭଳି ବାମପନ୍ଥୀଙ୍କ ପତନ ହୋଇଥିଲା, ସେହିଭଳି ଟିଏମସିର ଅହଂକାର ମଧ୍ୟ ଚୂର୍ଣ୍ଣ ହେବ ବୋଲି ପ୍ରଧାନମନ୍ତ୍ରୀ ହୁଙ୍କାର ଦେଇଛନ୍ତି। ପଶ୍ଚିମବଙ୍ଗ ହେଉଛି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପବିତ୍ର ଭୂମି ଏବଂ ଏଠାକାର ଲୋକେ କାହାରି ଧମକରେ ଦବିଯିବେ ନାହିଁ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ବସ୍-ପିକଅପ୍ ମୁହାଁମୁହିଁ ଧକ୍କା

# ୧୦ ମୃତ, ୨୫ରୁ ଅଧିକ ଗୁରୁତର

ନୂଆଦିଲ୍ଲୀ, ୧ ୧।୪: ବିହାରର କଟିହାରରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୫ରୁ ଅଧିକ ଗୁରୁତର ହୋଇଛନ୍ତି । ଏନଏଚ-୩୧ ର ବସଗଡା ଛକ ନିକଟ ଦତପୁର ମୁସାହାରି ନିକଟରେ ବସ୍ ଏବଂ ପିକଅପ୍ ଭ୍ୟାନ୍ ମଧ୍ୟରେ ଜୋରଦାର ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଦୁର୍ଘଟଣାସ୍ଥଳ ଦେଇ ଅତିକ୍ରମ କରୁଥିବା ଦୁଇଟି ମୋଟର ସାଇକେଲରେ ଚାରି ଜଣଙ୍କର ମୃତ୍ୟୁ ହୋଇଛି। ରିପୋର୍ଟ ଅନୁସାରେ, ହରଦାରୁ ପୂର୍ଣ୍ଣିଆ ଯାଉଥିବା ବସର ଡ୍ରାଇଭର ମଦ୍ୟପାନ କରିଥିଲେ ଏବଂ ସେ ପୂର୍ବରୁ ଅନେକ ଗଡ଼ିକୁ ଧକ୍କା ଦେଇଥିଲେ । ବସ୍‌ଟି ଦତପୁର ମୁସାହାରି ଛକ ନିକଟରେ ପହଞ୍ଚିବା ମାତ୍ରେ ଏହା ସାମ୍ନାପଟୁ ଆସୁଥିବା ଏକ ପିକଅପ୍ ଭ୍ୟାନ୍ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଏହି ସମୟରେ ଅତିକ୍ରମ କରୁଥିବା ଦୁଇଟି ବାଇକ ସହ ପିଟି ହୋଇଥିଲା ଦୁର୍ଘଟଣାଗ୍ରସ୍ତ ଗାଡ଼ି ।ଘଟଣାସ୍ଥଳରେ ପୋଲିସ ମୁତୟନ। ଦୁର୍ଘଟଣା ଯୋଗୁଁ ଘଟଣାସ୍ଥଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ସ୍ଥାନୀୟ ଗ୍ରାମବାସୀ ଏବଂ ପୋଲିସ ତୁରନ୍ତ ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ିଥିଲେ ଏବଂ ଆହତମାନଙ୍କୁ ଡାକ୍ତରଖାନାକୁ ପଠାଇଥିଲେ ।

## ନିଖୋଜ କେରଳ ନାବାଳିକାଙ୍କ ମୃତଦେହ ଚାରିଦିନ ପରେ ଠାବ

ନୂଆଦିଲ୍ଲୀ,୧ ୧।୪: ପରିବାର ସହିତ କର୍ଣ୍ଣାଟକର ଚନ୍ଦ୍ରଦ୍ରୋଣ ପାହାଡ଼କୁ ବୁଲିବାକୁ ଯାଇଥିବାବେଳେ ନିଖୋଜ ହୋଇଯାଇଥିବା ୧୪-ବର୍ଷୀୟା କେରଳ ଝିଅ ଶ୍ରୀନନ୍ଦାଙ୍କ ମୃତଦେହ ଚାରି ଦିନ ପରେ ଠାବ ହୋଇଛି । ଶ୍ରୀନନ୍ଦା ଦଶମ ଶ୍ରେଣୀ ଛାତ୍ରୀ ଥିବାବେଳେ ତାଙ୍କ ଘର କେରଳର ପଲକ୍କଡ଼ । ଏପ୍ରିଲ ୭ ତାରିଖରେ ସେମାନେ ଉତ୍ତର କର୍ଣ୍ଣାଟକର ହମ୍ପିରେ ଥିବା ୟୁନେସ୍କୋ ବିଶ୍ୱ ଐତିହ୍ୟସ୍ଥଳକୁ ବୁଲିବାକୁ ଯାଇଥିଲେ ଓ ତା'ପରେ ଚିକ୍କାମାଗାଲୁରୁ ସିଟି ଆସି ବୁଲିବା ପରେ ଚନ୍ଦ୍ରଦ୍ରୋଣ ପାହାଡ଼କୁ ବୁଲିବାକୁ ଯାଇଥିଲେ । ସନ୍ଧ୍ୟା ସମୟରେ ଶ୍ରୀନନ୍ଦା ନିଖୋଜ ହୋଇଯାଇଥିଲେ । ପାହାଡ଼ର ମାଣିକ୍ୟଧାରା ଅଞ୍ଚଳରେ ତାଙ୍କୁ ଶେଷଥର ଦେଖାଯାଇଥିଲା । ପୁଲିସ ପକ୍ଷରୁ ତୁରନ୍ତ ତଲାସି ଅଭିଯାନ ଆରମ୍ଭ କରାଯାଇଥିଲା । କିନ୍ତୁ ସେ ମିଳିନଥିଲେ । ଚାରି ଦିନ ପରେ ଶ୍ରୀ ନନ୍ଦଙ୍କ ମୃତଦେହ ମାଣିକ୍ୟଧାରା ପାହାଡ଼ ଶୀର୍ଷର ପ୍ରାୟ ୧୫୦୦ ଫୁଟ ତଳେ ଉପତ୍ୟକାରେ ମିଳିଥିଲା । ଝିଅକୁ ଅପହରଣ କରି ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ସନ୍ଦେହ ପ୍ରକଟ କରାଯାଇଛି । କର୍ଣ୍ଣାଟକ ଗୃହମନ୍ତ୍ରୀ ଜି ପରମେଶ୍ୱର କହିଛନ୍ତି, ଝିଅକୁ ଅପହରଣ କରାଯାଇଥିବା କେତେକ କହୁଥିବାବେଳେ ଆଉ କେତେକ ସେ ଅନ୍ୟ କାହା ସହିତ ସେଠାକୁ ଯାଇଥିବା କହୁଛନ୍ତି । ମୃତଦେହ ଜବତ ହେବା ପରେ ସତ୍ୟତା ବାହାରକୁ ଆସିବ। ପୁଲିସ ଏହି ମାମଲାର ତଦନ୍ତ କରୁଥିବାବେଳେ ମୃତକଙ୍କ ବାପାମା'ଙ୍କ ଫୋନ ଜବତ କରିନେଇଛନ୍ତି ।

## ଅପରାଧୀ ସାହିଲ ପ୍ରତ୍ୟର୍ପଣ ସୁନିଶ୍ଚିତ କଲା ସିବିଆଇ

ନୂଆଦିଲ୍ଲୀ, ୧ ୧ ।୪: କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ହରିୟାଣା ପୋଲିସ ଦ୍ୱାରା ୱାଣ୍ଟେଡ୍ ଅଭିଯୁକ୍ତ ସାହିଲ ଚୌହାନଙ୍କୁ ଥାଇଲ୍ୟାଣ୍ଡରୁ ପ୍ରତ୍ୟର୍ପଣ ସୁନିଶ୍ଚିତ କରିଛି। ସେ ହତ୍ୟା, ହତ୍ୟା ଉଦ୍ୟମ, ଡକାୟତି ଏବଂ ଅବୈଧ ଅସ୍ତ୍ରଶସ୍ତ୍ର ବ୍ୟବହାର ଭଳି ମାମଲାରେ ଦୀର୍ଘ ଦିନ ଧରି ସଂପୃକ୍ତ ଥିଲା। ସିବିଆଇ କହିଛି ଯେ ସାହିଲ ଚୌହାନ ଭୂପ୍ପି ରାଣା ଗ୍ୟାଙ୍ଗର ଜଣେ ସକ୍ରିୟ ସଦସ୍ୟ ଏବଂ ୨୦୧୭ ମସିହାରେ ଯମୁନାନଗରର ଜଗାଧ୍ରି କୋର୍ଟ ପରିସରରେ ଏକ ଗ୍ୟାଙ୍ଗ ମୁହାଁମୁହିଁ ହେବା ସମୟରେ ହୋଇଥିବା ଗୁଳିକାଣ୍ଡରେ ଦୋଷୀ ସାବ୍ୟସ୍ତ ହୋଇଥିଲା। ଜାମିନରେ ମୁକ୍ତି ପାଇବା ପରେ, ସେ ଫେରାର୍ ହୋଇ ବିଦେଶ ପଳାଇ ଯାଇଥିଲା ।ଗୃହ ମନ୍ତ୍ରଣାଳୟ ଏବଂ ବୈଦେଶିକ ମନ୍ତ୍ରଣାଳୟ ସହିତ ସମନ୍ୱୟ ରଖି ଇଣ୍ଟରପୋଲ୍ ଚ୍ୟାନେଲ ମାଧ୍ୟମରେ କାର୍ଯ୍ୟ କରି, ସିବିଆଇ ତାଙ୍କୁ ବ୍ୟାଙ୍କକରୁ ନିର୍ବାସନ କରି ଦିଲ୍ଲୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଭାରତ ଫେରାଇ ଆଣିଥିଲା, ଯେଉଁଠାରେ ହରିୟାଣା ପୋଲିସ ତାଙ୍କୁ ହେପାଜତକୁ ନେଇଥିଲା ।ଏଜେନ୍ସି ରିପୋର୍ଟ କରିଛି ସାହିଲ ଚୌହାନ ଜାନୁଆରୀ ୪, ୨୦୧୭ରେ, ଯମୁନାନଗରର ଜଗାଧ୍ରି କୋର୍ଟ ପରିସରରେ ମୋନୁ ରାଣାଙ୍କ ଉପରେ ଗୁଳି ଚଳାଇଥିଲେ, ଯେତେବେଳେ ମୋନୁ ରାଣାଙ୍କୁ ବିଚାରାଧୀନ ଫୌଜଦାରୀ ମାମଲା ସମ୍ପର୍କରେ ଶୁଣାଣି ପାଇଁ କୋର୍ଟକୁ ଅଣାଯାଇଥିଲା। ଏହି ଘଟଣା ପରେ, ତାଙ୍କ ବିରୁଦ୍ଧରେ ଏକ ଚାର୍ଜସିଟ୍ ଦାଖଲ କରାଯାଇଥିଲା, ଏବଂ କୋର୍ଟ ତାଙ୍କୁ ୧୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ। କିନ୍ତୁ, ପରେ ଜାମିନରେ ମୁକ୍ତ ହେବା ପରେ, ସେ ଫେରାର୍ ହୋଇଯାଇଥିଲା ।

## ପାକିସ୍ତାନ ଶାନ୍ତିଦୂତ ହେଲେ ବି ଧୋଇବନି ପାପ: ଶଶି ଥରୁର

ନୂଆଦିଲ୍ଲୀ, ୧ ୧।୪: ଇରାନ ଏବଂ ଆମେରିକା ମଧ୍ୟରେ ଘୋଷିତ ଦୁଇ ସପ୍ତାହର ଅସ୍ତ୍ରବିରତି ପରେ, ଶନିବାର ପାକିସ୍ତାନର ରାଜଧାନୀ ଇସଲାମାବାଦରେ ଅସ୍ତ୍ରବିରତି ଆଲୋଚନା ଜାରି ରହିଛି । ପାକିସ୍ତାନର ମଧ୍ୟସ୍ଥତାରେ ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଏକ ମାସରୁ ଅଧିକ ସମୟ ଧରି ଚାଲିଥିବା ଯୁଦ୍ଧକୁ ବନ୍ଦ ହୋଇଛି । ପାକିସ୍ତାନ ନିଜକୁ ଶାନ୍ତି ସ୍ଥାପନକାରୀ ଭାବରେ ଉପସ୍ଥାପନ କରୁଛି । ଏହି ସମ ୟରେ, କଂଗ୍ରେସ ସାଂସଦ ଶଶି ଥରୁର ପଡ଼ୋଶୀ ଦେଶକୁ ଅତୀତର କାର୍ଯ୍ୟ ସମ୍ପର୍କରେ ମନେ ପକାଇ ଆଇନା ଦେଖାଇ କଟାକ୍ଷ କରିଛନ୍ତି । ସେ କହିଛନ୍ତି, ଆଜି ପାକିସ୍ତାନ ଶାନ୍ତିଦୂତ ହେବା ଦ୍ୱାରା ପଡ଼ୋଶୀ ଦେଶର ଅତୀତ କାର୍ଯ୍ୟର ଇତିହାସ ଲିଭିବ ନାହିଁ । ସେ ପ୍ରଶ୍ନ କରିଛନ୍ତି, ୨୬/୧ ୧ରେ ପାକିସ୍ତାନ ଯାହା କରିଥିଲା ଏବଂ ଆତଙ୍କବାଦୀ ଶିବିର ପରିଚାଳନା କରୁଥିବାରୁ ଆମେ ତାକୁ ଶାନ୍ତିଦୂତ ବୋଲି କିପରି କହିବୁ ? ପାକିସ୍ତାନ ଯେତେ ଶାନ୍ତି ଦୂତ ହେଲେ ବି ତାର ପାପ ଧୋଇବନି। ପାକିସ୍ତାନ ଆଜି ପର୍ଯ୍ୟନ୍ତ ଜଣେ ବି ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ, ଅବା ଗୋଟିଏ ବି ଆତଙ୍କବାଦୀ ତାଲିମ ଶିବିର ବନ୍ଦ କରିନାହିଁ। ସେ ୨୬ ଜଣ ନିର୍ଦ୍ଦୋଷ ଲୋକଙ୍କ ଜୀବନ ଯାଇଥିବା ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ମଧ୍ୟ ଉଲ୍ଲେଖ କରିଛନ୍ତି । ଆମେ ସମସ୍ତ ଘଟଣାକୁ ମନେ ରଖିଛୁ ଏବଂ କେବେ ମଧ୍ୟ ଭୁଲିପାରିବୁ ନାହିଁ ।

# ପ୍ରଧାନମନ୍ତ୍ରୀ-ରାହୁଲ ମୁହାଁମୁହିଁ



ନୂଆଦିଲ୍ଲୀ, ୧ ୧।୪: ଶନିବାର ସଂସଦ ପରିସରରୁ ଏକ ଭିଡିଓ ସାମ୍ନାକୁ ଆସିଛି । ଭିଡିଓରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସଂସଦ ସଦସ୍ୟ ରାହୁଲ ଗାନ୍ଧୀଙ୍କ ମଧ୍ୟରେ କଥାବାର୍ତ୍ତା ହେଉଥିବାରୁ ଦେଖିବାକୁ ମିଳୁଛି। ଦୁଇ ନେତା ପ୍ରାୟ ୧ ମିନିଟ୍ ୩୪ ସେକେଣ୍ଡ ଧରି ଆଲୋଚନା କରୁଥିବା ଦେଖାଯାଇଛି । ଭିଡିଓରେ ଦେଖାଯାଉଛି ପ୍ରଧାନମନ୍ତ୍ରୀ ମୋଦି ପ୍ରଥମେ ଉପସ୍ଥିତ ଅନ୍ୟ ସାଂସଦମାନଙ୍କୁ ଅଭିବାଦନ କରୁଛନ୍ତି, ତା'ପରେ ରାହୁଲ ଗାନ୍ଧୀଙ୍କ ପାଖକୁ ଫେରି ତାଙ୍କ ସହିତ କଥାବାର୍ତ୍ତା କରୁଛନ୍ତି। ଗାନ୍ଧୀ ମଧ୍ୟ ସମ୍ମାନ ଜଣାଇ ହାତ ଯୋଡ଼ିଥିବା ଦେଖାଯାଉଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆଗମନ ପରେ, ସମସ୍ତ ନେତା ତାଙ୍କୁ ସ୍ୱାଗତ କରିଥିଲେ। ତା'ପରେ ମୋଦି ରାହୁଲ ଗାନ୍ଧୀଙ୍କୁ ପୃଥକ ଭାବରେ ଭେଟିଥିଲେ, ଏବଂ ଦୁହେଁ କିଛି ସମୟ ପାଇଁ କଥାବାର୍ତ୍ତା କରିଥିଲେ। ଭିଡିଓରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କହୁଥିବାର ଦେଖାଯାଉଛି, ଯେତେବେଳେ ରାହୁଲ ଗାନ୍ଧୀ ଧ୍ୟାନର ସହିତ ଶୁଣୁଛନ୍ତି ଏବଂ ମୁଣ୍ଡ ହଲାଉଛନ୍ତି। ଦୀର୍ଘ ଦିନ ହେଲା ଦୁଇ ନେତାଙ୍କ ମଧ୍ୟରେ ଏପରି ସାର୍ବଜନୀନ ଆଲୋଚନା ଦେଖିବାକୁ ମିଳିନାହିଁ। ସେମାନଙ୍କର ଜଣାଶୁଣା ରାଜନୈତିକ ମତଭେଦକୁ ଦୃଷ୍ଟିରେ ରଖି, ଏହି ସାକ୍ଷାତ ଆଲୋଚନାର ବିଷୟ ପାଲଟିଛି। ଏହି ଆଲୋଚନାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହି ଅବସର ଥିଲା ମହାତ୍ମା ଜ୍ୟୋତିବା ଫୁଲେଙ୍କ ୨୦୦ତମ ଜନ୍ମବାର୍ଷିକୀ, ଯେଉଁଠାରେ ଅନେକ ନେତା ଶ୍ରଦ୍ଧାଞ୍ଜଳି ଦେବାକୁ ଆସିଥିଲେ। ରାହୁଲ ଗାନ୍ଧୀଙ୍କ ସହିତ ଓମ୍ ବିର୍ଲା, ଜେପି ନଡ୍ଡା, ହରିବଂଶ, ଏସ. ଜୟଶଙ୍କର ଏବଂ ଅର୍ଜୁନ ରାମ ମେଘୱାଲ ମଧ୍ୟ ଥିଲେ।

## ଲଦାଖବାସୀ ପାଇଲେ ସ୍ୱତନ୍ତ୍ର ଆଧାର ପରିଚୟ

ଲେହ,୧ ୧।୪: ଜାମ୍ମୁ ଓ କାଶ୍ମୀରଠାରୁ ଅଲଗା ହେବାର ସାତବର୍ଷ ପରେ ଶେଷରେ ଲଦାଖକୁ ମିଳିଛି ସ୍ୱତନ୍ତ୍ର ଆଧାର ପରିଚୟ। କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖ ୨୦୧୯ରେ ଜାମ୍ମୁ ଓ କାଶ୍ମୀରଠାରୁ ଅଲଗା ହୋଇଥିଲା। କିନ୍ତୁ ଲଦାଖ ବାସିନ୍ଦାଙ୍କ ଆଧାର ପରିଚୟ ପତ୍ରରେ 'ଜାମ୍ମୁ ଓ କାଶ୍ମୀର' ଟ୍ୟାଗ୍ ରହିଥିଲା। ତେବେ ନବନିଯୁକ୍ତ ଉପରାଜ୍ୟପାଳ ଭି କେ ସାକ୍ସେନାଙ୍କ ହସ୍ତକ୍ଷେପ ପରେ ଲଦାଖ ବାସିନ୍ଦାଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି। ଜାମ୍ମୁ ଓ କାଶ୍ମୀରଠାରୁ ଅଲଗା ହେବା ସତ୍ତ୍ୱେ ଆଧାର କାର୍ଡ଼ରେ ରାଜ୍ୟ ସ୍ଥାନରେ 'ଜାମ୍ମୁ ଓ କାଶ୍ମୀର'ର ନାଁ ରହୁଥିଲା। ଏହା ବ୍ୟାପକ ଅସୁବିଧା ସୃଷ୍ଟି କରୁଥିବାବେଳେ ଲୋକଙ୍କ ମନରେ ଅସନ୍ତୁଷ୍ଟ ରହିଥିଲା। ଦୀର୍ଘ ଦିନ ହେଲା ଏହି ସମସ୍ୟା ଲାଗି ରହିଥିବାବେଳେ ଉପରାଜ୍ୟପାଳ କେନ୍ଦ୍ର ଶାସିତ ପ୍ରଶାସନକୁ ଏହି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଲଦାଖ ପ୍ରଶାସନ ୟୁଆଇଡିଏଆଇ ସହିତ ଏହି ପ୍ରସଙ୍ଗରେ କଥା ହୋଇ ଆବଶ୍ୟକ ସଂଶୋଧନ କରିଥିଲେ।

## ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ଛଗନ ଭୁଜବଳଙ୍କ ହେଲିକପ୍ଟର

ପୁଣେ, ୧ ୧।୪: ମହାରାଷ୍ଟ୍ର କ୍ୟାବିନେଟ ମନ୍ତ୍ରୀ ତଥା ଏନସିପି ନେତା ଛଗନ ଭୁଜବଳଙ୍କ ହେଲିକପ୍ଟର ଶନିବାର ଦୁର୍ଘଟଣାଗ୍ରସ୍ତ ହେବାରୁ ଅଳ୍ପକେ ବର୍ତ୍ତି ଯାଇଛି। ହେଲିକପ୍ଟରଟି ହେଲିପ୍ୟାଡରେ ଅବତରଣ କରିବା ପରିବର୍ତ୍ତେ ପାର୍କିଂରେ ଅବତରଣ କରିଥିଲା। ଅଧିକାରୀମାନେ କହିଛନ୍ତି ଯେ, ଭିଭିଆଇପିଙ୍କ ଆଗମନ ପାଇଁ ଏକ ଉପଯୁକ୍ତ ହେଲିପ୍ୟାଡ୍ ପ୍ରସ୍ତୁତ କରାଯାଇଥିଲା, କିନ୍ତୁ ପାଇଲଟ୍ ଭୁଲବଶତଃ ପାର୍କିଂ ଅଞ୍ଚଳରେ ଏକ ଖୋଲା ସ୍ଥାନକୁ ଅବତରଣ ସ୍ଥାନ ବୋଲି ଭାବି ନେଇଥିଲେ। ସେହି ସ୍ଥାନଟି ସେତେବେଳେ ଖାଲିଥିବାରୁ ପାଇଲଟ ଏହାକୁ ଭୁଲବଶତଃ ହେଲିପ୍ୟାଡ ଭାବି ଥିଲେ। ଅବତରଣ ବିପଦପୂର୍ଣ୍ଣ ଥିଲା କାରଣ ହେଲିକପ୍ଟରର ଘୂର୍ଣ୍ଣନ ରୋଟରଗୁଡ଼ିକ ନିକଟରେ ଥିବା ଯାନବାହନ କିମ୍ବା ନିର୍ମାଣକୁ କ୍ଷତି ପହଞ୍ଚାଇଥାନ୍ତା। ପରେ ଭୁଜବଳ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ଆମେମାନେ ସୁରକ୍ଷିତ ଅବତରଣ କରିଛୁ। ଦୁର୍ଘଟଣା ଘଟିନଥିଲା। ହେଲିପ୍ୟାଡ ଦେଖାଯାଉ ନଥିବାରୁ କାର୍ ପାର୍କିଂ ଅଞ୍ଚଳରେ ହେଲିକପ୍ଟର ଅବତରଣ କରିଥିଲା।

## ହର୍ମୁଜ ସଙ୍କଟ ମଧ୍ୟରେ ୪ ଇରାନୀ ଟ୍ୟାଙ୍କରକୁ ଭାରତରେ ପ୍ରବେଶ ଅନୁମତି

ନୂଆଦିଲ୍ଲୀ, ୧ ୧।୪: ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଅନୁରୋଧରେ ଭାରତର ଜାହାଜ ଚଳାଚଳ ମନ୍ତ୍ରଣାଳୟ ଇରାନୀ ତୈଳ ନେଇଯାଉଥିବା ୪ଟି ଆମେରିକା ଦ୍ୱାରା ଅନୁମୋଦିତ ଟ୍ୟାଙ୍କରକୁ ଗୁଜରାଟର ସିକ୍କା ବନ୍ଦରରେ ଡକିଂ କରିବା ପାଇଁ ସ୍ୱତନ୍ତ୍ର ଅନୁମତି ପ୍ରଦାନ କରିଛି। ଭାରତ ବିଶ୍ୱର ତୃତୀୟ ବୃହତ୍ତମ ତୈଳ ଆମଦାନୀକାରୀ। ଆମେରିକାର ଚାପ ଯୋଗୁ ଭାରତ ମେ' ୨୦୧୯ରୁ ଇରାନରୁ ତେଲ ଆମଦାନୀ କରିପାରିନାହିଁ, ଯେତେବେଳେ ଆମେରିକା ଇରାନୀ ଅଶୋଧିତ ତୈଳ କ୍ରୟ ନ କରିବାକୁ ନିର୍ଦ୍ଦେଶ ଦେଇଥିଲା। ତଥାପି ବର୍ତ୍ତମାନର ବର୍ଦ୍ଧିତ ତୈଳ ମୂଲ୍ୟକୁ ଦୃଷ୍ଟିରେ ରଖି ଆମେରିକା ଗତ ମାସରେ ସମୁଦ୍ର ପଥରେ ଇରାନୀ ତୈଳ କ୍ରୟ ଉପରେ କଟକଣାକୁ ଅସ୍ଥାୟୀ ଭାବରେ ଶିଥିଳ କରିଥିଲା। ସମୁଦ୍ର ପଥରେ ଇରାନୀ ତୈଳ କ୍ରୟ ପାଇଁ ଅସ୍ଥାୟୀ ଛାଡ଼ ଏପ୍ରିଲ ୧୯ରେ ଶେଷ ହେଉଛି। ବର୍ତ୍ତମାନ ସିକ୍କା ବନ୍ଦରରେ ଡକିଂ କରିବାକୁ ଅନୁମତି ଦିଆଯାଇଥିବା ୪ଟି ଆମେରିକୀୟ ଟ୍ୟାଙ୍କର୍ 'ସାଡୋ ଫ୍ଲିଟ'ର ଅଂଶ। ଏହି ଜାହାଜଗୁଡ଼ିକ ସାଧାରଣତଃ ୨୦ ବର୍ଷରୁ ଅଧିକ ପୁରୁଣା ଏବଂ ଏଗୁଡ଼ିକର ଅନ୍ତର୍ଜାତୀୟ ବୀମା ନାହିଁ। ଭାରତୀୟ ନିୟମ ଅନୁଯାୟୀ ବନ୍ଦରରେ ଡକିଂ କରିବା ପାଇଁ ଏପରି ଜାହାଜଗୁଡ଼ିକ ପାଇଁ ସ୍ୱତନ୍ତ୍ର ସରକାରୀ ଅନୁମତି ଆବଶ୍ୟକ, ଯେଉଁ କାରଣରୁ ରିଲାଏନ୍ସ ଏହି ଅନୁରୋଧ କରିଛି। ରିପୋର୍ଟ ଅନୁଯାୟୀ, ଜାହାଜ ଚଳାଚଳ ମନ୍ତ୍ରଣାଳୟ ବିଶ୍ୱର ସର୍ବବୃହତ ରିଫାଇନିଂ କମ୍ପ୍ଲେକ୍ସ ପରିଚାଳନା କରୁଥିବା ରିଲାଏନ୍ସର ଅନୁରୋଧରେ କିଛି ଜାହାଜଗୁଡ଼ିକୁ ଏକ ସ୍ୱତନ୍ତ୍ର, ଏକକାଳୀନ ଛାଡ଼ ପ୍ରଦାନ କରିଛି। ହର୍ମୁଜ ପ୍ରଣାଳୀ ବନ୍ଦ ହେବା ଦ୍ୱାରା ସୃଷ୍ଟି ହୋଇଥିବା ଜରୁରୀକାଳିନ ପରିସ୍ଥିତି ଯୋଗୁ ଏହି ଛାଡ଼ ପ୍ରଦାନ କରାଯାଇଛି। ଅନୁମତି ପାଇବା ସତ୍ତ୍ୱେ, ଏହା ଅନିଶ୍ଚିତ ଯେ ରିଲାଏନ୍ସ ଏହି ଇରାନୀ ତେଲ ପ୍ରକ୍ରିୟାକରଣ କରିବ କି ନାହିଁ, କାରଣ ଏହା ନିଶ୍ଚିତ କରିବାକୁ ଚାହୁଁଛି ଯେ ସମସ୍ତ କାରବାର ଅନ୍ତର୍ଜାତୀୟ କଟକଣା ଏବଂ ଭାରତୀୟ ନିୟମାବଳୀ ସହିତ ସମ୍ପୂର୍ଣ୍ଣ ଅନୁପାଳନରେ ପରିଚାଳିତ ହେବ।

## ଇରାନର ସର୍ବୋଚ୍ଚ ନେତା ମୋଜତାବ ଖାମନେଇ ଗୁରୁତର



ନୂଆଦିଲ୍ଲୀ, ୧ ୧।୪: ଇରାନର ନୂଆ ସର୍ବୋଚ୍ଚ ନେତା ମୋଜତବା ଖେମିନିଙ୍କୁ ନେଇ ନୂଆ ନୂଆ ଦାବି ହେବାରେ ଲାଗିଛି । ନ୍ୟୁଜ ଏଜେନ୍ସି ରଏଟର୍ସ ରିପୋର୍ଟ ଅନୁଯାୟୀ, ଆମେରିକା ଓ ଇସ୍ରାଏଲର ବିମାନ ଆକ୍ରମଣରେ ମୋଜତବା ଗୁରୁତର ଭାବେ ଆଘାତପ୍ରାପ୍ତ ହୋଇଥିଲେ । ଏଥିରେ ତାଙ୍କର ମୁହଁ ଓ ଗୋଡ଼ ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଥିଲା । ସେ ଗୋଟିଏ କିମ୍ବା ଦୁଇଟି ଗୋଡ଼ ହରାଇ ଥାଇପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଛି । ଏହାସହିତ ମୁହଁ ବିକୃତ ହୋଇଯାଇଛି । ମୋଜତବାଙ୍କ ଘନିଷ୍ଠ ଥିବା ତିନିଜଣଙ୍କ ସୂତ୍ରରୁ ରଏଟର୍ସ ଏହା ପ୍ରକାଶ କରିଛି । କେନ୍ଦ୍ରୀୟ ତେହେରାନରେ ଥିବା ତାଙ୍କ ବାସଭବନ ଉପରେ ଆକ୍ରମଣ ଯୋଗୁଁ ମୋଜତବା ଗୁରୁତର ଆହତ ହୋଇଥିଲେ । ଏହି ଆକ୍ରମଣରେ ତାଙ୍କ ବାପା ତଥା ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲି ଖେମିନିଙ୍କ ମୃତ୍ୟୁ ହୋଇଥିଲା । ୫୬ ବର୍ଷୀୟ ମୋଜତବା କ୍ଷତରୁ ଧୀରେ ଧୀରେ ସୁସ୍ଥ ହେଉଥିଲେ ମଧ୍ୟ ମାନସିକ ସ୍ତରରେ ଖୁବ୍ ଦୃଢ ଅଛନ୍ତି । ସେ ବରିଷ୍ଠ ଅଧିକାରୀଙ୍କ ସହିତ ଅଡିଓ କନଫରେନ୍ସରେ କଥା ହେଉଥିବାବେଳେ ଯୁଦ୍ଧ ସମ୍ପର୍କରେ ବଡ଼ ବଡ଼ ନିଷ୍ପତ୍ତି ଏପରିକି ଆମେରିକା ସହିତ କଥାବାର୍ତ୍ତା ସମ୍ପର୍କିତ ନିଷ୍ପତ୍ତିରେ ସେ ସାମିଲ ଥିବା ରିପୋର୍ଟରେ କୁହାଯାଇଛି । ଶନିବାର ପାକିସ୍ତାନର ରାଜଧାନୀ ଇସଲାମାବାଦରେ ଆମେରିକା ସହିତ ଉଚ୍ଚସ୍ତରୀୟ ଶାନ୍ତି ଆଲୋଚନା ଆରମ୍ଭ ହେବା ସହିତ ମୋଜତବାଙ୍କ ସ୍ୱାସ୍ଥ୍ୟ ନେଇ ପ୍ରଶ୍ନ ଉଠିଛି। ମୋଜତବା କେଉଁଠି ଅଛନ୍ତି, ତାଙ୍କ ଅବସ୍ଥା କିପରି ଅଛି ଓ ତାଙ୍କ ଶାସନ କରିବାର କ୍ଷମତା ଏବେବି ଜନସାଧାରଣଙ୍କ ପାଇଁ ରହସ୍ୟ ହୋଇ ରହିଛି। ଯୁଦ୍ଧ ଆରମ୍ଭ ପରଠାରୁ ମୋଜତବାଙ୍କର କୌଣସି ଫଟୋ, ଭିଡିଓ କିମ୍ବା ଅଡିଓ ରେକର୍ଡ଼ ପ୍ରକାଶ ପାଇନାହିଁ। କିନ୍ତୁ ମାର୍ଚ୍ଚ ୮ରେ ମୋଜତବାଙ୍କୁ ତାଙ୍କ ବାପାଙ୍କ ସ୍ଥାନରେ ସର୍ବୋଚ୍ଚ ନେତା ଘୋଷଣା କରାଯାଇଥିଲା। କିନ୍ତୁ ଖେମେନିଙ୍କ ଘନିଷ୍ଠ ଲୋକଙ୍କର ଏହି ବୟାନ ଇତିମଧ୍ୟରେ ସବୁଠୁ ବିସ୍ତୃତ ବର୍ଣ୍ଣନା ହୋଇଥିଲେ ମଧ୍ୟ ରଏଟର୍ସ ସ୍ୱାଧୀନ ଭାବରେ ଏହାର ଯାଞ୍ଚ କରିପାରି ନାହିଁ।

## ପାର୍ଥ ଚାଟାର୍ଜୀଙ୍କ ଘରେ ଇଡି ଚଢାଉ

ନୂଆଦିଲ୍ଲୀ, ୧ ୧।୪: ଶନିବାର ସକାଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଏକ ଦଳ ପୂର୍ବତନ ଶିକ୍ଷା ମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ଦକ୍ଷିଣ କୋଲକାତା ସ୍ଥିତ ବାସଭବନରେ ଚଢ଼ାଉ କରିଛି। ସେବା ଆୟୋଗ ଶିକ୍ଷକ ନିଯୁକ୍ତି ଦୁର୍ନୀତି ଘଟଣାରେ ଚଢାଉ କରିଥିବା ସୂଚନା ରହିଛି। ପଶ୍ଚିମବଙ୍ଗରେ ସ୍କୁଲ ସେବା ଆୟୋଗ ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାରେ ଶ୍ରୀ ଚାଟାର୍ଜୀ ଏବଂ ତାଙ୍କ ନିକଟ ସହଯୋଗୀ ଅର୍ପିତା ମୁଖାର୍ଜୀଙ୍କୁ ଜୁଲାଇ ୨୦୨୨ରେ ଗିରଫ କରାଯାଇଥିଲା। ଅର୍ପିତାଙ୍କ ଆପାର୍ଟମେଣ୍ଟରୁ ଗଦା ଗଦା ନଗଦ ଏବଂ ଅଳଙ୍କାର ମିଳିବା ପରେ ତାଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଉଭୟ ଜାମିନ ପାଇ ଜେଲରୁ ମୁକ୍ତ ହୋଇଛନ୍ତି।

## ୨୦୩୦ ସୁଦ୍ଧା ଦିଲ୍ଲୀରେ ଶେଷ ହେବ ପେଟ୍ରୋଲ ଗାଡ଼ିର ଯୁଗ

ନୂଆଦିଲ୍ଲୀ, ୧ ୧।୪: ଦେଶର ରାଜଧାନୀରେ ବଢୁଥିବା ପ୍ରଦୂଷଣ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦିଲ୍ଲୀ ସରକାର ଏକ ବୈପ୍ଳବିକ ପଦକ୍ଷେପ ଗ୍ରହଣ କରିଛନ୍ତି। ପରିବହନ ବିଭାଗ ପକ୍ଷରୁ "ଦିଲ୍ଲୀ ବୈଦ୍ୟୁତିକ ଯାନ (ଇଭି) ନୀତି ୨୦୨୬-୨୦୩୦"ର ଚିଠା ପ୍ରସ୍ତାବ ଜାରି କରାଯାଇଛି। ଏହି ନୂତନ ନୀତି ଅନୁଯାୟୀ, ଆସନ୍ତା କିଛି ବର୍ଷ ମଧ୍ୟରେ ପେଟ୍ରୋଲ ଚାଳିତ ଦୁଇଚକିଆ ଓ ତିନିଚକିଆ ଯାନର ପଞ୍ଜୀକରଣକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଏକ କଠୋର ସମୟସୀମା ଧାର୍ଯ୍ୟ କରାଯାଇଛି । ବିଶେଷକରି ଶୀତଦିନେ ଦିଲ୍ଲୀରେ ଦେଖାଦେଉଥିବା ଭୟଙ୍କର ସ୍ମୋଗ୍ ବା ବିଷାକ୍ତ କୁହୁଡ଼ିକୁ ନିୟନ୍ତ୍ରଣ କରିବା ଏହି ନୀତିର ମୂଳ ଲକ୍ଷ୍ୟ । ଏହି ଚିଠା ପ୍ରସ୍ତାବ ଅନୁଯାୟୀ, ୨୦୨୭ ମସିହା ଜାନୁଆରୀ ୧ ତାରିଖରୁ ଦିଲ୍ଲୀରେ କେବଳ ବୈଦ୍ୟୁତିକ ତିନିଚକିଆ ଯାନର ନୂତନ ପଞ୍ଜୀକରଣ ହୋଇପାରିବ। ସେହିପରି ୨୦୨୮ ଏପ୍ରିଲ ୧ ତାରିଖ ପରଠାରୁ ପେଟ୍ରୋଲ ଚାଳିତ ଦୁଇଚକିଆ ଗାଡ଼ି ଉପରେ ସମ୍ପୂର୍ଣ୍ଣ କଟକଣା ଲାଗୁ ହେବ ଏବଂ କେବଳ ଇଲେକ୍ଟ୍ରିକ୍ ମଡେଲକୁ ଅନୁମତି ମିଳିବ। ଇଲେକ୍ଟ୍ରିକ୍ ଦୁଇଚକିଆ, ତିନିଚକିଆ ଓ ମାଲବାହୀ ଯାନ ଉପରେ ବ୍ୟାଟେରୀ କ୍ଷମତା ଅନୁଯାୟୀ ସବସିଡି ପ୍ରଦାନ କରାଯିବ। ପୁରୁଣା ପ୍ରଦୂଷଣକାରୀ ଗାଡ଼ିକୁ ସ୍କ୍ରାପ୍ ବା ନଷ୍ଟ କରିବା ପାଇଁ ମଧ୍ୟ ବିଭିନ୍ନ ବର୍ଗରେ ୧୦ ହଜାରରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ଘୋଷଣା କରାଯାଇଛି। ଏହା ବ୍ୟତୀତ ବୈଦ୍ୟୁତିକ ଯାନ କ୍ରୟ କଲେ ରୋଡ୍ ଟ୍ୟାକ୍ସ ଏବଂ ପଞ୍ଜୀକରଣ ଶୁଳ୍କରୁ ସମ୍ପୂର୍ଣ୍ଣ ଛାଡ଼ ମିଳିବ। ଭିତ୍ତିଭୂମିର ବିକାଶ ପାଇଁ ଦିଲ୍ଲୀ ଟ୍ରାନ୍ସକୋ ଲିମିଟେଡକୁ ନୋଡାଲ ଏଜେନ୍ସି ଭାବେ ନିଯୁକ୍ତ କରାଯାଇଛି।

## ଧ୍ୱଂସସ୍ତୂପ ପାଲଟିଛି ଲେବାନନ

# ତମ୍ବୁ ତଳେ ବିତୁଛି ୧୨ ଲକ୍ଷ ବିସ୍ଥାପିତଙ୍କ ଜୀବନ



ବେରୁଟ୍, ୧ ୧/୪ : ଚାରିଆଡ଼େ ବିଛାଇ ହୋଇ ପଡ଼ିଛି ବିରାଟ ଅଟ୍ଟାଳିକା, ଶିକ୍ଷାନୁଷ୍ଠାନ, ହସ୍ପିଟାଲ ଆଦିର ଧ୍ୱଂସାବଶେଷ । ଦିନେ ଲେବାନନବାସୀଙ୍କ ସୁରକ୍ଷାର ଠିକଣା ଥିବା ଘର ଖଣ୍ଡ ବିଖଣ୍ଡିତ ହୋଇଯାଇଛି । ଆବାସସ୍ଥଳୀଗୁଡ଼ିକ କବରସ୍ଥାନ ପାଲଟିଛି । ଆଶ୍ରୟର ଆଉ ସ୍ଥାୟୀ ଠିକଣା ନାହିଁ । ହିଜବୁଲ୍ଲା ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଭୀଷଣ ଯୁଦ୍ଧ ସେମାନଙ୍କୁ ଆତଙ୍କ ଭିତରେ ବଞ୍ଚିବାକୁ ବାଧ୍ୟ କରିଛି । ନିଜ ଘରଦ୍ୱାର ଛାଡ଼ି ଖୋଲା ଆକାଶ କିମ୍ବା ଅସ୍ଥାୟୀ ଟେଣ୍ଟ ତଳେ ମୁଣ୍ଡ ଗୁଞ୍ଜିଛନ୍ତି ଲେବାନନ ବାସିନ୍ଦା । ଗଣମାଧ୍ୟମ ପ୍ରତିନିଧି ସଂଗ୍ରହ କରିଥିବା ସେଠାକାର ଫଟୋରୁ ଇସ୍ରାଏଲ ଆକ୍ରମଣର ଭୟାବହତା ସ୍ପଷ୍ଟ ଭାବେ ଦେଖାଯାଉଛି । ଲେବାନନର ଟାୟର ଏବଂ ବେରୁଟ ଭଳି ସହର ଧ୍ୱଂସସ୍ତୂପ ପାଲଟିଛି । ରିପୋର୍ଟ ଅନୁସାରେ, ଗତ ମାର୍ଚ୍ଚ ୨ରୁ ଲେବାନନରେ ଅଦ୍ୟାବଧି ୧,୮୦୦ ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲାଣି । ମୃତକଙ୍କ ମଧ୍ୟରେ ପ୍ରାୟ ୧୫୦ ହେଉଛନ୍ତି ଶିଶୁ । ଗତ ବୁଧବାର ଗୋଟିଏ ଦିନରେ ଇସ୍ରାଏଲ ଆକ୍ରମଣରେ ୨୫୦ରୁ ଅଧିକ ଲୋକଙ୍କ ଜୀବନ ଯାଇଥିଲା । ଅଦ୍ୟାବଧି ୫ ହଜାରରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି । ଆହତମାନେ ହସ୍ପିଟାଲରେ ଭିଡ଼ ଜମାଇଥିଲେ ହେଁ ଡାକ୍ତରଖାନାରେ ଜୀବନ ରକ୍ଷାର ସଂଘର୍ଷ ଆହୁରି ବଳିଯାଇଛି । ଅଦ୍ୟାବଧି ୧୨ ଲକ୍ଷରୁ ଊର୍ଦ୍ଧ୍ୱ ବିସ୍ଥାପିତ ହେଲେଣି । ଘନ ଘନ ଆକ୍ରମଣ ଯୋଗୁ ଲେବାନନବାସୀଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି । ଖାଦ୍ୟପାନୀୟ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଅଭାବ ଯୋଗୁ ସେଠାରେ ଭୟଙ୍କର ମାନବୀୟ ସଙ୍କଟ ସୃଷ୍ଟି ହୋଇଛି । ଲୋକେ ଭୋକ ଉପାସରେ ଆଉଟୁପାଉଟୁ ହେଉଛନ୍ତି । ଲେବାନନ ସଙ୍କଟ ଉପରେ ଜାତିସଂଘ ଗମ୍ଭୀର ଚିନ୍ତାପ୍ରକଟ କରିଛି । ୟୁନିସେଫ୍ କହିଛି, ଲେବାନନରେ ଇସ୍ରାଏଲ ଆକ୍ରମଣର ସବୁଠୁ ଭୟାବହ ମୂଲ୍ୟ ଶିଶୁଙ୍କୁ ଦେବାକୁ ପଡୁଛି । ଗତ ୮ ତାରିଖରେ ଇସ୍ରାଏଲ କରିଥିବା ଏୟାରଷ୍ଟ୍ରାଇକରେ ୩୩ ଶିଶୁଙ୍କ ମୃତ୍ୟୁ ଘଟିଛି ଏବଂ ୧୫୩ ଜଣ ଆହତ ହୋଇଛନ୍ତି । ମାର୍ଚ୍ଚ ଆରମ୍ଭରୁ ଅଦ୍ୟାବଧି ୬୦୦ରୁ ଊର୍ଦ୍ଧ୍ୱ ଶିଶୁ ମୃତାହତ ହେଲେଣି । ସେହିପରି ବିସ୍ଥାପିତଙ୍କ ମଧ୍ୟରେ ପ୍ରାୟ ୩ ଲକ୍ଷ ୯୦ ହଜାର ଶିଶୁ ରହିଛନ୍ତି । ଅନେକ ବିସ୍ଥାପିତଙ୍କୁ ବାରମ୍ବାର ଠିକଣା ବଦଳାଇବାକୁ ପଡୁଛି । ଏହି ହିଂସା ଶିଶୁଙ୍କୁ ଗଭୀର ମାନସିକ ଆଘାତ ଦେଉଛି । ଲେବାନନରେ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଏବଂ ମାନବୀୟ ସହାୟତା ପହଞ୍ଚାଯିବାକୁ ଜାତିସଂଘ ପକ୍ଷରୁ ସମସ୍ତ ପକ୍ଷଙ୍କୁ ଅପିଲ କରାଯାଇଛି । ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଅନୁସାରେ, ଏପ୍ରିଲ ୯ ଯାଏ କେବଳ ୪ ଲକ୍ଷ୪୦ ହଜାର ବିସ୍ଥାପିତଙ୍କ ପାଇଁ ଖାଦ୍ୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ସହାୟତା ପହଞ୍ଚିଛି । ସେହିପରି ସିରିଆ ସୀମା ପାର୍ କରିଥିବା ୮୫ ହଜାର ବିସ୍ଥାପିତଙ୍କୁ ଆପାତକାଳୀନ ସହାୟତା ଦିଆଯାଇଛି । ଅନ୍ୟମାନଙ୍କ ପାଖରେ ଏହି ସହାୟତା ପହଞ୍ଚିବା କଷ୍ଟକର ହେଉଛି । ବିଶେଷକରି ଲେବାନନର ଦକ୍ଷିଣ ଭାଗରେ ମାନବୀୟ ସହାୟତା ପହଞ୍ଚିବାରେ ଅନେକ ବାଧା ରହିଛି । ସେଠାକୁ ସହାୟତା ପହଞ୍ଚାଇବା ଲାଗି ସହଜରେ ଅନୁମତି ମିଳୁନାହିଁ । ଏହା ଲାଗି ରହିଲେ ଭୟଙ୍କର ସ୍ଥିତି ଉପୁଜିବ ବୋଲି ଜାତିସଂଘ ଚେତାଇଛି ।

# କଟକ ରେଳବାଇ ପୋଲିସ ଦ୍ୱାରା ୧୨ ନାବାଳକ ଉଦ୍ଧାର

## ନାବାଳକଙ୍କୁ ଚାଇଲ୍ଡ ଲାଇନ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର

କଟକ(ନିପ୍ର): ଅପରେସନ "ନନ୍ହେ ଫରିସ୍ତେ" ଅଧୀନରେ କଟକ ରେଳବାଇ ପୋଲିସ ଦଳ ଶନିବାର କଟକ ରେଳ ଷ୍ଟେସନରୁ ୧୨ଜଣ ନାବାଳକଙ୍କୁ ଉଦ୍ଧାର କରିଛି । ଉଦ୍ଧାର ହୋଇଥିବା ନାବାଳକଙ୍କୁ ରେଳବାଇ ପୋଲିସ ଚାଇଲ୍ଡ ଲାଇନ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି । ରେଳବାଇ ପୋଲିସ ସୂଚନା ମୁତାବକ, କଟକ ଆରପିଏଫ ପୋଷ୍ଟର ଅଧିକାରୀ ଓ କର୍ମଚାରୀମାନେ ଶନିବାର ଡ୍ୟୁଟି କରୁଥିବା ସମୟରେ କଟକ ରେଳ ଷ୍ଟେସନର ପ୍ଲାଟଫର୍ମ ନଂ ୪ ରେ ଟ୍ରେନ ନଂ ୨୦୬୦୯ (ଏନଜେପି-ଟିପିଜେ) ଅମୃତ ଭାରତ ଏକ୍ସପ୍ରେସର ପଛ ସାଧାରଣ ବଗିରୁ ପୂର୍ବାହ୍ନ ୧୦ ଟା ୧୫ ମିନିଟ ସମୟରେ ୧୨ ଜଣ ନାବାଳକ ଓହ୍ଲାଇଥିବାର ଦେଖିଥିଲେ । ସେମାନଙ୍କୁ ପଚରାଉଚରା କରିବା ପରେ ନାବାଳକମାନେ କହିଥିଲେ ଯେ, ଓଡ଼ିଶାର ଜଣେ ଅଜଣା ବ୍ୟକ୍ତି ସେମାନଙ୍କୁ କଟକ ରେଳ ଷ୍ଟେସନରେ ଓହ୍ଲାଇବାକୁ ନିର୍ଦ୍ଦେଶ ଦେଇଥିଲେ । ସେଠାରେ ପିଲାମାନଙ୍କୁ ସ୍ୱାଗତ କରାଯିବ ବୋଲି ଅଜଣା ବ୍ୟକ୍ତି ପ୍ରତିଶୃତି ଦେଇଥିବା ନାବାଳକମାନେ କହିଛନ୍ତି । କିନ୍ତୁ ଏପରି କୌଣସି ବ୍ୟକ୍ତି ସେଠାକୁ ଆସିନଥିଲେ । ଅଧିକ ପଚରା ଉଚରା ପରେ ରେଳବାଇ ପୋଲିସ ଜାଣିବାକୁ ପାଇଲା ଯେ, ସମସ୍ତ ନାବାଳକ ବିହାର ରାଜ୍ୟର ଆରାରିଆ ଜିଲ୍ଲାର । ସେମାନେ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ପରିବାରର ବୋଲି ରେଳବାଇ ପୋଲିସ ଜାଣିବାକୁ ପାଇଥିଲା । ସେମାନଙ୍କୁ ଓଡ଼ିଶାରେ ମାଗଣା ମଦ୍ରାସା ଶିକ୍ଷା ସହିତ ରହିବା ଏବଂ ଖାଇବା ସୁବିଧା ଯୋଗାଇ ଦେବା ବାହାନାରେ ଉକ୍ତ ଅଜଣା ବ୍ୟକ୍ତି ପ୍ରଲୋଭିତ କରିଥିଲେ । ଉଦ୍ଧାର ହୋଇଥିବା ନାବାଳକ ମାନଙ୍କ ପରିଚୟ ହେଲା ବିହାର ଜିଲ୍ଲା ଆରାରିଆ ଜିଲ୍ଲାର ଆବୁ ସହିଦ (୧୩), ଅଲକୁମାର (୧୨), ଅଲତାମାସ (୧୫), ନଇଦ ଆକ୍ରମ (୧୬), ଜିସାନ (୧୪), ଜୁଲକର୍ଣ୍ଣିଆ (୧୭), ଅଖଲାଖ (୧୪), ଲାଇକେ (୧୨), ଚମନ (୧୨), ଅମିତ (୧୧), ଅସଲାବ (୧୪) ରେଶାଲ (୧୨) । ଏହା ପରେ କଟକ ରେଳବାଇ ପୋଲିସ ସମସ୍ତ ୧୨ଜଣ ନାବାଳିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି କଟକ ଆରପିଏଫ ପୋଷ୍ଟକୁ ଆଣିଥିଲେ । ଆରପିଏଫ କର୍ମଚାରୀଙ୍କ ସହାୟତାରେ ସେମାନଙ୍କୁ ଖାଦ୍ୟ, ପାନୀୟଜଳ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇ ଦିଆଯାଇଥିଲା । ଏହାପରେ ରେଳବାଇ ପୋଲିସ ଉଦ୍ଧାର ହୋଇଥିବା ନାବାଳକଙ୍କ ପିତାମାତା, ଚାଇଲ୍ଡ ଲାଇନ, କଟକ ଜିଆରପିଏସ ଏବଂ ଏସଏସ/ସିଟିସିକୁ ଏ ବିଷୟରେ ଖବର ଦେଇଥିଲେ । ଏହି ସଂପର୍କରେ ଏସଏସ/ସିଟିସି ଦ୍ୱାରା ୭୪୬/ସି ତାରିଖ ୧୧.୦୪.୨୦୨୬ରେ ଏକ କେସ ରୁଜୁ କରାଯାଇଛି । ଏହା ପରେ ଉଦ୍ଧାର ହୋଇଥିବା ସମସ୍ତ ୧୨ଜଣ ନାବାଳିକଙ୍କୁ ପ୍ରତିଷ୍ଠିତ ନିୟମ ଏବଂ ପ୍ରକ୍ରିୟା ଅନୁସାରେ ସେମାନଙ୍କ ଯତ୍ନ, ସୁରକ୍ଷା ଏବଂ ପୁର୍ନବାସ ପାଇଁ ଚାଇଲ୍ଡ ଲାଇନ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଥିବା ରେଳବାଇ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି ।




## ଲୁହା ସ୍କ୍ରାପ ଚୋରି କରି ଦୁଇ ବନ୍ଧା ହେଲେ

ଭୁବନେଶ୍ୱର,(ନିପ୍ର): ମଞ୍ଚେଶ୍ୱର ଥାନା ପୋଲିସ ଏକ କମ୍ପାନୀ ପରିସରରୁ ଲୁହା ସ୍କ୍ରାପ ଚୋରି କରିବା ଅଭିଯୋଗରେ ଦୁଇଜଣ ପେସାଦାର ଚୋରଙ୍କୁ ଗିରଫ କରିଛି । ଗିରଫ ଦୁଇ ପେସାଦାର ଚୋର ହେଉଛନ୍ତି, ସ୍ଥାନୀୟ ହାଡବାଇ ବସ୍ତିର ସଞ୍ଜୟ ଦାସ ଓରଫ ସଞ୍ଜୁ (୨୪) ଓ ରାଜୁ ଦାସ ଓରଫ କାଳିଆ (୩୨) । ଗିରଫ ସଞ୍ଜୟ ନାମରେ ପୂର୍ବରୁ ୩ଟି ମାମଲା ରହିଥିବା ବେଳେ ରାଜୁ ନାମରେ ୨ଟି ଅପରାଧୀକ ମାମଲା ରହିଥିବା ଜଣାପଡିଛି । ଏନେଇ ରାଜ କିଶୋର ଭୂୟାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ରାଜ କିଶୋର ଭୂୟାଁଙ୍କର ମଞ୍ଚେଶ୍ୱର ଏମ୍ଏସ୍ ଓଡ଼ିଶା କମ୍ପ୍ୟୁଟର୍ସ ଆଣ୍ଡ କମ୍ୟୁନିକେସନ୍ ପ୍ରା.ଲି.ର ନିର୍ଦ୍ଦେଶକ । ତାଙ୍କ ଅଭିଯୋଗ ଅନୁସାରେ, ଗତ ଜାନୁଆରୀ ୨୪ ତାରିଖ ବିଳମ୍ବିତ ରାତିରେ ଚାରି ଜଣ ଦୁର୍ବୃତ୍ତ ତାଙ୍କ କାର୍ଯ୍ୟାଳୟ ପରିସରକୁ ବେଆଇନ ଭାବେ ପ୍ରବେଶ କରି କିଛି ଲୁହା ସାମଗ୍ରୀ ଚୋରି କରି ନେଇଯାଇଥିଲେ ।

## ଉତ୍କଳୀୟମ୍ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ଛେନାପୋଡ଼ ଦିବସ



ବୋଲଗଡ଼,(ନିପ୍ର): ନୟାଗଡ଼ ଜିଲ୍ଲା -ଖୋର୍ଦ୍ଧା ଜିଲ୍ଲାର ମୁଖ୍ୟ ବ୍ୟବସିୟୀ ପେଣ୍ଠସ୍ଥଳ ରାଜସୁନାଖଳା ଗଣେଶ ବଜାରସ୍ଥିତ 'ଲକ୍ଷ୍ମୀ ଟାୱାର କାର୍ଯ୍ୟାଳୟଠାରେ ଉତ୍କଳୀୟମ୍ ଫାଉଣ୍ଡେସନ ଟ୍ରଷ୍ଟ ଓ ରାଜ୍ ଯୁବ ପ୍ରତିଷ୍ଠାନର ଅଧ୍ୟକ୍ଷ ରାଜୀବ ଲୋଚନ ପ୍ରଧାନଙ୍କ ଆବାହକତ୍ୱରେ ଶନିବାର ବିଶ୍ୱ ଛେନାପୋଡ଼ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରଣପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଜେଡି ବିଧାୟକ ସତ୍ୟନାରାୟଣ ପ୍ରଧାନ ଓ ସମ୍ମାନିତ ଅତିଥିଭାବେ ରଣପୁର ବ୍ଲକ ବିଜେଡି ସଭାପତି ସଚିକାନ୍ତ ଷଡ଼ଙ୍ଗୀ,ସମାଜସେବୀ ବିଶିକେଶନ ସାହୁଙ୍କ ସମେତ ରାଜସୁନାଖଳା ଅଞ୍ଚଳର ବୁଦ୍ଧିଜୀବୀ, ଶିକ୍ଷାବିତ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ । ବିଶ୍ୱ ଛେନାପୋଡ଼ ଦିବସ ନୟାଗଡ଼ ଜିଲ୍ଲାକୁ ଗୌରବାନ୍ୱିତ କରି ଛେନାପୋଡ଼ ସୁନାମ ଅର୍ଜନ କରିଛି । ମିଠା ଜଗତରେ ନିଜର ଏକ ସ୍ୱତନ୍ତ୍ରସ୍ଥାନ ସୃଷ୍ଟି କରିଥିବା ଏହି ଛେନାପୋଡ ବର୍ତ୍ତମାନ ନୟାଗଡ଼ରୁ ପ୍ରସ୍ତୁତ ହୋଇ ପ୍ରତ୍ୟେକ ଦିନ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା, ସମ୍ବଲପୁର, ମାଲକାନାଗିରି, ଭବାନୀପାଟଣା, ବଲାଙ୍ଗୀର, ବୌଦ୍ଧ, କେନ୍ଦୁଝର କନ୍ଧମାଳ ଛତିଶଗଡ଼ କଲିକତା ଦୁର୍ଗାପୁର, ରାୟପୁର ପ୍ରଭୃତି ସ୍ଥାନକୁ ଦୂରଗାମୀ ବସ୍ ଯୋଗେ ପ୍ରତିଦିନ ପଠାଯାଉଅଛି ।

## ପ୍ରଶାସନ ନିୟମକୁ ମାନୁ ନାହାନ୍ତି ଭାରୀଯାନ ଚାଳକ

କେନ୍ଦ୍ରାପଡ଼ା (ନିପ୍ର): କେନ୍ଦ୍ରାପଡ଼ା ସହର ଗୁଲନଗର ତିନିମୁହାଣୀ ଠାରୁ ଇଚ୍ଛାପୁର ପର୍ଯ୍ୟନ୍ତ ଏକ ଜନ ବହୁଳ ସ୍ଥାନ ଓ ପ୍ରତ୍ୟେକ ଦିନ ଶହ ଶହ ମଟର ସାଇକେଲ ସାଙ୍ଗକୁ ପଦ ଚାରି ଏବଂ କଲେଜ ପଢୁଆ ଛାତ୍ରଛାତ୍ରୀମାନେ ଯାତାୟାତ କରିଥାନ୍ତି । ସହରର ରାସ୍ତା ଘାଟ ଅଣ ଓସାରିଆ ହୋଇଥିବାରୁ ନିକଟରେ ମାଲ ବୋଝେଇ ଟ୍ରକ ଗୁଡିକ ଚକା ତଳେ ସାଧାରଣ ଲୋକଙ୍କ ଜୀବନ ଯାଉଥିବାର ଦେଖିବାକୁ ମିଳିଛି । ବେଶିଦିନ ନୁହେଁ ଏହି ଚାରି ଛ ମାସ ମଧ୍ୟରେ ମହିପାଳର ଜଣେ ଦମ୍ପତି ନିଜ ପିଲାକୁ ସ୍କୁଲ ଛାଡିବା ପାଇଁ ଯାଉଥିବା ସମୟରେ ଟାଉନ ଭିତରକୁ ଏକ ବିଶାଳକାୟ ଟ୍ରକ ବାଲି ବୋଝେଇ କରି ପ୍ରବେଶ କରୁଥିବା ବେଳେ ଦମ୍ପତି ଜଣକ ସ୍କୁଟିର ଭାରସାମ୍ୟ ହରାଇ ଟ୍ରକ ଚକାତଳେ ପଡିଯାଇଥିଲେ । ଯାହା ଫଳରେ ମହିଳା ଜଣକ ମୃତ୍ୟୁ ବରଣ କରିଥିଲେ । ଖାଲି ଏହି ଗୋଟିଏ ଘଟଣା ନୁହେଁ ବରଂ ଦିନ ଦିପହରେ ଟାଉନରେ ବଡ ବଡ଼ ବାଲି ବୋଝେଇ ଗାଡ଼ି ପଶିବା କାରଣରୁ ଅନେକ ଧନ ଜୀବନ ନଷ୍ଟ ହେଉଛି । ଘଟଣା ସମୟରେ ତତ୍କାଳୀନ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଥିବା ସ୍ମୃତି ରଞ୍ଜନ ପ୍ରଦାନ ଏକ ନିୟମ ଲାଗୁ କରିଥିଲେ । ଯାହା ସକାଳ ୯ ଘଟିକାରୁ ରାତ୍ର ୯ ଘଟିକା ପର୍ଯ୍ୟନ୍ତ କୌଣସି ଭାରୀଯାନ କେନ୍ଦ୍ରାପଡ଼ା ଟାଉନରେ ପସିପାରିବ ନାହିଁ । କିନ୍ତୁ ବ୍ୟତିକ୍ରମ ବିଷୟ ବର୍ତ୍ତମାନ ତାହା କୌଣସି ବାଲିବୋଝେଇ ଟ୍ରକ ଗୁଡିକ ମାନୁ ନାହାନ୍ତି ମନମୁଖୀ ଦିନ ଦିପହରେ ଟାଉନରେ ଗାଡ଼ି ପୁରାଉଛନ୍ତି ଓ ଯଦି ପୁନର୍ବାର ଏହିଭଳି କିଛି ଦୁର୍ଘଟଣା ଘଟେ ତେବେ କିଏ ଏହା ପାଇଁ ଦାୟି ହେବ ଓ ବର୍ତ୍ତମାନ ଜିଲ୍ଲାପାଳଙ୍କୁ ଉକ୍ତ ବିଷୟରେ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିଲା ନାହିଁ ।

## ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




ଭୁବନେଶ୍ୱର(ନିପ୍ର): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଜାତୀୟ ସେବା ଯୋଜନା ଓଡ଼ିଶା ଶାଖାର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସାମୟିକ ଯୁବପିଢ଼ିଙ୍କ ବ୍ୟକ୍ତିତ୍ୱର ବିକାଶ ନିମନ୍ତେ ନେତୃତ୍ୱର ଆବଶ୍ୟକତା ସଂପର୍କରେ ଆଲୋଚନା କରିଥିଲେ । ଜାତୀୟ ସେବା ଯୋଜନାର ଅଧିକାରୀ ଏ.ଏସ୍. କବିର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂପ୍ରତିକ ସମାଜରେ ଯୁବ ନେତୃତ୍ୱ ସମାଜ ପାଇଁ କେତେ ଉପଯୋଗୀ ଓ ଗୁରୁତ୍ୱପୂର୍ଣ୍ଣ ସେ ସଂପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ । ଜାତୀୟ ସେବା ଯୋଜନାର ଖୋର୍ଦ୍ଧା ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଜୟଶ୍ରୀ ମଲ୍ଲିକ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ସୁସ୍ଥ ସମାଜ ଗଠନ ନିମନ୍ତେ ପ୍ରେରଣାଦାୟକ ଯୁବନେତୃତ୍ୱର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ଯୁବ ନେତୃତ୍ୱ ଜରିଆରେ ରାଷ୍ଟ୍ରର ଉନ୍ନତି ଓ ସମାଜର ସାମଗ୍ରିକ ଉନ୍ନତି ସମ୍ଭବପର ବୋଲି ସେ କହିଥିଲେ । ବରିଷ୍ଠ ଶିକ୍ଷାବିତ୍ ତଥା ରାଜ୍ୟସ୍ତରୀୟ ପ୍ରଶିକ୍ଷକନିରଜ ବରଣ ଖୁଣ୍ଟିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିରର ପ୍ରାସଙ୍ଗିକତା ସଂପର୍କରେ ସୂଚନା ଦେଇଥିଲେ । ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଚକ୍ରଧର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜକ ଡ. ସନ୍ଦୀପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, କିସ୍ ଓ ଆଇଆଇଟି ପ୍ରଭୃତି ଶିକ୍ଷାନୁଷ୍ଠାନରୁ ଶତାଧିକ ଯୁବ ସ୍ୱେଚ୍ଛାସେବୀଙ୍କୁ ନେଇ ତିନିଦିନ ବ୍ୟାପି ଆୟୋଜିତ ଏହି ଶିବିରରେ ପ୍ରତିଷ୍ଠିତ ପ୍ରଶିକ୍ଷକଙ୍କ ଦ୍ୱାରା ଯୁବ ନେତୃତ୍ୱର ବିକାଶ ନିମନ୍ତେ ପ୍ରଶିକ୍ଷଣ ଦିଆଯିବ ବୋଲି କାର୍ଯ୍ୟକ୍ରମ ଅଧିକାରୀ ଡ. ଶାରଦା ପ୍ରସନ୍ନ ଦାସ ସୂଚନା ଦେଇଥିଲେ ।

## ଭାରତୀୟ ଜନତା ପାର୍ଟିର ଗାଁକୁ ଚାଲ ଅଭିଯାନ

ଚାରିଛକ,(ନିପ୍ର): ଭାରତୀୟ ଜନତାପାର୍ଟିର ଗାଁକୁ ଚାଲ ଅଭିଯାନ ଆଜି ତୁଳସୀପୁର ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି । ସଭାପତି କୈଳାସ ଚନ୍ଦ୍ର କରଙ୍କ ନେତୃତ୍ୱରେ ଆୟୋଜିତ ଗାଁକୁ ଚାଲ ଅଭିଯାନରେ ଚାରିଛକ ମଣ୍ଡଳ ସଭାପତି ପ୍ରଭାତ କୁମାର ନାୟକ, ପୂର୍ବତନ ସରପଞ୍ଚ ଭଗବାନ ମିଶ୍ର, ବରିଷ୍ଠନେତା ବିଶ୍ୱନାଥ ତ୍ରିପାଠୀ, ଯୁବନେତା ମାନସ କୁମାର ସାହୁ, ଘନଶ୍ୟାମ ଦାସ, ଅରକ୍ଷୀତ ଭୋଇ, ଜ୍ୟୋତିରଂଜନ ପାତ୍ର, ମଙ୍ଗୁଳି ଚରଣ ସାହୁ, ଗନୁ ବାରିକ, ବାବାଜି ମହାନ୍ତି, ଜାକିର ଖାଁ, ରିଙ୍କୁ ସେଠୀଙ୍କ ସମେତ ଶତାଧିକ କର୍ମୀ ତୁଳସୀପୁର ମା ଦୁର୍ଗା ଠାକୁରାଣୀଙ୍କ ନିକଟରୁ ବାହାରି ତୁଳସୀପୁର ଓ ଭଇଁଚି ଗୋରଡି,ଅମରେଶ୍ୱର ଆଦି ଗ୍ରାମକୁ ଯାଇ ଭାରତର ପ୍ରଧାନମନ୍ତ୍ରୀ ମାନ୍ୟବର ନରେନ୍ଦ୍ର ମୋଦିଜୀଙ୍କ ଜନ କଲ୍ୟାଣ ଯୋଜନା,ରାଜ୍ୟରେ ମୋହନ ସରକାରଙ୍କ ସୁଶାସନକୁ ଜନସାଧାରଣଙ୍କୁ ଅବଗତ କରାଇବା ସହିତ ଆସନ୍ତା ପଞ୍ଚାୟତ ନିର୍ବାଚନରେ ବିଜେପି ପାର୍ଥିଙ୍କୁ ଜିତାଇବାକୁ ଅନୁରୋଧ କରିଥିଲେ । ଏହି ଅବସରରେ କର୍ମୀମାନେ ଅମରେଶ୍ୱର ମନ୍ଦିର ପରିସର ସଫେଇ କରିଥିଲେ ।

## ଆର୍ଥିକ ଅନିୟମିତତା ଓ ମଧ୍ୟାହ୍ନ ଭୋଜନ ଚାଉଳ ହେରଫେର ଘଟଣା ପାଇଁ ନିଲମ୍ବିତ ହେଲେ ପ୍ରଧାନଶିକ୍ଷକ

ଆସିକା(ନିପ୍ର): ଆର୍ଥିକ ଅନିୟମିତତା ଓ ମଧ୍ୟାହ୍ନ ଭୋଜନ ଚାଉଳ ହଡପ କରିଥିବା ଘଟଣାରେ ନିଲମ୍ବିତ ହୋଇଛନ୍ତି । ନୋଡାଲ ଉଚ୍ଚ ପ୍ରାଥମିକ ଉଚ୍ଚବିଦ୍ୟାଳୟ ଲଣ୍ଡାଜୁଆଳିର ପ୍ରଧାନ ଶିକ୍ଷକ ସୁମନ ବାଡ଼ତ୍ୟା । ଗତ ମାର୍ଚ୍ଚ ୨୩ ତାରିଖ ଦିନ ବିଦ୍ୟାଳୟ ରେ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ଦିନ ଆସିକା ଗୋଷ୍ଠୀ ଶିକ୍ଷାଧିକାରିଣୀ ମୁନରାଣୀ ମହାନ୍ତି,ସହକାରି ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁ ନନ୍ଦନ ପଣ୍ଡା ଉଭୟେ ମିଶି ଏହି ବିଦ୍ୟାଳୟ କୁ ଯାଇଥିଲେ । ପୂର୍ବ ସୂଚନା ପ୍ରକାରରେ ବିଦ୍ୟାଳୟ ର ସମସ୍ତ ନଥିପତ୍ର ଛାତ୍ର ଛାତ୍ରୀ ଉପସ୍ଥାନ ଖାତା ଯାଞ୍ଚ ବେଳେ ଦେଖିବାକୁ ପାଇଥିଲେ କି ଦୀର୍ଘ ଏକ ବର୍ଷ ହେବ ଛାତ୍ର ଛାତ୍ରୀ ଙ୍କ ଉପସ୍ଥାନ ନପଡି ଚାଉଳ ପୋକ ଖାଇଥିବା ଯୋଗୁଁ ସଫା କରିବା ନାଁ ରେ ୧୭ବସ୍ତା ମଧ୍ୟାହ୍ନ ଭୋଜନ ଚାଉଳ ନିଅଣ୍ଟ ରହିଥିବା ଅନ୍ୟ ଆବଶ୍ୟକ ନଥି ପତ୍ର ତାଳ ମେଳ ନଖାଇବା ଆଦି ବହୁ ଅନିୟମିତତା ଦେଖିବା ପରେ ବ୍ଲକ ଶିକ୍ଷା ଅଧିକାରୀ ଗତ ମାର୍ଚ୍ଚ ୩୦ ତାରିଖ ରେ ଏକ କାରଣ ଦର୍ଶାଅ ନୋଟିସ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ଙ୍କ ବିରୁଦ୍ଧରେ ଜାରି କରିଥିଲେ । କାରଣ ଦର୍ଶାଅ ନୋଟିସ ର ଉତ୍ତରରେ ପ୍ରଧାନଶିକ୍ଷକ ତାଙ୍କର ଭୁଲ ସ୍ୱୀକାର କରିଥିଲେ । ମଗାଯାଇଥିବା କାରଣ ଦର୍ଶାଅ ନୋଟିସ ର ଉତ୍ତର ସନ୍ତୋଷ ଜନକ ନଥିବାରୁ ତାଙ୍କୁ ପତ୍ର ସଂଖ୍ୟା ୬୫୬ ତାରିଖ ୧୦ /୦୪/୨୬ ପ୍ରକାରରେ ଶିକ୍ଷା ବିଭାଗ ପକ୍ଷରୁ ସମ୍ପୃକ୍ତ ଶିକ୍ଷକଙ୍କ ନିଲମ୍ବନ ଆଦେଶ ବାହାର କରାଯାଇଥିଲା । ସମ୍ପୃକ୍ତ ପ୍ରଧାନଶିକ୍ଷକ ସୁମନ ବାଡ଼ତ୍ୟା ୱାଇ ପି ଏନ ପ୍ରାଥମିକ ବିଦ୍ୟାଳୟ କେଶପୁରରେ ଉପସ୍ଥିତ ରହିବା ପାଇଁ ଆଦେଶ ନାମା ଜାରି କରାଯିବା ସହ ନିଜ କର୍ତ୍ତବ୍ୟରେ ଅବହେଳା କରିଥିବା ଯୋଗୁଁ ସମ୍ପୃକ୍ତ ବିଦ୍ୟାଳୟ ରେ କାର୍ଯ୍ୟରତ ୪ଜଣ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଏକ ମାସର ଦରମା ବନ୍ଦ କରାଯାଇଥିବା ସୂଚନା ରହିଛି । ପ୍ରକାଶ ଥାଉକି ୨୦୨୨ମସିହା କୋଭିଡ ଠାରୁ ଛାତ୍ରଛାତ୍ରୀଙ୍କୁ ମିଳିଥିବା ଟଙ୍କା ଠୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ମିଳୁଥିବା ଛାତ୍ରଛାତ୍ରୀଙ୍କ ସମସ୍ତ ସୁବିଧା ସୁଯୋଗରୁ ସେମାନଙ୍କୁ ବଞ୍ଚିତ କରି ଟଙ୍କା ହଡପ କରିବା ଭଳି କାର୍ଯ୍ୟରେ ଲିପ୍ତ ରହୁଥିଲେ ସମ୍ପୃକ୍ତ ପ୍ରଧାନ ଶିକ୍ଷକ । ସହକାରୀ ଶିକ୍ଷକ ଓ ଅଭିଭାବକ ମାନେ ଅଭିଯୋଗ କଲେ ମିଥ୍ୟା କେସ ଦେଇ ଜେଲ ପଠାଇବା କହି ଡରାଉଥିଲେ ସମ୍ପୃକ୍ତ ପ୍ରଧାନ ଶିକ୍ଷକ ବୋଲି କୁହାଯାଉଛି ।

## ଘର ଦେବା ନାଁରେ ୧୨ ଲକ୍ଷ ଠକେଇ, ଦୁଇ ଗିରଫ

ଭୁବନେଶ୍ୱର,(ନିପ୍ର): ରାଜଧାନୀରେ ଘର ଦେବାର ପ୍ରତିଶ୍ରୁତି ଦେଇ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚ଼ାରୀଙ୍କ ଠାରୁ ୧୨ ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ସହିଦନଗର ଥାନା ପୋଲିସ ଶନିବାର ଦୁଇଜଣ ଠକଙ୍କୁ ଗିରଫ କରି ଜେଲ ପଠାଇଛି । ଗିରଫ ଦୁଇ ଠକ ହେଉଛନ୍ତି,କ୍ୟାପିଟାଲ ଥାନା ଅନ୍ତର୍ଗତ ସୂର୍ଯ୍ୟନଗରର ମହମ୍ମଦ ଅଲ୍ଲୀ (୬୦) ଓ ନୟାପଲ୍ଲୀ ରେଣ୍ଟାଲ କଲୋନୀର ମିର୍ଜା ମେହରାଜ ବେଗ୍ (୪୫) । ଗିରଫ ଅଭିଯୁକ୍ତଙ୍କ ଠାରୁ ପୋଲିସ ଏକ କାରକୁ ଜବତ କରିଛି । ଏନେଇ ଶ୍ୟାମଳେନ୍ଦୁ ଦିଗାଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

## ଧରାପଡିଲା ମୋବାଇଲ ଲୁଟେରା

ଭୁବନେଶ୍ୱର,(ନିପ୍ର): ମୋବାଇଲ ଲୁଟ୍ କରିବା ଅଭିଯୋଗରେ ମୈତ୍ରୀ ବିହାରୀ ଥାନା ପୋଲିସ ଶନିବାର ଜଣେ ଲୁଟେରାଙ୍କୁ ଗିରଫ କରିଛି । ଗିରଫ ଲୁଟେରାଙ୍କ ନାମ ବବୁଲୁ ଡାଲୁଆ ଓରଫ ସୁରେନ୍ଦ୍ର (୨୩) ଓ ତାଙ୍କ ଘର ସାଲିଆସାହିର ତାରିଣୀନଗରରେ ବୋଲି ଜଣାପଡିଛି । ଏନେଇ ସୁମନ ବେହେରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚ଼ନାଯୋଗ୍ୟ ଯେ, ଅଭିଯୋଗକାରୀ ସାଲିଆ ସାହି ତାରିଣୀ ନଗର ଅଞ୍ଚଳରେ ରୁହନ୍ତି । ଗତ ମାର୍ଚ୍ଚ ୨୭ ତାରିଖ ରାତି ୯ଟା ସମୟରେ ସେ ଇଡ୍‌କୋ ଗ୍ରାଉଣ୍ଡ ନିକଟରେ ପାର୍କିଂ ହୋଇଥିବା ଏକ ଅଟୋରେ ବସିଥିବା ବେଳେ, ଅଭିଯୁକ୍ତ ସୁରେନ୍ଦ୍ର ସେଠାକୁ ଆସି ତାଙ୍କୁ ହଠାତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଏକ ଧାରୁଆ ଛୁରୀ ଦେଖାଇ ପାଖରେ ଥିବା ସବୁତକ ଟଙ୍କା ଦେବାକୁ କହିଥିଲେ ।

## ଗୋଦାମରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟ୍, ଜଣେ ଗିରଫ

ଭୁବନେଶ୍ୱର,(ନିପ୍ର): କ୍ୟାପିଟାଲ ଥାନା ଅନ୍ତର୍ଗତ ବାପୁଜୀନଗରର ପ୍ଲଟ ନଂ ୧୬୦ରେ ଥିବା ଏକ ଗୋଦାମରୁ ସିଲାଇ ମେସିନ ସହ ଲକ୍ଷାଧିକ ଟଙ୍କା ସାମଗ୍ରୀ ଚୋରି କରିବା ଅଭିଯୋଗରେ ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକଙ୍କ ନାମ କାହ୍ନୁ ଚ଼ରଣ ପ୍ରଧାନ ଓରଫ ରଘୁ (୨୨) ଓ ତାଙ୍କ ଘର ବାଲିଅନ୍ତା ଥାନା ଅନ୍ତର୍ଗତ ବଇଁଚୁଆ ଗାଁରେ ବୋଲି ଜଣାପଡିଛି । ଏନେଇ ପ୍ରତାପ କୁମାର ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚ଼ନାଯୋଗ୍ୟ ଯେ, ଅଭିଯୋଗକାରୀ ବାପୁଜୀନଗର, ପ୍ଲଟ୍ ନଂ-୧୬୦ ରେ ଥିବା ଗୋଦାମର ମାଲିକ ଏବଂ ସେଠାରେ ସେ ସିଲାଇ ମେସିନ୍ ବିତରଣ ବ୍ୟବସାୟ କରନ୍ତି ।

## ପର୍ଯ୍ୟଟକଙ୍କ ବସ୍‌କୁ ଆକ୍ରମଣ

## ସାଇନ୍ସ ପାର୍କ ବସ୍ତିରୁ ୨ ଅଭିଯୁକ୍ତ ଧରାପଡିଲେ

ଭୁବନେଶ୍ୱର,(ନିପ୍ର): ବିନା କୌଣସି କାରଣରେ ଏକ ପର୍ଯ୍ୟଟକ ବସ୍‌କୁ ଅଟକାଇ ଡ୍ରାଇଭର ଓ ଯାତ୍ରୀମାନଙ୍କୁ ଆକ୍ରମଣ କରିବା ଏବଂ ଗାଡି ଭଙ୍ଗାରୁଜା କରିବା ଅଭିଯୋଗରେ ସହିଦନଗର ଥାନା ପୋଲିସ ଶନିବାର ଦୁଇଜଣ ଯୁବକଙ୍କୁ ଗିରଫ କରିଛି । ଗିରଫ ଦୁଇ ଯୁବକଙ୍କ ଘର ସାଇନ୍ସପାର୍କ ବସ୍ତିରେ ବୋଲି ଜଣାପଡିଛି । ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି, ଝୁମୁର ସ୍ୱାଇଁ ଓ ବାବୁଲ ଲକ୍ଷ୍ମୀକାନ୍ତ ଦାସ । ଏନେଇ ଗୌରବ କୁମାର ଚୌହାନ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୂଚ଼ନାଯୋଗ୍ୟ ଯେ, ଶୁକ୍ରବାର ସକାଳ ପ୍ରାୟ ୯ଟା ସମୟରେ ଅଭିଯୋଗକାରୀ ଓ ଅନ୍ୟାନ୍ୟ ପର୍ଯ୍ୟଟକମାନେ ଏକ ସଂରକ୍ଷିତ ବସ୍‌ରେ ନନ୍ଦନକାନନ ଅଭିମୁଖେ ଯାଉଥିଲେ । ବସ୍‌ଟି ଜୟଦେବ ବିହାର ଛକ ନିକଟରେ ପହଞ୍ଚିବା ସମୟରେ ଦୁଇଜଣ ଅଜଣା ବ୍ୟକ୍ତି ପରବର୍ତ୍ତୀ ଷ୍ଟପେଜ ପର୍ଯ୍ୟନ୍ତ ଲିଫ୍ଟ ଦେବାକୁ ଅନୁରୋଧ କରିଥିଲେ । ବସ୍‌ଟି ପର୍ଯ୍ୟଟକମାନଙ୍କ ପାଇଁ ସଂରକ୍ଷିତ ଥିବାରୁ ଡ୍ରାଇଭର ଗାଡ଼ିକୁ ଅଟକାଇ ନଥିଲେ । ଏଥିରେ ଉତ୍ତ୍ୟକ୍ତ ହୋଇ ସେହି ଦୁଇଜଣ ବ୍ୟକ୍ତି ଜୋରଜବରଦସ୍ତ ବସ୍‌ଟିକୁ ଅଟକାଇ ଦେଇଥିଲେ ଏବଂ ଅଭିଯୋଗକାରୀ ଓ ଡ୍ରାଇଭରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ପରେ ସେମାନେ ହଠାତ୍ ବାଉଁଶ ଲାଠି ସାହାଯ୍ୟରେ ଆକ୍ରମଣ କରିଥିବାରୁ ଅଭିଯୋଗକାରୀ ଓ ଡ୍ରାଇଭର ଆହତ ହୋଇଥିଲେ । ଘଟଣା ସମ୍ପର୍କରେ ସୂଚ଼ନା ପାଇ ପିସିଆର୍ କର୍ମଚ଼ାରୀମାନେ ତୁରନ୍ତ ପହଞ୍ଚି ଆହତ ମାନଙ୍କୁ ଉଦ୍ଧାର କରିଥିଲେ । ପରବର୍ତ୍ତୀ ତଦନ୍ତ ସମୟରେ ଅଭିଯୋଗକାରୀ ଆକ୍ରମଣକାରୀ ମାନଙ୍କୁ ଭୁବନେଶ୍ୱର ସାଇନ୍ସ ପାର୍କ ବସ୍ତିର ବୋଲି ଚ଼ିହ୍ନଟ କରିଥିଲେ ।

## କୃଷକଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନ ଚେତାବନୀ




ନିମାପଡ଼ା,(ନି.ପ୍ର.): ଅଖିଳ ଭାରତ କୃଷକ ସଭା, ଆଞ୍ଚଳିକ କମିଟି ପକ୍ଷରୁ ଅଖିଳ ଭାରତ କୃଷକ ସଭା ପ୍ରତିଷ୍ଠା ଦିବସ ଉତ୍ସାହର ସହ ପାଳିତ ହୋଇଯାଇଛି । ୧୯୩୬ ମସିହାରେ କୃଷକମାନେ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ କାରାବରଣ କରିଥିବା ସଂପର୍କରେ ସୂଚନା ଦିଆଯାଇଥିଲା । ସ୍ୱାମୀନାଥନ୍ କମିଶନ ରିପୋର୍ଟ କାର୍ଯ୍ୟକାରୀ କରିବା, କୃଷିଜାତ ଦ୍ରବ୍ୟର ଏମ୍‌ଏସ୍‌ପିକୁ ଆଇନ ପ୍ରଣୟନ କରିବା, ଧାନ କ୍ୱିଂଟାଲ ୫ ହଜାର ଟଙ୍କାକୁ ବୃଦ୍ଧି, ଧାନ ବେପାରୀମାନେ କମ୍ ଦରରେ ଧାନ କିଣୁ ଥିବାରୁ ଆଇନଗତ କାର୍ଯ୍ୟାନୁଷ୍ଠାନ, ୬୦ ବର୍ଷ ପରେ ସମସ୍ତ ଚାଷୀ ମୂଲିଆଙ୍କୁ ମାସିକ ୬ ହଜାର ଟଙ୍କା ପେନସନ ପ୍ରଦାନ, ୩୦୦ ୟୁନିଟ୍ ବିଜୁଳ ବିଲ୍ ଛାଡ଼ କରିବା, କୃଷି ଋଣ ଛାଡ଼, ନିମାପଡ଼ାରେ ବୁଲା ଗାଈଗୋରୁଙ୍କ ପାଇଁ ଗୋଶାଳା ନିର୍ମାଣ ଆଦି ଦାବି କରାଯାଇଥିଲା । ବରିଷ୍ଠ ନେତା ଦେବେନ୍ଦ୍ର ସାହୁ, ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ସନ୍ତୋଷ ବେହେରା, ପ୍ରଫୁଲ୍ଲ ସାହୁ, ଦଣ୍ଡପାଣି ସାହୁ, ମହେନ୍ଦ୍ର ବାରିକ, ଶଙ୍କର ପରିଡ଼ା, କୈଳାସ ଛାଟୋଇଙ୍କ ସମେତ ଶତାଧିକ କର୍ମୀ ଯୋଗ ଦେଇ ଆନ୍ଦୋଳନ ପନ୍ଥା ଆପଣାଇବା ପାଇଁ ଆହ୍ୱାନ ଦେଇଥିଲେ ।

## କୁଡାପଡା ଗ୍ରାମର ନଳକୂଅ ସଫେଇ କଲେ ପଡାବାସୀ



କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଲେଇଗଡ଼ ପଞ୍ଚାୟତ କୁଡାପଡା ଗ୍ରାମର ମେହେରପଡାରେ ପ୍ରକୃତି ବନ୍ଧୁ ତଥା ୱାର୍ଡ଼ ମେମ୍ବର ସରୋଜ ମେହେରଙ୍କ ନେତୃତ୍ୱରେ ଶନିବାର ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମେହେରପଡାରେ ଥିବା ନଳକୂଅଟି ଅପରିଷ୍କାର ରହିଥିବାରୁ ସେଥିରେ ଗୋଳିଆ ପାଣି ବାହାରି ବ୍ୟବହାର ଅନୁପଯୋଗୀ ଥିଲା । ତେଣୁ ଲୋକେ ଉକ୍ତ ନଳକୂଅ ପାଣିକୁ ବ୍ୟବହାର କରୁନଥିଲେ । ଏନେଇ ପଞ୍ଚାୟତ ଓ ବ୍ଲକ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଆପତ୍ତି ଜଣାଇଥିଲେ ବି କେହି ଶୁଣି ନଥିଲେ । ଶେଷରେ ପ୍ରକୃତି ବନ୍ଧୁ ମେହେର ନିଜେ ଅଣ୍ଟା ଭିଡି ନଳକୂଅ ସଫେଇ କରିବା ଦେଖି ପଡାବାସୀ ତାଙ୍କୁ ସହଯୋଗ କରିଥିଲେ । ପରେ ନଳକୂଅ ଚତୁର୍ପାଶ୍ୱରେ ଥିବା ଅଳିଆ ଆବର୍ଜନା ସଫେଇ ସହ ଭାଙ୍ଗିଯାଇଥିବା ଚଟାଣକୁ ସଜାଡିଥିଲେ । ପ୍ରକାଶ ଥାଉକି, ପ୍ରକୃତି ବନ୍ଧୁ ସରୋଜ ଖରାଦିନେ ପକ୍ଷୀମାନଙ୍କୁ ଜଳଦାନ କରି ନିଜେ ଉଦାହରଣ ପାଲଟି ଥିବା ବେଳେ ବୃକ୍ଷ ରୋପଣ ହୋଇଥିବା ବନୀକରଣକୁ ନିଆଁ ଦାଉରୁ ରକ୍ଷା କରିଥିଲେ । ସଫେଇ କାର୍ଯ୍ୟକ୍ରମରେ ସୋଫାଳି ମେହେର,ଗିତା ବାଦୀ,ଶୀତଳ ଭଇଁଷା, ନମିଳତା ମେହେର,ସୀମା ଭଇଁଷା,ଭୂମିଳତା ମେହେର, ମନ୍ଦାକିନୀ ମେହେର,ପଦ୍ମାବତୀ ମେହେର ପ୍ରମୁଖ ସାମିଲ ହୋଇଥିଲେ ।

## ବାରବାଟୀ ଫୁଡ୍‌କୋର୍ଟ କାର୍ଯ୍ୟର ସମୀକ୍ଷା କଲେ ମେୟର

# ମେ ୩୧ ସୁଦ୍ଧା ସମସ୍ତ କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ



କଟକ,(ନିପ୍ର): ଶନିବାର ପୂର୍ବାହ୍ନରେ ମେୟର ସୁବାସ ସିଂହ ଓ କମିଶନର କିରଣଦୀପ କୌର ସହୋତା ବାରବାଟୀ ଫୁଡ଼୍‌କୋଟ କାର୍ଯ୍ୟର ସମୀକ୍ଷା କରିଛନ୍ତି । ମେୟର ଘଟଣା ସ୍ଥଳ ପରିଦର୍ଶନ କରି ୨ ବର୍ଷ ତଳେ କଟକ ମହାନଗର ନିଗମ ପକ୍ଷରୁ ୬କୋଟି ୬୬ଲକ୍ଷ ଟଙ୍କା ଅର୍ଥ ବ୍ୟୟରେ ହେଉଥିବା ଏହି କାର୍ଯ୍ୟର ତଦାରଖ କରିଥିଲେ । ଫୁଡ଼୍‌କୋର୍ଟରେ ୮୮ଟି ଦୋକାନ ଘର ହେବାର ବ୍ୟବସ୍ଥା ରହିଛି । ପ୍ରଥମ ପର୍ଯ୍ୟାୟରେ ୪୫ଟି ଦୋକାନଘର ଲଟେରୀ ଯୋଗେ ବଣ୍ଟନ କରାଯାଇଛି । ଗତ ଏପ୍ରିଲ ୪ ତାରିଖରୁ ଏପ୍ରିଲ ୨୪ ତାରିଖ ପର୍ଯ୍ୟନ୍ତ ଅନଲାଇନ ଆବେଦନ ପ୍ରକ୍ରିୟା ଚାଲିଛି । ଦୋକାନୀମାନେ ଆବେଦନ କଲାପରେ ସର୍ତ୍ତ ପୂରଣ କରିଥିବା ଆବେଦନକାରୀକୁ ୩୮ଟି ଘର ପ୍ରଦାନ କରାଯିବ । ଏହି କାର୍ଯ୍ୟ ମେ ୩୧ ତାରିଖ ସୁଦ୍ଧା ଶେଷ ହେବ ବୋଲି ମେୟର ପ୍ରତିଶୃତି ଦେଇଛନ୍ତି । ଏହି ପ୍ରକଳ୍ପଟିର ଚାରିପଟେ ଲୁହାବାଡ଼ ଦିଆଯାଇ ଗୋଟିଏ ପ୍ରବେଶପଥ ରହିଛି । ଦୋକାନୀମାନେ ତାଙ୍କ ଜିନିଷପତ୍ର କିପରି ସହଜରେ ନେବା ଆଣିବା କରିପାରିବେ ଏହାର ବ୍ୟବସ୍ଥା କରାଯାଇଛି । ସୌନ୍ଦର୍ଯ୍ୟକରଣ ନିମନ୍ତେ ଏଠାରେ ବିଭିନ୍ନ କିସମର ବୃକ୍ଷ ରୋପଣ କରାଯାଇଛି । ଏହାଛଡ଼ା ଏଠାରେ ୨ଟି ଆଧୁନିକ ଶୌଚାଳୟ ସହିତ ହାତ ଧୋଇବା ପାଇଁ ସ୍ଥାନ ଓ ପାନୀୟଜଳର ବ୍ୟବସ୍ଥା ମଧ୍ୟ ରହିଛି । ଏଠାରେ ଏକାଥରେ ୨ ଶହ ଲୋକ ବସି ଖାଦ୍ୟ ଖାଇପାରିବେ ଏବଂ ପାର୍କିଂ ସ୍ଥାନରେ ୫୦ରୁ ଉର୍ଦ୍ଧ୍ୱ କାର ଓ ବାଇକ ରହିବାର ବ୍ୟବସ୍ଥା ରହିଛି । ଏହି ସମୀକ୍ଷା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ପ୍ରଳୟା ବେହେରା, ସ୍ଥାନୀୟ କର୍ପୋରେଟର ଲକ୍ଷ୍ମୀପ୍ରିୟା ବେହେରା, ଶେଖବଜାର ପୂଜା କମିଟି ସଂପାଦକ କିଶୋର ବେହେରା, ଡେପୁଟି କମିଶନର ଶ୍ୱାତୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ପଞ୍ଜାବଠାରୁ ହାରିଲା ହାଇଦ୍ରାବାଦ୍

## ଶ୍ରେୟସ-ପ୍ରାରମ୍ଭିକ ବ୍ୟାଟର ଯୋଡ଼ିଙ୍କ ଅର୍ଦ୍ଧଶତକ



ଚଣ୍ଡିଗଡ,୧୧।୪: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)-୨୦୨୬ର ସପ୍ତଦଶ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସଠାରୁ ସନରାଇଜର୍ସ ହାଇଦ୍ରାବାଦ ହାରିଛି। ଚଣ୍ଡିଗଡ଼ରେ ଖେଳାଯାଇଥିବା ଏହି ମ୍ୟାଚକୁ ପଞ୍ଜାବ ୬ ୱିକେଟ୍‌ରେ ଜିତିଛି। ଘରୋଇ ପଞ୍ଜାବ ଦଳ ୨୨୦ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିଲା। ଶ୍ରେୟସ ଆୟରଙ୍କ ନେତୃତ୍ୱରେ ପଞ୍ଜାବ ୧୮.୫ ଓଭରରେ ୪ଟି ୱିକେଟ୍ ହରାଇ ୨୨୩ ରନ୍ କରିଛି। ପଞ୍ଜାବର ତିନି ଜଣ ବ୍ୟାଟର ଅର୍ଦ୍ଧଶତକ ହାସଲ କରିଛନ୍ତି। ଆଜିର ବିଜୟ ସହିତ ପଞ୍ଜାବ ୪ଟିରୁ ମୋଟ୍ ୩ଟି ମ୍ୟାଚରେ ଜିତିଛି ଏବଂ ୭ ପଏଣ୍ଟ ହାସଲ କରିଛି। ଗତ ୬ ତାରିଖ କୋଲକାତା ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା। ଅଧିନାୟକ ଶ୍ରେୟସ ଆୟର ଘରୋଇ ପଡ଼ିଆରେ ଦମଦାର ବ୍ୟାଟିଂ କରିଛନ୍ତି। ସେ ଅପରାଜିତ ୬୯ ରନ୍ ସଂଗ୍ରହ କରିଛନ୍ତି। ୩୩ଟି ବଲ୍ ଖେଳି ୫ଟି ଚୌକା ଏବଂ ୫ଟି ଛକା ମାରିଛନ୍ତି। ଶଶାଙ୍କ ସିଂହ ଅପରାଜିତ ୧୬ ରନ୍ ସଂଗ୍ରହ କରିଛନ୍ତି। ସେ ୯ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ଗୋଟିଏ ଛକା ମାରିଛନ୍ତି। ନେହାଲ ୱାଧିରା ୧୪ ରନ୍ କରିଥିଲେ। ପଞ୍ଜାବର ପ୍ରାରମ୍ଭିକ ବ୍ୟାଟିଂ ଦଳକୁ ବିଜୟୀ କରିବାରେ ବଡ଼ ଭୂମିକା ତୁଲାଇଥିଲା। ଉଭୟ ପ୍ରାରମ୍ଭିକ ବ୍ୟାଟର ଅର୍ଦ୍ଧଶତକ ହାସଲ କରିଥିଲେ। ପ୍ରିୟାଂଶ ଆର୍ଯ୍ୟ ଏବଂ ପ୍ରଭସିମରନ ସିଂହ ପ୍ରଥମ ୱିକେଟ୍ ପାଇଁ ୯୯ ରନ୍‌ର ଭାଗିଦାରୀ କରିପାରିଥିଲେ। ପ୍ରିୟାଂଶ ୨୦ଟି ବଲ୍ ଖେଳି ୫ଟି ଚୌକା ଏବଂ ୫ଟି ଛକା ବଳରେ ବ୍ୟକ୍ତିଗତ ଭାବେ ୫୭ ରନ୍ ସଂଗ୍ରହ କରିଥିଲେ। ସେହିପରି ପ୍ରଭସିମରନ ୨୫ଟି ବଲ୍ ସାମ୍ନା କରିଥିଲେ ଏବଂ ୫୧ ରନ୍ ସଂଗ୍ରହ କରିଥିଲେ। ଏଥିରେ ସେ ୪ଟି ଚୌକା ଏବଂ ୪ଟି ଛକା ସାମିଲ କରିଥିଲେ। ଏହି ମ୍ୟାଚ୍‌ରେ ଟସ୍ ଜିଣି ପଞ୍ଜାବ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ହାଇଦ୍ରାବାଦ ବ୍ୟାଟିଂ କରିବାକୁ ଯାଇ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୨୧୯ ରନ୍ ସଂଗ୍ରହ କରିଥିଲା। ହାଇଦ୍ରାବାଦ ପାଇଁ ଅଭିଷେକ ଶର୍ମା ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୨୮ଟି ବଲ୍ ଖେଳି ଦ୍ରୁତଗତିରେ ୭୪ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୫ଟି ଚୌକା ଏବଂ ୮ଟି ଛକା ସାମିଲ କରିଥିଲେ। ଟ୍ରାଭିସ ହେଡ୍ ୩୮ ରନ୍, ଈଶାନ କିଶନ ୨୭ ରନ୍, ହେନରିକ୍ କ୍ଲାସେଁ ୩୯ ରନ୍, ଅନିକେତ ବର୍ମା ୧୮ ରନ୍ ସଂଗ୍ରହ କରିଥିଲେ। ପଞ୍ଜାବ ପାଇଁ ଅର୍ଶଦୀପ ସିଂହ ଏବଂ ଶଶାଙ୍କ ସିଂହ ୨-୨ଟି ୱିକେଟ୍ ଅକ୍ତିଆର କରିଥିଲେ। ଜାଭିୟର ବାର୍ଟଲେଟଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

# ରାଜ୍ୟ ବେସ୍‌ବଲ ଦଳରେ ସ୍ଥାନ ପାଇଛନ୍ତି ଭାପୁର ବ୍ଲକର ଛାତ୍ରୀ

ଭାପୁର,୧୧।୪(ନିପ୍ର): ଗତବର୍ଷ ନଭେମ୍ବର ୧୪ ତାରିଖରୁ ୧୫ ତାରିଖ ଦୁଇ ଦିନ ଧରି ବାଲେଶ୍ୱରର ଖ୍ରୀଷ୍ଟିୟାନ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ରାଜ୍ୟ ବିଦ୍ୟାଳୟ ସ୍ତରୀୟ ୧୭ବର୍ଷରୁ କମ ବେସ୍‌ବଲ ପ୍ରତିଯୋଗିତାରେ ନୟାଗଡ ଜିଲ୍ଲା ଭାପୁର ବ୍ଲକରୁ ଦଳର ଅଧିନାୟିକା ଭାବେ ତନ୍ତୁବାୟ ସହଯୋଗ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଇଗୁଣିଆର ଦଶମ ଶ୍ରେଣୀର ଛାତ୍ରୀ ପୂଜା ବେହେରା ଅଂଶ ଗ୍ରହଣକରି ଜାତୀୟ ସ୍ତରକୁ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ଚଳିତ ମାସ ଆସନ୍ତା ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀଠାରେ ଅନୁଷ୍ଠିତ ହବାକୁ ଥିବା ୬୯ ନ୍ୟାସନାଲ ସ୍କୁଲ ଗେମ୍ ଆନୁକୂଲ୍ୟରେ ରାଜ୍ୟର ଦଳ ତରଫରୁ ପୂଜା ଯୋଗ ଦେବେ। ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ସେ କଟକସ୍ଥିତ



ଜଗତପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଛନ୍ତି ଏବଂ ଆସନ୍ତା ସୋମବାର ରାଜ୍ୟ ଦଳରେ ସେ ଦିଲ୍ଲୀ ଯାତ୍ରା କରିବେ । ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ କ୍ରୀଡା ପୁରସ୍କାର ପ୍ରାପ୍ତ ଶିକ୍ଷକ ଆଶିଷ କୁମାର ପଟ୍ଟନାୟକଙ୍କ ଠାରୁ ସେ ପ୍ରଶିକ୍ଷଣ ନେଉଥିଲେ। ବାହାଡା ଗ୍ରାମ ସାଧାରଣ ପରିବାରର ତାଙ୍କ ପିତା ଅରୁଣ ବେହେରା ଜଣେ ଚାଷୀ ଏବଂ ମା ରୀନା ବେହେରା ଜଣେ ଗୃହିଣୀ । ଏହି ଖୁସି ଖବର ପାଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପ ରଣା, କ୍ରୀଡା ଶିକ୍ଷକ ଆଶିଷ କୁମାର ପଟ୍ଟନାୟକ, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ ଏବଂ ଉଭୟ ବାଇଗୁଣିଆ ଓ ବାହାଡା ଗ୍ରାମର ଗ୍ରାମବାସୀ ଶୁଭେଚ୍ଛା ଜଣାଇଛନ୍ତି।

# କନିଷ୍ଠ ଖଣି ଅଧିକାରୀଙ୍କୁ ବାଲି ମାଫିଆଙ୍କ ଆକ୍ରମଣ, ଥାନାରେ ଅଭିଯୋଗ

ଜୟପୁର,୧୧।୪: କୋରାପୁଟ ଜିଲ୍ଲା ଜୟପୁର ସଦର ଥାନା ଅନ୍ତର୍ଗତ ବାଲିଆ ନିକଟରେ କନିଷ୍ଠ ଖଣି ଅଧିକାରିଙ୍କୁ ବାଲି ମାଫିଆମାନେ ଆକ୍ରମଣ କରିଥିବା ଜଣାଯାଇଛି । ଏନେଇ ଜୟପୁର ସଦର ଥାନାରେ କନିଷ୍ଠ ଖଣି ଅଧିକାରୀକ ପ୍ରଦିପ୍ତ କୁମାର ମୁଣ୍ଡା ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଉକ୍ତ ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଜୟପୁର ସଦର ଥାନା ଅନ୍ତର୍ଗତ ସାନ ଓଜେଇ ଗ୍ରାମରେ ଥିବା ତ୍ରିଶକ୍ତି ଷ୍ଟନ କ୍ରସରକୁ ଯାଇ ଫେରୁଥିବା ସମୟରେ ବାଲିଆ ବ୍ରିଜରେ ଏକ ନିଳ ରଙ୍ଗର ଟ୍ରାକ୍ଟର ନମ୍ବର ଓଡି ୧୦ଏବି ୩୫୮୯ରେ ବାଲି ଲୋଡ କରାଯାଉଥିଲା । ବେଆଇନ ଭାବେ ଲୋଡ କରି ଚାଲାଣ କରୁଥିବାରୁ ଖଣି ଅଧିକାରୀ ଜଣକ ଟ୍ରାକ୍ଟର ଡ୍ରାଇଭରକୁ ପଚାରିଥିଲେ । ଡ୍ରାଇଭର ଜଣକ ମାଲିକକୁ ସୂଚନା ଦେବା ପରେ ୨୦ ମିନିଟ ଭିତରେ ଟ୍ରାକ୍ଟର ମାଲିକ ଘଟଣାସ୍ଥଳରେ ପହଞ୍ଚି ଥିଲେ । ଖଣି ଅଧିକାରୀ ଲାଇସେନ୍ସ ମାଗିବାରୁ ଡ୍ରାଇଭର ଜଣକ ଦେଖାଇପାରି ନଥିଲେ । ମାଲିକଙ୍କ ନିର୍ଦ୍ଦେଶରେ ଟ୍ରାକ୍ଟର ଧରି ଡ୍ରାଇଭର ଚମ୍ପଟ ମାରୁଥିବା ବଳେ କେନାଲ ରୋଡ ମୁଖି ଖୁଡୁପି ପଟେ ଚାଲି ଯାଉଥିବା ସମୟରେ ଖଣି ଅଧିକାରି ଅଟକାଇବାକୁ ଚେଷ୍ଟା କରିଥିଲେ । ଏଥିରେ ଉତ୍ୟକ୍ତ ହୋଇ ଖଣି ଅଧିକାରିଙ୍କ ଉପରେ ଟ୍ରାକ୍ଟର ଚଢାଇ ଦେବାକୁ ଉଦ୍ୟମ କରୁଥିଲେ । ପରେ ଖଣି ଅଧିକାରିଙ୍କୁ ୫ ଜଣ ଅଭିଯୁକ୍ତ ମିଶି ଗାଡି ଚାବି ନେବା ସହ ଠେଲାପେଲା କରି ଜୀବନରେ ମାରି ଦେବାକୁ ଉଦ୍ୟମ କରିଥିଲେ । ପରେ ୨ ଜଣ ଘଟଣା ସ୍ଥଳରେ ପହଞ୍ଚିବା ପରେ ସେ ଖଣି ଅଧିକାରି ବର୍ତ୍ତିଯାଇଥିଲେ । ଏନେଇ ଜୟପୁର ସଦର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିଷୟ ଜୟପୁର ସଦର ପୋଲିସ ତରଫରୁ ସୂଚନା ଦିଆଯାଇଛି।

# ନାଲକୋ ଦ୍ୱାରା ଭୁବନେଶ୍ୱରଠାରେ ଆୟୋଜିତ ସର୍ବଭାରତୀୟ ପିଏସୟୁ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ

ଭୁବନେଶ୍ୱର,୧୧।୪: ଭୁବନେଶ୍ୱରର ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରେ ଗତକାଲି ସର୍ବଭାରତୀୟ ପବ୍ଲିକ୍ ସେକ୍ଟର ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଶେଷ ହୋଇଛି। ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ) ଦ୍ୱାରା ଆୟୋଜିତ ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଦେଶର ୧୪ଟି ସରକାରୀ କ୍ଷେତ୍ର ସଂସ୍ଥାକୁ ପ୍ରତିନିଧିତ୍ୱ କରୁଥିବା ପ୍ରାୟ ୨୦୦ ଖେଳାଳି ଅଂଶଗ୍ରହଣ କରିଥିଲେ, ଯାହା ପ୍ରତିଯୋଗିତାମୂଳକ ଉତ୍କର୍ଷ ଏବଂ କ୍ରୀଡା ମନୋଭାବକୁ ଦର୍ଶାଇଥିଲା। ଭାରତୀୟ ନିୟନ୍ତ୍ରକ ଏବଂ ମହାଲେଖା ପରୀକ୍ଷକ (ସିଏଜି) କୁ ପ୍ରତିନିଧିତ୍ୱ କରୁଥିବା ଖେଳାଳିମାନେ ଉଭୟ ପୁରୁଷ ଏବଂ ମହିଳା



ଦଳଗତ ଇଭେଣ୍ଟରେ ଟାଇଟଲ ଜିତିଛନ୍ତି। ସିଏଜି ଦଳ ପୁରୁଷ ସିଙ୍ଗଲ୍ସ ଏବଂ ମିଶ୍ରିତ ଡବଲ୍ସ ବର୍ଗରେ ମଧ୍ୟ ପ୍ରଥମ ସ୍ଥାନ ହାସଲ କରିଛି। ସେହିପରି, ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ) ର ଦଳଗୁଡ଼ିକ ମହିଳା ସିଙ୍ଗଲ୍ସ, ପୁରୁଷ ଡବଲ୍ସ ଏବଂ ମହିଳା ଡବଲ୍ସ ଇଭେଣ୍ଟରେ ବିଜୟୀ ହୋଇଛନ୍ତି। ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହଙ୍କ ସମେତ ନିର୍ଦ୍ଦେଶକ (ମାନବ ସମ୍ବଳ) ଡକ୍ଟର ତାପସ କୁମାର ପଟ୍ଟନାୟକ ଏବଂ ନିର୍ଦ୍ଦେଶକ (ବାଣିଜ୍ୟିକ) ଅନିଲ କୁମାର ସିଂହ ପୁରସ୍କାର ବିତରଣ ସମାରୋହରେ ଉପସ୍ଥିତ ରହି ବିଭିନ୍ନ ବର୍ଗର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସିଏମଡି ଶ୍ରୀ ସିଂ ଟୁର୍ଣ୍ଣାମେଣ୍ଟର ସଫଳତା ଉପରେ ସନ୍ତୋଷ ବ୍ୟକ୍ତ କରିବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କର ଅନୁକରଣୀୟ କ୍ରୀଡା ମନୋଭାବ ପାଇଁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ନାଲକୋର ବରିଷ୍ଠ ଅଧିକାରୀଗଣ, ମ୍ୟାଚ୍ ପରିଚାଳନା ଅଧିକାରୀଗଣ ଏବଂ ଅଂଶଗ୍ରହଣକାରୀ ଦଳଗୁଡ଼ିକ ମଧ୍ୟ ଉପସ୍ଥିତ ଥିଲେ। ଏପ୍ରିଲ ୭ ତାରିଖରେ ଆରମ୍ଭ ହୋଇଥିବା ଏବଂ ଚାରି ଦିନ ଚାଲିଥିବା ଏହି ଉତ୍ସାହଜନକ ଟୁର୍ଣ୍ଣାମେଣ୍ଟ, ସାରା ଦେଶରେ କ୍ରୀଡା ଏବଂ ପ୍ରତିଭାକୁ ପ୍ରୋତ୍ସାହିତ କରିବା ପାଇଁ ନାଲକୋର ପ୍ରତିବଦ୍ଧତାକୁ ପୁନଃପ୍ରକଟ କରିଥିଲା।



ଅନୁଗୁଳ : ରାଜକିଶୋରପଡ଼ାଠାରେ ବାଗେଡ଼ିଆ ରୁଦ୍ରକାଳୀ ଦଣ୍ଡନାଚର ଏକ ଝଲକ।

# ଶ୍ରମିକଙ୍କୁ ମାଡ଼ ମାରିଲେ ଠିକାଦାର !

ପୁରୀ,୧୧।୪(ନିପ୍ର): ଘର କାମକୁ ନେଇ ଶ୍ରମିକକୁ ମାଡ଼ ମାରି ଆହତ କରିଛନ୍ତି ଠିକାଦାର । ଆହତ ହୋଇଥିବା ଶ୍ରମିକ ଜଣକ ହେଉଛନ୍ତି କପିଳେଶ୍ୱରପୁର ଜଣେ ୪୫ ବର୍ଷୀୟ ବ୍ୟକ୍ତି । ସୂଚନା ମୁତାବକ ବାଲୁଗାଁର ଜଣେ ଠିକାଦାର ହନ୍ତୁକ ଯମୁନାକୁଦା ଠାରେ ଭଡା ରହି ଠିକାଦାର ଭାବେ କାର୍ଯ୍ୟ କରନ୍ତି । ଠିକାଦାର ପାଖରେ ୪୫ ବର୍ଷୀୟ ବ୍ୟକ୍ତି ଜଣକ ଶ୍ରମିକ ହିସାବରେ କାମ କରନ୍ତି । ଶନିବାର ଉଭୟଙ୍କ ଭିତରେ ଟଙ୍କା ନେଣଦେଣକୁ ନେଇ ବଚସା ହୋଇଥିଲେ । ଫଳରେ ଠିକାଦାର ଉତକ୍ଷିପ୍ତ ହୋଇ ମାରଣାସ୍ତ୍ରରେ ଅପର ବ୍ୟକ୍ତି ମୁଣ୍ଡକୁ ମାରି ଗୁରୁତର କରିଥିଲେ । ଗୁରୁତର ଜଣକ ଏବେ ସଦର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଏ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇନଥିବା ଜଣାପଡିଛି ।

# ଦିନ ଦ୍ୱିପ୍ରହରେ ବେଆଇନ ବାଲି ଚୋରାଚାଲାଣ !



କେନ୍ଦ୍ରାପଡ଼ା,୧୧।୪(ନିପ୍ର): ଜିଲ୍ଲାରେ ଯେଉଁ ଆଡେ ଦେଖିଲେ ଖାଲି ମାଳ ମାଳ ବେଆଇନ ବାଲି ଖାଦାନ । କିନ୍ତୁ ସରକାରୀ ଟିକସ ଫାଙ୍କି ଦିନକୁ ଦିନ ବଢିବାକୁ ଲାଗିଛି ବେଆଇନ ବାଲି ଚୋରା ଚାଲାଣ । ପ୍ରାୟ ପ୍ରତିଦିନ ହାଇୱା, ଟ୍ରକ ଏବଂ ଟ୍ରାକଟର ସାହାଯ୍ୟରେ ଇନ୍ଦୁପୁର, ବେଣୀପୁର, ଅଳପୁଅ ଏବଂ ଅତାବୁହା ପ୍ରଭୃତି ଘାଟମାନଙ୍କରୁ ଶହ ଶହ ଟ୍ରିପ ବାଲି ଜିଲ୍ଲା ଓ ଜିଲ୍ଲା ବାହାରକୁ ହେଉଛି ଚୋରାଚାଲାଣ । ଘଟଣା ସମ୍ପର୍କରେ ଡେରାବିଶ ଏବଂ କେନ୍ଦ୍ରାପଡ଼ା ତହସିଲ କର୍ତ୍ତୃପକ୍ଷଙ୍କ ସମେତ ସ୍ଥାନୀୟ ପୋଲିସ ପ୍ରଶାସନିକ ଅଧିକାରୀ ଓ ଖଣି ଅଧିକାରୀ ଏବଂ ନେତା,ମନ୍ତ୍ରୀମାନେ କାହିଁକି ନିରବ ଦ୍ରଷ୍ଟା ସାଜିଛନ୍ତି ବୋଲି ସାଧାରଣରେ ସମାଲୋଚନା ପ୍ରକାଶ ପାଇଛି। ଅଭିଯୋଗ ହେଉଛି ଯେ ଏହି ବେଆଇନ ବାଲି ବେପାରରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ମଧ୍ୟ ସାମିଲ ହୋଇ ବାଲି ମାଫିଆମାନଙ୍କ ନିକଟରୁ ମୋଟା ଅଙ୍କର ବଟିନେଇ ବାଲି ଚୋରା ଚାଲାଣର କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଏଥିରେ ଜିଲ୍ଲାପାଳ ତୁଙ୍ଗ ଅଧିକାରୀମାନେ ସବୁ ଜାଣିଶୁଣି ବାଲି ମାଫିଆମାନଙ୍କୁ ଘଣ୍ଟ ଘୋଡାଉଛନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଛି । ଏ ବିଷୟରେ ଉପଜିଲ୍ଲାପାଳ ଏବଂ ଜିଲ୍ଲାପାଳଙ୍କୁ ଅବଗତ କରାଇଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରିନାହିଁ । ଶୁଣିବାକୁ ମିଳୁଛି ବହୁ ବାଲି ମାଫିଆଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ବଟି ଆଦାୟ ପୂର୍ବକ ବାଲି ଟ୍ରକଗୁଡିକୁ ନିଜ ନିଜ ଥାନା କ୍ଷେତ୍ରାଞ୍ଚଳରେ ଥାନା ଅଧିକାରୀମାନଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ଚାପ ସୃଷ୍ଟି କରାଯାଉଛି ।

# ମଦ ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ୩ ଗାଁର ମହିଳା

ଜୟପୁର,୧୧।୪: କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅଞ୍ଚଳରେ ପୁଣି ତେଜିଲା ମହିଳାଙ୍କ ମଦ ବିରୋଧୀ ଆନ୍ଦୋଳନ। ନିଜ ଅଞ୍ଚଳରେ ବେଆଇନ ମଦ ବିକ୍ରିକୁ ବିରୋଧ କଲେ ଶହ ଶହ ମହିଳା। ମଦ ବ୍ୟବସାୟୀଙ୍କୁ ନିଜ ଅଞ୍ଚଳରେ ମଦ ବିକ୍ରି କରିବା ପାଇଁ କହିବାରୁ ସେ ବ୍ୟବସାୟୀ ଜଣକ, ମହିଳାମାନଙ୍କୁ ବେଖାତିର କରି ମଦ ବିକ୍ରିକୁ ଜାରି ରଖିଛି। ଯାହାଫଳରେ ଏବେ ସମସ୍ତ ମହିଳା ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏଭଳି ଦୃଶ୍ୟ ସାମ୍ନାକୁ ଆସିଛି ବୋରିଗୁମ୍ମା ଥାନା ପୂଜାରୀପୁଟ ପଞ୍ଚାୟତରୁ। ଏହି ପଞ୍ଚାୟତର ଡାଙ୍ଗରିଆଗୁଡା, ନୂଆଗୁଡା ଓ ଖୁଣ୍ଟଗୁଡା ଗାଁରେ ବେଆଇନ ମଦ ବିକ୍ରି ଚାଲୁଛି। ଏହି ମଦ ବିକ୍ରିକୁ ବନ୍ଦ କରିବା ପାଇଁ ମହିଳାମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଘରେ ଘରେ ଦେଶୀ ମଦ ଭାସୁଛି। ଏସବୁ ବ୍ୟବସାୟକୁ ବନ୍ଦ କରିବା ପାଇଁ ମହିଳାମାନେ ଏକତ୍ରିତ ହୋଇଛନ୍ତି। ମଦ ପାଇଁ ପରିବାର ଅର୍ଥନୀତି ଭାଙ୍ଗିପଡୁଛି ଓ ଘରୋଇ ହିଂସା ବୃଦ୍ଧି ପାଉଛି। ମଦ ପିଇ ସ୍ୱାମୀମାନେ ଘରକୁ ଆସି ଅଶାନ୍ତ ପରିବେଶ ସୃଷ୍ଟି କରୁଛନ୍ତି। ଘରେ ଖାଇବାକୁ ନଥିଲେ ମଧ୍ୟ ସେଥିପାଇଁ କୌଣସି ଚିନ୍ତା ନଥାଏ, କିନ୍ତୁ ମଦ ପାଇଁ ଟଙ୍କା ଖର୍ଚ୍ଚ କରି ମତୁଆଲ ଅବସ୍ଥାରେ ଘରେ ଅସନ୍ତୋଷ ଓ ଅଶାନ୍ତି ସୃଷ୍ଟି ହେଉଛି। ମଦ ଦୋକାନୀଙ୍କୁ ନିବେଦନ କଲେ ସେମାନେ ଅଭଦ୍ର ଭାଷାରେ ଗାଳି କରିବା ସହ ଧମକ ଦେଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି।

### ଡିଏକୁ ନେଇ 'ସୁପ୍ରିମ' ନିଷ୍ପତ୍ତି

# ପେନସନଭୋଗୀଙ୍କୁ ମିଳିବ ଅଧିକ ଫାଇଦା

ନୂଆଦିଲ୍ଲୀ,୧୧।୪: ଡିଏ ଏବଂ ଡିଆର୍ ଉପରେ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ମହଙ୍ଗା ଭତ୍ତା ବୃଦ୍ଧି କରିବା ସମୟରେ ରାଜ୍ୟ ସରକାର ଚାକିରି କରିଥିବା କର୍ମଚାରୀ ଏବଂ ପେନସନଭୋଗୀଙ୍କ ମଧ୍ୟରେ ପାତରଅନ୍ତର କରିପାରିବେ ନାହିଁ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଅବସରପ୍ରାପ୍ତ ବ୍ୟକ୍ତିମାନଙ୍କ ପାଇଁ ସମାନତାର ଅଧିକାରକୁ ବଜାୟ ରଖି ବିଚାରପତି ମନୋଜ ମିଶ୍ର ଏବଂ ପ୍ରସନ୍ନ ବି. ଭାରାଲଙ୍କ ଖଣ୍ଡପୀଠ କେରଳ ସରକାର ଏବଂ କେରଳ ରାଜ୍ୟ ସଡ଼କ ପରିବହନ ନିଗମ ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ ଖାରଜ କରିଛନ୍ତି। କୋର୍ଟ କହିଛନ୍ତି ଯେ କର୍ମଚାରୀମାନଙ୍କୁ ୧୪ ପ୍ରତିଶତ ବୃଦ୍ଧି ଏବଂ ପେନସନଭୋଗୀଙ୍କୁ ୧୧ ପ୍ରତିଶତ ବୃଦ୍ଧି ପ୍ରଦାନ କରିବା ଧାରା-୧୪ର ଉଲ୍ଲଂଘନ କରେ। ଡିଏ ଏବଂ ଡିଆର୍ ଉଭୟର ଉଦ୍ଦେଶ୍ୟ ସମାନ। ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଏବଂ ଜୀବନଯାପନ ଖର୍ଚ୍ଚର ମୁକାବିଲା କରିବାରେ ସାହାଯ୍ୟ କରିବା। କେରଳ ରାଜ୍ୟ ପରିବହନ ନିଗମ ଯୁକ୍ତି ଦେଇଥିଲା ଯେ ଆର୍ଥିକ ପରିସ୍ଥିତି ଖରାପ ଥିଲା । ତେଣୁ ଏହା ପେନସନଭୋଗୀଙ୍କୁ କମ୍ ବୃଦ୍ଧି ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନେଇଥିଲା। ସୁପ୍ରିମକୋର୍ଟ କେରଳ ହାଇକୋର୍ଟର ଏକ ଡିଭିଜନ ବେଞ୍ଚର ନିଷ୍ପତ୍ତିକୁ ସମର୍ଥନ କରିଛନ୍ତି। ଯାହା ପେନସନଭୋଗୀଙ୍କ ସପକ୍ଷରେ ରାୟ ଦେଇଥିଲା। ରାଜ୍ୟ ସରକାରଙ୍କ ଆବେଦନକୁ ଖାରଜ କରି କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ରାଜ୍ୟରେ ଅବସରପ୍ରାପ୍ତ କର୍ମଚାରୀଙ୍କ ସ୍ୱାର୍ଥକୁ ଅଣଦେଖା କରାଯାଇପାରିବ ନାହିଁ।

# ସଡ଼କ ଦୁର୍ଘଟଣା ନେଲା ୩ ଜୀବନ

ଭୁବନେଶ୍ୱର,୧୧।୪: ରାଜ୍ୟର ଭିନ୍ନ ଭିନ୍ନ ୬ ସ୍ଥାନରେ ସଡ଼କ ଦୁର୍ଘଟଣା ଘଟିଛି। ବାଙ୍କୀ, ସାଲେପୁର, ଆଠଗଡ , କୋରାପୁଟ,ଢେଙ୍କାନାଳ ଓ କଟକର ଭାଣପୁରରେ ପୃଥକ ପୃଥକ ଦୁର୍ଘଟଣାରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ବାଙ୍କୀ ଥାନା ଜାତମୁଣ୍ଡିଆ - ସୁବର୍ଣ୍ଣପୁର ବ୍ରିଜ ଉପରେ ଭାରସାମ୍ୟ ହରାଇ ଗୋରୁ ବୋଝେଇ ପିକଅପ୍ ଭ୍ୟାନ ଓଲଟି ପଡିଥିଲା । ଫଳରେ ୩ ଗାଡିରୁ ୩୫ ଗୋରୁ ଉଦ୍ଧାର ହୋଇଥିଲା। ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି ପୋଲିସ୍। କଟକ ଭାଣପୁରରେ ଦୁଇ ଟ୍ରକ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଦୁଇ ଟ୍ରକ ଡ୍ରାଇଭର ଗୁରୁତର ହୋଇଛନ୍ତି।ସେହିପରି ଆଠଗଡ଼ ଗୁରୁଡ଼ିଝାଟିଆ ଥାନା ଓରନ୍ଦା ଓଭର ବ୍ରିଜ ଉପରେ ଲୁହା ରଡ୍ ବୋଝେଇ ଟ୍ରକକୁ ଧକ୍କା ଦେଇଛି ଚିପ୍ସ ବୋଝେଇ ହାଇୱା। ଦୁର୍ଘଟଣାରେ ହାଇୱା ଡ୍ରାଇଭରର ମୁଣ୍ଡ କଟିଯାଇଥିବା ବେଳେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ଅପରପକ୍ଷେ ସାଲେପୁର ଭାତପଡ଼ାରେ ଦୁଇ ବସ ବେଆଇନ ଭାବେ ରାସ୍ତା ଅତିକ୍ରମ କରିବା ବେଳେ ଦୁର୍ଘଟଣା ଘଟିଛି। ଏଥିରେ ୭ ଯାତ୍ରୀ ଆହତ ହୋଇଛନ୍ତି।ଢେଙ୍କାନାଳ ମୋଟଙ୍ଗା ଜାତୀୟ ରାଜପଥନଂ୫୫ ଠାରେ ଏକ ଅଟକି ଥିବା ଟ୍ରକକୁ ଗୋଟିଏ ଆମ୍ବୁଲାନସ ଧକ୍କା ଦେବା ଫଳରେ ଜଣେ ଆଟେଣ୍ଡାଣ୍ଟଙ୍କ ମୃତ୍ୟୁ ଘଟିଥିବା ବେଳେ ଚାଳକ ଗୁରୁତର ଆହତ ହୋଇଛନ୍ତି। କୋରାପୁଟ ଜିଲ୍ଲାର ସୁଙ୍କି ଘାଟ ଅଞ୍ଚଳରେ ଏକ ବଡ଼ ସଡ଼କ ଦୁର୍ଘଟଣା ଘଟିଛି, ଯେଉଁଠାରେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ର ଏକ ଭଲଭୋ ବସ୍ ପ୍ରାୟ ୫୦ ଫୁଟ ତଳକୁ ଖସି ପଡ଼ିଛି। ଦୁର୍ଘଟଣାରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ଘଟଣାଟି ପ୍ରାୟ ୩:୦୦ ଟା ସମୟରେ ଘଟିଥିଲା। ଭବାନୀପାଟଣାରୁ ବିଶାଖାପାଟଣା ଯାଉଥିବା ଯାତ୍ରୀବାହୀ ବସ୍ ସୁଙ୍କି ଘାଟ ରାସ୍ତାର ଦ୍ୱିତୀୟ ମୋଡ଼ରେ ଏକ ଟ୍ରକ ସହିତ ଧକ୍କା ହୋଇଥିଲା, ଫଳରେ ବସ୍ ନିୟନ୍ତ୍ରଣ ହରାଇ ରାସ୍ତାରୁ ଖସି ପଡ଼ିଥିଲା।ସେମାନଙ୍କ ମଧ୍ୟରୁ ୧୫ ରୁ ୧୮ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଆହତମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ କୋରାପୁଟର ପଟାଙ୍ଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି।



# ଦୁଇ ଗାଡ଼ି ଜାଳିଦେଲେ ଦୁର୍ବୃତ୍ତ

ପୁରୀ,୧୧।୪(ନିପ୍ର): ରାସ୍ତା ମଝିରେ ୨ଟି ଗାଡି ଜାଳି ଦେଇଛନ୍ତି ଦୁର୍ବୃତ୍ତ । ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ତେଇଶିପୁର ଛକ ନିକଟରେ ୨ଟି ଗାଡି ଦୁର୍ବୃତ୍ତ ଜାଳିବା ନେଇ ଘଟଣା ସ୍ଥଳରେ ପିପିଲି ପୋଲିସ ପହଞ୍ଚି ଅନୁଧ୍ୟାନ କରୁଛି । ଜଣେ ଯୁବକକୁ ମାଡ଼ ମାରୁଥିବାର ଭିଡିଓ ଭାଇରାଲ ହୋଇଛି । ସନ୍ଦେହ କରାଯାଉଛି ଯେ ଚୋରା ଗୋଚାଲାଣ କରୁଥିବା ସମୟରେ ଏଭଳି କାଣ୍ଡ ଘଟିଛି । ଘଟଣା ସ୍ଥଳରେ ପିପିଲି ପୋଲିସ ଅନୁସନ୍ଧାନ ଚଳାଇଛି ।

GOVERNMENT OF ODISHA, "e"-PROCUREMENT NOTICE
OFFICE OF THE SUPERINTENDINGENGINEER,
PURI (R&B) DIVISION, PURI
WORKS DEPARTMENT
**Short Tender Call Notice**
34001/51/2627
E-mail: eerbpuri@yahoo.co.in

Bid Identification No. SE (R&B) Puri-01/2026-27

The Superintending Engineer, Puri (R&B) Division, Puri on behalf of Governor of Odisha inviting percentage rate bid in **Double cover/ Single Cover system** in ONLINE MODE form the eligible class of contractors registered with the State Governments and contractors of equivalent Grade/Class registered with Central Government / Railways:

| | | | |
|---|---|---|---|
| 1. | Nature of Work | : | Civil works. |
| 2. | No of Work | : | 5 Nos |
| 3. | Tender Cost | : | Rs.10,000/-, Rs. 4000.00/ Rs. 2000.00 (On-Line) |
| 4. | Class of bidders | : | B / D & C Class |
| 5. | Available of Bid document in the Website | : | From 10.00 AM of Dt.13.04.2026 to Dt.22.04.2026 up to 5.00 PM |
| 6. | Last Date of receipt of tender | : | Dt.22.04.2026 up to 05.00 PM |
| 7. | Date of opening of Bid | : | Dt.23.04.2026 at 11:00 AM |

8. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

OIPR-34001/34064/1/26-27

Superintending Engineer,
Puri (R&B) Division, Puri

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ